ବର୍ଷ-୨୫, ସଂଖ୍ୟା-୨୮୮
ଭୁବନେଶ୍ୱର
୩୦, ଅକ୍ଟୋବର, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 288
Bhubaneswar
30, October, 2025 Thursday
Page-08, Rs.: 2.00


# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଦ.ଆଫ୍ରିକାକୁ ଫାଇନାଲକୁ ନେଲେ ଲୌରା

# ଗଳାବେଳକୁ ଭିଜାଇଲା 'ମୋନ୍ଥା'

ଭୁବନେଶ୍ୱର,୨୯।୧୦(ମହାଭାରତ): ବାତ୍ୟା ମୋନ୍ଥା ଶେଷ ମୁହୂର୍ତ୍ତରେ ଗତିପଥ ବଦଳାଇବାରୁ ଏହାର ପ୍ରଭାବ ବିଶେଷ ଭାବେ ରାଜ୍ୟ ଉପରେ ପଡ଼ିନି। କିନ୍ତୁ ବର୍ଷା ଯୋଗୁ କିଛି ଜିଲ୍ଲାରେ କ୍ଷୟକ୍ଷତି ହୋଇଛି। ବାତ୍ୟା ପ୍ରଭାବରେ ୩୩ଟି ବ୍ଲକ୍, ୧୧ଟି ସହରାଞ୍ଚଳ ଓ ୩୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ଅକ୍ଟୋବର ୩୧ରୁ ରାଜ୍ୟରେ

## ●ଗଜପତି, ଗଞ୍ଜାମ ଓ ମୟୂରଭଞ୍ଜରେ ଅଧିକ ବର୍ଷା
## ●୩୩ ବ୍ଲକ୍, ୧୧ଟି ସହରାଞ୍ଚଳ ଓ ୩୫୮ ଗ୍ରାମ ପ୍ରଭାବିତ



ପାଗ ସ୍ୱାଭାବିକ ହୋଇଯିବ କିନ୍ତୁ ୩୦ ତାରିଖ ଗୁରୁବାରଠାରୁ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।କ୍ଷୟକ୍ଷତି ରିପୋର୍ଟ ମିଳିଲେ ତୁରନ୍ତ ସହାୟତା ପ୍ରଦାନ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା । ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ରହି ବାତ୍ୟା ପରବର୍ତ୍ତୀ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବୈଠକ ପରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ସୌଭାଗ୍ୟର କଥା ହେଉଛି ଯେ ସାଧାରଣ ଲୋକ ଏହି ବାତ୍ୟାକୁ ନେଇ ଚିନ୍ତିତ ଥିଲାବେଳେ ଏହାର ସେଭଳି କୌଣସି ପ୍ରଭାବ ପଡ଼ିନାହିଁ । ଶେଷ ମୁହୂର୍ତ୍ତରେ ବାତ୍ୟା ଏହାର ଦିଗ ବଦଳାଇଲା । ସରକାର ବାତ୍ୟା ପୂର୍ବରୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରାକ୍ ପ୍ରସ୍ତୁତି ଚଳାଇଥିଲେ। ଏହି ସବୁ ବିଭାଗ ଜିଲ୍ଲାୱାରୀ ପ୍ରସ୍ତୁତି ସହ ତୃଣମୂଳ ସ୍ତରରେ କିପରି ବାତ୍ୟାର ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ବିଶଦ ଭାବେ ଯୋଜନା ପ୍ରସ୍ତୁତ କରି ପଦକ୍ଷେପ ନେଇଥିଲେ । ବର୍ତ୍ତମାନ ରାଜ୍ୟର ବିଭିନ୍ନ ଜଳଭଣ୍ଡାରରେ ୮୮ ପ୍ରତିଶତ ଜଳସଂଚୟ ହୋଇ ରହିଥିବାବେଳେ ବର୍ଷାକୁ ଆଖି ଆଗରେ ରଖି ସେହିସବୁ ସ୍ଥାନରେ ଜଳ ପରିଚାଳନାର ବ୍ୟବସ୍ଥା କରାଯାଉଛି । ୩୦ ତାରିଖ ପରଠାରୁ କ୍ଷୟକ୍ଷତିର ଆକଳନ କରାଯାଇ ଆବଶ୍ୟକୀୟ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ବାତ୍ୟା ମୋନ୍ଥା ପରିଚାଳନା କରିବା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନ୍‌ଡିଆରଏଫ୍, ୧୩୩ଟି ଅଗ୍ନିଶମ ବାହିନୀଙ୍କୁ ମିଶାଇ ମୋଟ ୧୬୧ଟି ଦଳ ନିୟୋଜିତ ହୋଇଥିଲେ। ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟ ସ୍ଥଳୀକୁ ଚିହ୍ନଟ କରାଯାଇ ୧୮୭୩୨ ଜଣ ଲୋକଙ୍କୁ ନିରାପଦ ଭାବରେ ସ୍ଥାନାନ୍ତର କରାଯାଇଥିବାବେଳେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଥିଲା । ଏତଦ ବ୍ୟତୀତ ୨୧୯୮ ଜଣ ଆସନ୍ନ ପ୍ରସବା ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଓ ମା'ଗୃହକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା । ଏବେ ସେମାନେ ସେଠାରେ ସୁରକ୍ଷିତ ଅଛନ୍ତି ଏବଂ କେତେକ ମାତୃତ୍ୱ ଲାଭ କରିଛନ୍ତି ।

ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ଅଂଚଳରେ ୬୦ଟି ଡାକ୍ତରୀ ଦଳ ନିୟୋଜିତ କରାଯାଇଥିବାବେଳେ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୩୫ଟି ପଶୁଚିକିତ୍ସା ଦଳ ନିୟୋଜିତ ହୋଇଥିଲେ। ଏହି ବାତ୍ୟାରେ ୩୩ଟି ବ୍ଲକ୍, ୧୧ଟି ସହରାଂଚଳ ଓ ୩୫୮ଟି ଗ୍ରାମ ପ୍ରଭାବିତ ହୋଇଛି । ୩୬୨ଟି ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇ ୧୮୭୩୨ ଜଣ ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । ଶକ୍ତି ବିଭାଗ ପକ୍ଷରୁ ବାତ୍ୟା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇଦେବା ପାଇଁ ପୂର୍ବ ପ୍ରସ୍ତୁତି କରାଯାଇଥିଲା ଏବଂ ଯେଉଁ ସ୍ଥାନରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଥିଲା ସେସବୁକୁ ପୁନଃସଂସ୍ଥାପିତ ଓ ସ୍ୱାଭାବିକ କରାଯାଇପାରିଛି। ଯେଉଁଠାରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା, ସେଠାରେ ତୁରନ୍ତ ଗଛ କାଟି ରାସ୍ତା ସଫା କରାଯାଇଛି । ୩୧ ତାରିଖ ବେଳକୁ ପରିସ୍ଥିତି ସ୍ୱାଭାବିକ ହୋଇଯିବ ।

ଗତ ୨୪ ଘଣ୍ଟାରେ ଗଜପତି ଜିଲ୍ଲାର ଗୋଷାଣୀ ବ୍ଲକ୍‌ରେ ସର୍ବାଧିକ ୧୫୦.୫ ମିମି ବର୍ଷା ରେକର୍ଡ କରାଯାଇଛି । ଗଜପତି ଜିଲ୍ଲାର ଦୁଇଟି ବ୍ଲକ୍ ଯଥା- ରାୟଗଡ଼ରେ ୧୧୯.୮ ମିମି, ମୋହନାରେ ୧୦୬ ମିମି, ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକ୍ ରେ ୧୧୭.୪ ମିମି, ମୟୂରଭଞ୍ଜର ଉଦଳା ବ୍ଲକ୍ ରେ ୧୦୫ ମିମି ବର୍ଷା ରେକର୍ଡ କରାଯାଇଛି, ଯାହାକି ୧୦୦ ମିମିରୁ ଅଧିକ । ଏହା ବ୍ୟତୀତ ୫୬ଟି ବ୍ଲକ୍ ଏବଂ ସହରାଞ୍ଚଳରେ ୫୦ ମିମିରୁ ୧୦୦ ମିମି ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇଛି ବୋଲି ମନ୍ତ୍ରୀ ପୂଜାରୀ ପ୍ରକାଶ କରିଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହିଲେ ଯେ ସରକାର ବାତ୍ୟା ପୂର୍ବରୁ ସମସ୍ତ ପ୍ରକାର ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଥିଲେ । ନିୟମିତ ଭାବେ ଜିଲ୍ଲାପାଳ ଓ ସମସ୍ତ ବିଭାଗର ସଚିବମାନଙ୍କ ସହିତ ବୈଠକ କରି ଏହି ପୂର୍ବପ୍ରସ୍ତୁତିର ସମୀକ୍ଷା କରିଥିଲେ। ଫଳରେ ଧନଜୀବନ ହାନୀ ରୋକାଯାଇପାରିଛି ।

# ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ



**ଭୁବନେଶ୍ୱର୨୯।୧୦(ମହାଭାରତ):** ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଆଜି ପୁଣି ଥରେ ଉପବାସରେ ରହିବାକୁ ପଡ଼ିଛି। ପ୍ରଶାସନିକ ବ୍ୟବସ୍ଥା ଏବଂ ସେବାୟତଙ୍କର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହୁ ନଥିବାରୁ ଏହିଭଳି ଅଭାବନୀୟ ଘଟଣା ପୁଣି ଥରେ ଉପୁଜିଛି, ଯେଉଁଥି ପାଇଁ ଶ୍ରଦ୍ଧାଳୁଙ୍କ ମନକୁ କୁଠାରାଘାତ ଲାଗିଛି। ପବିତ୍ର କାର୍ତ୍ତିକ ମାସରେ ଏଭଳି ଅପ୍ରୀତିକର ଘଟଣାକୁ ଭକ୍ତମାନେ ତୀବ୍ର ନିନ୍ଦା କରୁଛନ୍ତି। ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ନୀତିକାନ୍ତିକୁ ଆଜି ପାଳି ଥିବା ସମର୍ଥା ନିଯୋଗ ସେବାୟତମାନେ ବନ୍ଦ କରିଛନ୍ତି ଆଜି ସକାଳୁ ସାହାଣ ମେଲା, ସୂର୍ଯ୍ୟପୂଜା ପରେ ଦ୍ୱାରପାଳ ପୂଜା ପରଠୁ ନୀତିକାନ୍ତି ବନ୍ଦ ରହିଛି ଫଳରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଖାଡ଼ା ଉପାସରେ ରହିବାକୁ ପଡ଼ିଛି ।ମହାପ୍ରଭୁଙ୍କ ଠାରେ ଭୋଗ ଲାଗି ହୋଇ ନଥିବାରୁ ହଜାର ହଜାର ହବିଶ୍ୟାଳି ପ୍ରସାଦ ପାଇପାରି ନାହାଁନ୍ତି।ମନ୍ଦିର ପ୍ରଶାସନ ବିବାଦରେ ହସ୍ତକ୍ଷେପ କଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଉଛି ।

ଚଳିତ ବର୍ଷ ମଧ୍ୟ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଶିବ ପବିତ୍ରାରୋପଣ ନୀତି ବନ୍ଦ ହୋଇଯାଇଥିଲା ଫଳରେ ପ୍ରଭୁଙ୍କୁ ପଇତାଲାଗି ହୋଇପାରି ନଥିଲା ।ରକ୍ଷାବନ୍ଧନ ପର୍ବରେ ସାଧାରଣ ଲୋକେ ପଇତା ପିନ୍ଧନ୍ତି, ଅଥଚ ପ୍ରଭୁ ଶ୍ରୀଲିଙ୍ଗରାଜ ପଇତା ପିନ୍ଧିପାରି ନଥିଲେ ପ୍ରାୟ ୫ବର୍ଷ ହେଲା ଲାଗି ରହିଥିବା ସେବାୟତଙ୍କ ବିବାଦର ସମାଧାନ ହୋଇ ନଥିବାରୁ ଏଭଳି ସ୍ଥିତି ଉପୁଜିଥିଲା। ପ୍ରଭୁ ଲିଙ୍ଗରାଜଙ୍କ ଅନ୍ୟତମ ମୁଖ୍ୟ ନୀତି ବନ୍ଦ ହୋଇଯିବାରୁ ଶ୍ରଦ୍ଧାଳୁମାନଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ରାଖୀ ପୂର୍ଣ୍ଣିମା ଅବ୍ୟବହିତ ପୂର୍ବରୁ ପ୍ରଥା ଓ ପରମ୍ପରା ଅନୁସାରେ ଶିବ ପବିତ୍ରାରୋପଣ ନୀତି ପାଳିତ ହୋଇଥାଏ।



ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଜାତୀୟ ପଛୁଆ ବର୍ଗ କମିଶନର ଅଧ୍ୟକ୍ଷ ହଂସ୍ ରାଜ୍ ଗଙ୍ଗାରାମ ଅହିଁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ରାଫେଲ ଉଡ଼ାଇଲେ ମହାମହିମ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୨୯।୧୦:** ଭାରତୀୟ ସଶସ୍ତ୍ର ବାହିନୀର ସର୍ବୋଚ୍ଚ କମାଣ୍ଡର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅମ୍ବାଲା ଏୟାରବେସରୁ ରାଫେଲ ଯୁଦ୍ଧ ବିମାନରେ ଉଡ଼ାଣ ଭରି ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କ ସହିତ ବାୟୁସେନା ମୁଖ୍ୟ ଏୟାର ଚିଫ ମାର୍ଶାଲ ଏ.ପି. ସିଂହ ମଧ୍ୟ ଅନ୍ୟ ଏକ ବିମାନରେ ଉଡ଼ିଥିଲେ। ଏହା ପୂର୍ବରୁ ରାଷ୍ଟ୍ରପତି ମୁର୍ମୁ ଆସମର ତେଜପୁର ଏୟାର ଫୋର୍ସ ଷ୍ଟେସନରୁ ସୁଖୋଇ-୩୦ ଏମକେଆଇ ଫାଇଟର ବିମାନରେ ଉଡ଼ିଥିଲେ।

ବୁଧବାର ସକାଳେ ରାଷ୍ଟ୍ରପତି ମୁର୍ମୁ ହରିୟାଣାର ଅମ୍ବାଲା ଏୟାରଫୋର୍ସ ଷ୍ଟେସନରେ ପହଞ୍ଚିଥିଲେ, ଯେଉଁଠାରେ ଏୟାର ଚିଫ ମାର୍ଶାଲ ଏ.ପି. ସିଂହ ସହିତ ଅନେକ ଅଧିକାରୀ ଉପସ୍ଥିତ ଥିଲେ। ତିନୋଟି ସେନା ବାହିନୀର ସର୍ବୋଚ୍ଚ କମାଣ୍ଡର ରାଷ୍ଟ୍ରପତିଙ୍କୁ ସେଠାରେ ଗାର୍ଡ ଅଫ ଅନର୍ ଦିଆଯାଇଥିଲା। ତାପରେ ସେ ରାଫେଲ ବିମାନରେ ବସି ଅମ୍ବାଲାର ଆକାଶରେ ଉଡ଼ାଣ ଭରିଥିଲେ। ରାଷ୍ଟ୍ରପତିଙ୍କୁ ଆକାଶରେ ନେଇଯାଇଥିବା ବିମାନର ପାଇଲଟ୍ ଥିଲେ ଗ୍ରୁ କ୍ୟାପଟେନ ଅମିତ ଗେହାନୀ, ଯିଏ ଭାରତୀୟ ବାୟୁ ସେନାର ୧୭ ସ୍କ୍ୱାଡ୍ରନ 'ଗୋଲଡ୍ଡେନ ଏରୋ'ର କମାଣ୍ଡିଂ ଅଫିସର୍ (ସିଓ) ଅଟନ୍ତି।



ଏହା ପୂର୍ବରୁ ୮ ଏପ୍ରିଲ ୨୦୨୩ ତାରିଖରେ ରାଷ୍ଟ୍ରପତି ମୁର୍ମୁ ଅସମର ତେଜପୁର ଏୟାର ଫୋର୍ସ ଷ୍ଟେସନରୁ ସୁଖୋଇ-୩୦ ଏମକେଆଇ ଫାଇଟର ବିମାନରେ ଉଡ଼ିଥିଲେ। ଏହା ସହିତ ସେ ଯୁଦ୍ଧ ବିମାନରେ ଉଡ଼ାଣ ଭରିଥିବା ତୃତୀୟ ରାଷ୍ଟ୍ରପତି ଏବଂ ଦ୍ୱିତୀୟ ମହିଳା ରାଷ୍ଟ୍ରପତି ହୋଇଛନ୍ତି। ଏହା ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କଲାମ ଏବଂ ପ୍ରତିଭା ପାଟିଲ ମଧ୍ୟ ସୁଖୋଇ-୩୦ ଏମକେଆଇ ବିମାନରେ ଉଡ଼ାଣ ଭରିଥିଲେ। ଉଡ଼ାଣ ଭରିବା ପରେ ରାଷ୍ଟ୍ରପତି କହିଛନ୍ତି ଯେ, "ଶକ୍ତିଶାଳୀ ରାଫେଲ ବିମାନରେ ମୋର ପ୍ରଥମ ଉଡ଼ାଣ ଦେଶର ପ୍ରତିରକ୍ଷା କ୍ଷମତା ପ୍ରତି ଗର୍ବ ଓ ଆତ୍ମସମ୍ମାନର ନୂତନ ଭାବନା ସୃଷ୍ଟି କରିଛି। ରାଷ୍ଟ୍ରପତିଙ୍କୁ ରାଫେଲ ଓ ଭାରତୀୟ ବାୟୁ ସେନାର କାର୍ଯ୍ୟକ୍ଷମତା ଓ ସଞ୍ଚାଳନ ସମ୍ବନ୍ଧୀୟ ସୂଚନା ମଧ୍ୟ ଦିଆଯାଇଥିଲା।

# ପୁଟିନଙ୍କ ପରୀକ୍ଷାରେ ଆମେରିକା ଓ ନାଟୋ ସ୍ତବ୍ଧ

ମସ୍କୋ,୨୯।୧୦: ଭ୍ଲାଡିମିର ପୁଟିନ ପୋସେଡନ୍ ସୁପର ଟର୍ପେଡୋର ସଫଳ ପରୀକ୍ଷଣ କରିଛନ୍ତି। ଏହା ଏକ ପରମାଣୁ ଶକ୍ତି ସମ୍ପନ୍ନ ଉପକରଣ ଯାହାର ବିକିରଣ ଜନିତ ସୁନାମି ଉପକୂଳବର୍ତ୍ତୀ ସହରଗୁଡ଼ିକୁ ଧ୍ୱଂସ କରିବାକୁ ସକ୍ଷମ ଆମେରିକା ଏବଂ ନାଟୋ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଏହା ସମଗ୍ର ବିଶ୍ୱକୁ ଥରାଇ ଦେବ ପୁଟିନ ଘୋଷଣା କରିଛନ୍ତି ଯେ, ରୁଷିଆ। ପୋସେଡନ୍ ସୁପର ଟର୍ପେଡୋର ସଫଳ ପରୀକ୍ଷଣ କରିଛି। ଯାହା ଗୋଟିଏ ଝଟ୍‌କାରେ ଅନେକ ଉପକୂଳ ସହରକୁ ସମୁଦ୍ରରେ ବୁଡ଼ାଇ ଦେଇପାରେ। ଆକାଶରେ କିମ୍ବା ସ୍ଥଳଭାଗରେ ପରମାଣୁ ବିସ୍ଫୋରଣ କରାଯାଉଥିବାବେଳେ ରୁଷିଆର ପୋସେଡନ୍ ସୁପର ଟର୍ପେଡୋ ସମୁଦ୍ରରେ ବିସ୍ଫୋରଣ କରାଯିବ। ଏହା ସୁନାମି ପରି ତରଙ୍ଗ ସୃଷ୍ଟି କରିବ ।ଯାହା ଏକକାଳୀନ ଅନେକ ଉପକୂଳ ସହରକୁ ଧ୍ୱଂସ କରିବାକୁ ସକ୍ଷମ ହେବ। ଏହା ଏକ ଅଦୃଶ୍ୟ ରାକ୍ଷସ ପରି ମେସିନ ଏହାର ଗତି ଏତେ ଦ୍ରୁତ ଯେ, କେହି ଏହାକୁ ଧରିପାରିବେ ନାହିଁ। ପୁଟିନ ଏହାକୁ ଏପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ସବୁଠାରୁ ଘାତକ ଅସ୍ତ୍ର ଭାବରେ ବର୍ଣ୍ଣନା କରି କହିଛନ୍ତି ସେ କହିଛନ୍ତି, ଏହା ଆମର ଶତ୍ରୁମାନଙ୍କ ପାଇଁ ଶେଷ ଚେତାବନୀ। ଯଦି ସେମାନେ ରୁଷିଆକୁ ଉସୁକାଇବ, ତେବେ ସେମାନେ ସମୁଦ୍ରରେ ବୁଡ଼ିଯିବେ। ପୁଟିନଙ୍କ ଏଭଳି ମନ୍ତବ୍ୟ ଆମେରିକା ଏବଂ ନାଟୋକୁ ସ୍ତବ୍ଧ କରିଦେଇଛି।

# ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା

**ବଲାଙ୍ଗୀର,୨୯।୧୦ (ମହାଭାରତ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ଗଏଲପିଟା ନିକଟରେ ଥିବା ଏକ କପା କିଆରୀରେ ଜନୈକା ଯୁବତୀଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି। ବୁଧବାର ସକାଳୁ କିଛି ଛେଳି ଚରାଳି ଛେଳି ଚରାଇବାକୁ ଯାଇଥିବାବେଳେ ଯୁବତୀଙ୍କ ମୃତଦେହ ଦେଖି ଆସି ଗାଁରେ କହିଥିଲେ। ପରେ ଜମି ମାଲିକ ସ୍ଥାନୀୟ ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ସାଇଂଟିଫିକ୍ ଟିମ୍ ଆସି ତଦନ୍ତ କରିବା ବେଳେ ଘଟଣାକୁ ନେଇ ସନ୍ଦେହରେ କିଛି ଲୋକଙ୍କୁ ପଚରାଉଚରା କରୁଛି ପୋଲିସ।

# ସନାତନ ସଂସ୍କୃତିକୁ ଅପମାନିତ କରିଛି କଂଗ୍ରେସ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୯।୧୦(ମହାଭାରତ):** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ବିହାରର ପବିତ୍ର ଭୂମିରୁ ଲୋକ ଆସ୍ଥାର ମହାପର୍ବ ଛଠ୍ ପ୍ରତି ଅପମାନଜନକ ମନ୍ତବ୍ୟ ଦେବା କୋଟି କୋଟି ଶ୍ରଦ୍ଧାଳୁଙ୍କ ଭାବନା ଉପରେ ଗଭୀର ଆଘାତ ଦେଇଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ବିହାରର ବିଜେପି ନିର୍ବାଚନ ପ୍ରଭାରୀ ଦାୟିତ୍ୱରେ ଥିବା ଧର୍ମେନ୍ଦ୍ର ପ୍ରଧାନ।



ସେ କହିଛନ୍ତି ରାହୁଲ ଗାନ୍ଧୀଙ୍କର ଏହି ମନ୍ତବ୍ୟ ସ୍ପଷ୍ଟ ଭାବରେ ସନାତନ ସଂସ୍କୃତି ପ୍ରତି ତାଙ୍କର ଘୃଣା ଏବଂ ମନୋଭାବକୁ ଦର୍ଶାଉଛି । ଏହା ସହିତ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୁଦ୍ଧରେ କଂଗ୍ରେସର ଘୃଣା ଏବଂ ରାଜନୈତିକ ହତାଶାଭାବକୁ ମଧ୍ୟ ଉଜାଗର କରୁଛି । ନିଜର ସାମନ୍ତବାଦୀ ଚିନ୍ତାଧାରା, ରାଜନୈତିକ କୁଣ୍ଠା ଏବଂ ଆସନ୍ନ ପରାଜୟର ଭୟରେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ଏହା ସେହି ମାନସିକତା, ଯାହା ପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ପୂଜ୍ୟ ମାତାଙ୍କ ପ୍ରତି ଏଭଳି ଅପମାନସୂଚନ ମନ୍ତବ୍ୟ ଦିଆଯାଇଥିଲା ।

ରାହୁଲ ଗାନ୍ଧୀ, ତେଜସ୍ୱୀ ଯାଦବ ଏବଂ ସେମାନଙ୍କର ମେଣ୍ଟ ସବୁବେଳେ ବିହାରରେ ଜଙ୍ଗଲରାଜକୁ ପ୍ରୋତ୍ସାହନ ଦେଇ ବିହାରର ଗରିବ, କୃଷକ, ମହିଳା ଏବଂ ଯୁବକମାନଙ୍କ ଆକାଂକ୍ଷାକୁ ଦାବିବା ପାଇଁ କାର୍ଯ୍ୟ କରିଛନ୍ତି। ଆଜି ସେମାନେ ନିର୍ବାଚନରେ ସ୍ପଷ୍ଟ ପରାଜୟର ବ୍ୟଗ୍ରତାରେ ଏଭଳି ହୀନ ଭାଷା ପ୍ରୟୋଗ କରୁଛନ୍ତି । ତେବେ, ବିହାରର ଜନତା ପରିବାରବାଦ ଏବଂ ଘୃଣାର ରାଜନୀତି ବଦଳରେ କେବଳ ବିକାଶ ଓ ସୁଶାସନ ଚାହୁଁଛନ୍ତି।ତେଣୁ, ରାହୁଲ ଗାନ୍ଧୀ ଛଠ୍ ମହାପର୍ବ ଏବଂ ପ୍ରଧାନମନ୍ତ୍ରୀଙ୍କୁ ନେଇ ଦେଇଥିବା ଏହି ଅପମାନଜନକ ତଥା ମର୍ଯ୍ୟାଦାହୀନ ବୟାନ ପାଇଁ ତୁରନ୍ତ ବିହାର ଏବଂ ସମଗ୍ର ଦେଶର ଜନସାଧାରଣଙ୍କ ନିକଟରେ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀ ପ୍ରଧାନ ଦାବି କରିଛନ୍ତି ।

# ଦ୍ରୁତ ଅଭିବୃଦ୍ଧିରେ ଦେଶର ସାମୁଦ୍ରିକ କ୍ଷେତ୍ର ପ୍ରଧାନମନ୍ତ୍ରୀ

**ମୁମ୍ବାଇ,୨୯।୧୦(ପିଆଇବି):** ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ମୁମ୍ବାଇଠାରେ ଇଣ୍ଡିଆ ମେରିଟାଇମ୍ ଓ୍ୱିକ୍ ବା ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ କାର୍ଯ୍ୟକ୍ରମ ଅନ୍ତର୍ଗତ ମେରିଟାଇମ୍ ଲିଡର୍ସ କନକ୍ଲେଭ (ସାମୁଦ୍ରିକ ନେତୃବର୍ଗଙ୍କ ସମ୍ମିଳନୀ)କୁ ସମ୍ବୋଧିତ କରିଛନ୍ତି। ସେ ମଧ୍ୟ ବିଶ୍ୱ ସାମୁଦ୍ରିକ କ୍ଷେତ୍ରର ବରିଷ୍ଠ ପଦାଧିକାରୀଙ୍କୁ ନେଇ ଆୟୋଜିତ ମଞ୍ଚ ଗ୍ଲୋବାଲ୍ ମେରିଟାଇମ୍ ସିଇଓ ଫୋରମର ଅଧ୍ୟକ୍ଷତା କରିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଗ୍ଲୋବାଲ୍ ମେରିଟାଇମ୍ ଲିଡର୍ସ କନକ୍ଲେଭରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ସେ କହିଥିଲେ, ଏହି କାର୍ଯ୍ୟକ୍ରମ ୨୦୧୬ରେ ମୁମ୍ବାଇରେ ଆରମ୍ଭ ହୋଇଥିଲା। ଏହା ବର୍ତ୍ତମାନ ଏକ ବିଶ୍ୱସ୍ତରୀୟ ଶିଖର ସମ୍ମିଳନୀରେ ପରିଣତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଖୁସି ପ୍ରକାଶ କରିଥିଲେ ୮୫ରୁ ଅଧିକ ଦେଶର ଅଂଶଗ୍ରହଣ ଏକ ଦୃଢ଼ ବାର୍ତ୍ତା ଦେଉଛି ବୋଲି ଶ୍ରୀ ମୋଦୀ ଆଲୋକପାତ କରି କହିଥିଲେ ସେ କାର୍ଯ୍ୟକ୍ରମରେ ଏକତ୍ରିତ ହୋଇଥିବା ପ୍ରମୁଖ ଜାହାଜ କମ୍ପାନୀ, ଷ୍ଟାର୍ଟଅପ୍, ନୀତି ନିର୍ଦ୍ଧାରକ ଏବଂ ନବସୃଜନକାରୀଙ୍କ ସିଇଓଙ୍କ ଉପସ୍ଥିତି ବିଷୟରେ ଉଲ୍ଲେଖ କରିଥିଲେ। ସେ କ୍ଷୁଦ୍ର ଦ୍ୱୀପ ରାଷ୍ଟ୍ରର ପ୍ରତିନିଧିମାନଙ୍କ ଉପସ୍ଥିତିକୁ ପ୍ରଶଂସା କରି କହିଥିଲେ, ସେମାନଙ୍କର ସାମୂହିକ ଦୃଷ୍ଟିକୋଣ ଶିଖର ସମ୍ମିଳନୀର ସମନ୍ୱୟ ଏବଂ ଶକ୍ତିକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଏହି ସମ୍ମିଳନୀ ସମୟରେ ଜାହାଜ ଚଳାଚଳ କ୍ଷେତ୍ର ସହ ଜଡିତ ଅନେକ ପ୍ରକଳ୍ପ ଆରମ୍ଭ ହୋଇଥିବା ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ, ଜାହାଜ ଚଳାଚଳ କ୍ଷେତ୍ରରେ ଲକ୍ଷ ଲକ୍ଷ କୋଟି ଟଙ୍କାର ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ଏହା ଭାରତର ସାମୁଦ୍ରିକ କ୍ଷମତା ପ୍ରତି ବିଶ୍ୱସ୍ତରୀୟ ବିଶ୍ୱାସକୁ ପ୍ରତିଫଳିତ କରେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ଉପସ୍ଥିତି ସେମାନଙ୍କର ସାଧାରଣ ପ୍ରତିବଦ୍ଧତାର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏକବିଂଶ ଶତାବ୍ଦୀରେ, ଭାରତର ସାମୁଦ୍ରିକ କ୍ଷେତ୍ର ଦ୍ରୁତ ଗତି ଏବଂ ଶକ୍ତି ସହିତ ଆଗକୁ ବଢ଼ୁଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ସେ କହିଥିଲେ, ୨୦୨୫ ବର୍ଷ ଏହି କ୍ଷେତ୍ର ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରମୁଖ ସଫଳତା ହାସଲ କରିଛି। ଭାରତର ପ୍ରଥମ ଗଭୀର ଜଳ ଅନ୍ତର୍ଜାତୀୟ ଟ୍ରାନ୍ସ-ସିପମେଣ୍ଟ ହବ୍, ଭିଜିଞ୍ଜାମ ବନ୍ଦର ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇଛି। ସେ ଆହୁରି ଉଲ୍ଲେଖ କରିଥିଲେ ଯେ, ବିଶ୍ୱର ସର୍ବବୃହତ କଣ୍ଟେନର ଜାହାଜ ସମ୍ପ୍ରତି ବନ୍ଦରରେ ପହଞ୍ଚିଛି, ଯାହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ପ୍ରଧାନମନ୍ତ୍ରୀ କହିଥିଲେ, ୨୦୨୪-୨୫ରେ, ଭାରତର ପ୍ରମୁଖ ବନ୍ଦରଗୁଡ଼ିକ ସର୍ବାଧିକ ମାଲ ପରିବହନ କରିଛନ୍ତି, ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ପ୍ରଥମ ଥର ପାଇଁ ଏକ ଭାରତୀୟ ବନ୍ଦର ଏକ ମେଗାୱାଟ-ସ୍କେଲ ସ୍ୱଦେଶୀ ସବୁଜ ହାଇଡ୍ରୋଜେନ ସୁବିଧା ଆରମ୍ଭ କରିଛି। ଏହା ହେଉଛି କାଣ୍ଡଲା ବନ୍ଦର ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ଜେଏନପିଟିରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରାଯାଇଛି, ଯେଉଁଠାରେ ଭାରତ ମୁମ୍ବାଇ କଣ୍ଟେନର ଟର୍ମିନାଲର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏହା ଟର୍ମିନାଲର ପରିଚାଳନା କ୍ଷମତାକୁ ଦ୍ୱିଗୁଣିତ କରିଛି, ଏହାକୁ ଭାରତର ସର୍ବବୃହତ କଣ୍ଟେନର ବନ୍ଦର କରିଛି।




# ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କଲେ ୭୨ ମାଓବାଦୀ

ରାୟପୁର,୨୯।୧୦(ମହାଭାରତ): ମାଓଯୁଗର ଅନ୍ତିମ ହେବାକୁ ଯାଉଛି। ଜଙ୍ଗଲକୁ ଛି କରି ଅସ୍ତ୍ର ଛାଡୁଛନ୍ତି ମାଓବାଦୀ। ଆଉ ଅନ୍ଧାରୀ ଜଙ୍ଗଲରୁ ବାହାରି ସହର ମୁହାଁ ହେବା ସହ ଆତ୍ମସମର୍ପଣ କରିଛନ୍ତି ୭୨ ନକ୍ସଲ। ଛତିଶଗଡରେ ଦିନକରେ ୭୨ ମାଓବାଦୀ ଅସ୍ତ୍ର ତ୍ୟାଗ କରିଛନ୍ତି ଆଉ ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି।

ତେବେ ସୀମାବର୍ତ୍ତୀ ଜିଲ୍ଲା ଛତିଶଗଡରେ ମାଓବାଦର ମୂଳପୋଛ ପାଇଁ ଅପରେସନ ଚାଲିଥିବା ବେଳେ ମାଓ ନିପାତ ପାଇଁ ବିଭିନ୍ନ ସମୟରେ ଆକ୍ସନ ହେଉଛି ଆଉ ଜୀବନ ବିକଳରେ ମାଓବାଦୀମାନେ ଆତ୍ମସମର୍ପଣ କରୁଛନ୍ତି । ଏହି କ୍ରମରେ ଆଜି ବସ୍ତର ଡିଭିଜନର କାଂକେର ଜିଲ୍ଲାରେ ୨୧ ମାଓବାଦୀ ଅସ୍ତ୍ର ତ୍ୟାଗ କରିବା ସହ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କୁ ସ୍ୱାଗତ କରିବା ପାଇଁ ରେଡ୍ କାରପେଟ୍ ବିଛାହେବା ସହ ଆଇଜି ତାଙ୍କୁ ସମ୍ବିଧାନର ବହି ଉପହାର ଦେଇଛନ୍ତି । ସେପଟେ ଛତିଶଗଡ ବିଜାପୁର ଠାରେ ୫୧ ମାଓବାଦୀ ଅସ୍ତ୍ରତ୍ୟାଗ କରି ଆତ୍ମସମର୍ପଣ କରିଛନ୍ତି । ବିଜାପାରୁ ପୁଲିସ ନକଟରେ ବନ୍ଧୁକ ସମର୍ପଣ କରିଛନ୍ତି ମାଓବାଦୀ । ଦକ୍ଷିଣ ବସ୍ତର ଅଂଚଳରେ ସକ୍ରୀୟ ହିଡମା ବାଟାଲିୟନର ଅନେକ ସଦସ୍ୟଙ୍କ ଅସ୍ତ୍ରତ୍ୟାଗ କରିବା ପରେ ପୋଲିସ ଏବଂ ସୁରକ୍ଷା ବଳକୁ ଏକ ବଡ ସଫଳତା ମିଳିଛି । ଆତ୍ମସମର୍ପଣ କରିଥିବା ୭୨ ମାଓବାଦୀଙ୍କ ମଧ୍ୟରୁ ଅନେକ ମହିଳା ମାଓବାଦୀ ଅଛନ୍ତି ।'ତେବେ ଚଳିତ ମାସ ଆରମ୍ଭରୁ ୨୦୮ ଜଣ ମାଓବାଦୀ ଜଗଦଲପୁରରେ ଆତ୍ମସମର୍ପଣ କରିଥିବା ବେଳେ ଲଗାତାର କିଛି ମାସ ହେବ ମାଓବାଦୀଙ୍କ ଉପରେ ଆଖିବୁଜା ଆକ୍ସନ ପରେ ମାଓବାଦୀଙ୍କ ଶିବିରରେ କମ୍ପନ ଦେଖିବାକୁ ମିଳିଛି ।

# କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାଣିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



..... ପରଦା ଖବର ......

# ଚର୍ଚ୍ଚାରେ ବିବେକ ଓବେରୟ

ନିତେଶ ତିୱାରୀଙ୍କ ରାମାୟଣ ଫିଲ୍ମ ଘୋଷଣା ହେବା ପରଠାରୁ ବିବେକ ଓବେରୟ ଖବରରେ ରହିଛନ୍ତି । ଏହି ଫିଲ୍ମକୁ ନେଇ ପ୍ରତିଦିନ ନୂଆ ନୂଆ ଅପଡେଟ୍ ମଧ ସାମ୍ନାକୁ ଆସୁଛି । ଯେଉଁଥିରେ ବିବେକ ଓବେରୟ ନିତେଶ ତିୱାରୀ ମୁଖ୍ୟ ଭୂମିକାରେ ନଜର ଆସିବାକୁ ଯାଉଛନ୍ତି । ଏହି ଫିଲ୍ମର ୪୦୦୦ କୋଟି ଟଙ୍କା ଫିସ୍ ଦାନ କରିବେ ବୋଲି ବିବେକ କହିଛନ୍ତି । ଯାହାକୁ ନେଇ ସେ ଏବେ ଚର୍ଚ୍ଚାରେ ରହିଛନ୍ତି ।ସେ ଏହି ଫିଲ୍ମରୁ କାହିଁକି ଟଙ୍କା ନେବେ ନାହିଁ ସେ ସମ୍ପର୍କରେ ସ୍ପଷ୍ଟୀକରଣ



ରଖିଛନ୍ତି । ସେ ପ୍ରଡ୍ୟୁସର ନମିତ ମଲହୋତ୍ରାଙ୍କୁ କହିଥିଲେ ଯେ, ସେ ଏହି ଫିଲ୍ମରୁ ଗୋଟିଏ ବି ଟଙ୍କା ନେବେ ନାହିଁ ।ଏଥିସହ ତାଙ୍କ ଫିସ୍ କର୍କଟ ରୋଗରେ ପୀଡିତ ଥିବା ପିଲାଙ୍କୁ ସାହାଯ୍ୟ କରିବାରେ ବ୍ୟବହାର କରାଯାଉ ବୋଲି ମଧ ସେ କହିଥିଲେ ।ଏହା ବ୍ୟତୀତ ସେ ଆହୁରି ମଧ କହିଛନ୍ତି ଯେ, ରାମାୟଣ ହଲିଉଡକୁ ଭାରତର ଏକ ଉତ୍ତର । ଏହା ଏପରି ଏକ କମ୍ପାନୀ ସହିତ ଜଡିତ ଯାହା ଠରଢ ପାଇଁ ୭ ରୁ ୮ଟି ଅସ୍କାର ଜିତିଛି । ଏହି ଫିଲ୍ମରେ ସେ କାମ କରିବା ସହିତ ପ୍ରଯୋଜକଙ୍କ ସହ ଖୁବ୍ ମଜାମସ୍ତି ମଧ କରିଛନ୍ତି । ବିବେକଙ୍କ ସମେତ ଏହି ଫିଲ୍ମରେ ରଣବୀର କପୁର ରାମ ଭୂମିକାରେ,ୟଶ ଚୋପ୍ରା ରାବଣ ଭୂମିକାରେ, ସାଇ ପଲ୍ଲବୀ ସୀତା ଭୂମିକାରେ ସନ୍ନି ଦେଓଲ ହନୁମାନ ଏବଂ ରବି ଦୁବେ ଲକ୍ଷ୍ମଣ ଭୂମିକାରେ ନଜର ଆସିବାକୁ ଯାଉଛନ୍ତି । ଯଦି ଏହି ଫିଲ୍ମର ରିଲିଜ କଥା କୁହାଯିବ ତେବେ ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳିର ଏବଂ ଦ୍ୱିତୀୟ ପାର୍ଟ ୨୦୨୭ ରେ ରିଲିଜ ହେବ ।

# ବାତ୍ୟା

ହେଲେ ଅକ୍ଟୋବର ବାତ୍ୟାର ଛନକା
ଓଡ଼ିଶା ବାସୀଙ୍କ ମନେ,
ମହାବାତ୍ୟାର ସେ କରାଳ ରୁପଟା
ଭୁଲି କେ ପାରିବ ଦିନେ !!
କେତେ ଜୀବଜନ୍ତୁ ମଣିଷ ଜୀବନ
ଅକାଳ ରେ ଗଲା ଚଳି ,
କୁଢ଼କୁଢ଼ ଶବ ଫାଟିଲା ଦୁର୍ଗନ୍ଧ
କେମିତି କେ ଯିବ ଭୁଲି!!
ତଟକୂଳବର୍ତୀ ଗାଁ ବୁଡିଗଲା
ମହାବାତ୍ୟା ପ୍ରଭାବରେ ,,
କେହିକାହା ମୁହଁ ଦେଖିପାରିଲେନି
ଭାସିଗଲେ ଜୁଆରରେ !!
ତିତିଲି, ଅମ୍ପାନ୍, ଫନି ହୁଡ଼ହୁଡ
ଆସିଲେ ପଛକୁ ପଛ,,
ଭାଙ୍ଗିଦେଇ ଗଲେ କେତେ ଘରଦ୍ୱାର
କେତେ ବଡ଼ବଡ଼ ଗଛ!!
ମଣିଷର ଦୁଃଖ ଦୁର୍ଦ୍ଦଶା ସରିନି
ମନ୍ଥା ଆସିଲାଣି ମାଡ଼ି,,
ଟିଭି ଠୁ ମିଡ଼ିଆ ପ୍ରଚାର ପ୍ରସାର
ସତର୍କ ଘଡିକୁ ଘଡି!;
ମହାବାତ୍ୟା ଠାରୁ ଅଧିକ ହୋଇବ
କୁହନ୍ତି ଜ୍ଞାନୀ ବିଜ୍ଞାନୀ,,
ଓଡିଶା ବାସୀଙ୍କ ଛାତିରେ ଛନକା
ଏବେଠାରୁ ପଶିଲାଣି !!
ଛଅଟି ଜିଲ୍ଲାକୁ ପ୍ରଭାବ ପଡ଼ିବ
କହୁଥିଲେ ଅଧିକାରୀ ;;
ସ୍କୁଲ୍ କଲେଜ୍ ଛୁଟି ହୋଇଗଲା
ମନ୍ଥା ପ୍ରଭାବ କୁ ଡରି !!
ସବୁ କର୍ମଚାରୀ ଛୁଟିକୁ ବାତିଲ୍
କରିଦେଲେ ସରକାର,,
ରିଲିଫ୍ ସାମଗ୍ରୀ ମହଜୁଦ ରଖ
କହିଦେଲେ ଜିଲ୍ଲାପାଳ !!
ଅଠେଇସି ରେ ସ୍ଥଳ ଭାଗକୁ ଛୁଇଁବ
କାକିନାଡ଼ା ଜିଲ୍ଲା ଠାରେ,,
ଦୁଇଶ କିମୀ ରୁ ଅଧିକ ହୋଇବ
ପବନ ବେଗ ସେଠାରେ!!
ସବୁ ବିଭାଗର କର୍ମଚାରୀ ମାନେ
ରାତ୍ରୀ ଉଜାଗର ରହି ,,
ମନ୍ଥା ଗତିବିଧି ଜାଣିବାର ପାଇଁ
ଟିଭି ମିଡ଼ିଆ କୁ ଚାହିଁ!!
ମନ୍ତ୍ରୀ ବିଧାୟକ ଜିଲ୍ଲାପାଳ ମାନେ
ବୁଲିଲେ ଜିଲ୍ଲାକୁ ଜିଲ୍ଲା,,
ରିପୋଟର ବନ୍ଧୁ ନିଉଜ କରିଲେ
କୋଉଠି କଣ ହେଲା !!
ଓଡ଼ିଶାବାସୀଙ୍କ ଦୁଃଖକୁ ଶୁଣିଲେ
ମହାପ୍ରଭୁ ଜଗନ୍ନାଥ ,,
ସବୁ ଆକଳନ ଭୁଲ୍ ହୋଇଗଲା
ଦେଖିଲା ସାରା ଜଗତ !!
କାକିନାଡା ଠାରୁ ବହୁତ ପୂର୍ବରୁ
ମନ୍ଥା କଲା ଲ୍ୟାଣ୍ଡ ଫଲ୍ ,,
ପବନର ବେଗ ଅଧା ହୋଇଗଲା
ବର୍ଷା କଲାନି ବେହାଲ୍ !!
ଲୋକଙ୍କ ମନରେ ପ୍ରଶ୍ନ ଉଙ୍କିମାରେ
ବାତ୍ୟା ପବନକୁ ଦେଖି ,,
ଓଡ଼ିଶା ମାଟିରେ ଏତେ ବାତ୍ୟା ହୁଏ
କେହି ପାରନ୍ତାନି ରୋକି !!
ମରିବା ଠାରୁତ ବେଶି କଲବଲ
ହେଉଅଛୁ ଆମେମାନେ ,,
ଓଡ଼ିଶାର ଦୁଃଖ ନାସ କର ପ୍ରଭୁ
ଭୟଟା ରହୁଛି ମନେ!!

*ମଦନ ମୋହନ ବେହେରା*
*ବାଲିପାଟଣା ବ୍ଲକ,, ଖୋର୍ଦ୍ଧା*
*ଭୁବନେଶ୍ୱର*

# ଆନନ୍ଦ ରାମାୟଣରେ ସୀତାଙ୍କ କଥା

ଆନନ୍ଦ ରାମାୟଣରେ କେତେକ ରୋଚକ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଦେବୀ ସୀତାଙ୍କ ଜନ୍ମର ପୂର୍ବବର୍ତ୍ତୀ ପ୍ରସଙ୍ଗ ମଧ ଏଥିରେ ବର୍ଣ୍ଣିତ । ମର୍ତ୍ତ୍ୟରେ ପଦ୍ମାକ୍ଷ ନାମରେ ଜଣେ ରାଜା ରାଜୁତି କରୁଥିଲେ। ସେ ଦେବୀ ଲକ୍ଷ୍ମୀଙ୍କର ଜଣେ ପରମ ଭକ୍ତ ଥିଲେ। ଦିନେ ସେ ତପସ୍ୟା କରି ଲକ୍ଷ୍ମୀଙ୍କୁ ପ୍ରସନ୍ନ କଲେ। ଦେବୀ ଲକ୍ଷ୍ମୀ ପ୍ରକଟ ହେବାରୁ ତାଙ୍କୁ କନ୍ୟା ରୂପରେ ପ୍ରାପ୍ତ କରିବା ଲାଗି ରାଜା ବିନତି କଲେ। ଲକ୍ଷ୍ମୀ କହିଲେ, କେବଳ ଶ୍ରୀବିଷ୍ଣୁଙ୍କ ଆଜ୍ଞା ପ୍ରାପ୍ତ କରିବା ପରେ ଯାଇ ମୁଁ ଯାହା କରିପାରିବି । ଏହା କହି ସେ ଅଦୃଶ୍ୟ ହୋଇଗଲେ। ଏହାପରେ ରାଜା ପଦ୍ମାକ୍ଷ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ଲାଗି କଠୋର ତପସ୍ୟା ଆରମ୍ଭ କରିଦେଲେ। ବିଷ୍ଣୁ ପ୍ରକଟ ହେବାରୁ ରାଜା ତାଙ୍କୁ



ନିଜ ମନର କଥା କହିଲେ। ଏହାପରେ ଶ୍ରୀବିଷ୍ଣୁ ରାଜାଙ୍କୁ ଏକ ଫଳ ଦେଇ ଅଦୃଶ୍ୟ ହୋଇଗଲେ। ସେହି ଫଳ ମଧ୍ୟରେ ଏକ ଛୋଟ ଶିଶୁକନ୍ୟା ରହିଥିଲା। ରାଜା ସେହି କନ୍ୟାକୁ ନିଜ ଝିଅ ଭାବେ ପାଳିଲେ। ବଡ଼ ହେବା ପରେ ରାଜା ପଦ୍ମାକ୍ଷ ଝିଅର ସ୍ୱୟଂବର କରିବା ଲାଗି ବାହାରିଲେ। ସ୍ୱୟଂବରରେ ସର୍ତ୍ତ ଥିଲା- ଯେଉଁ ପୁରୁଷ ନିଜ ଶରୀର କୃଷ୍ଣବର୍ଣ୍ଣ କରିପାରିବ, ତା'କୁ ହିଁ ରାଜାଙ୍କ କନ୍ୟା ବରଣମାଳା ପିନ୍ଧାଇବେ। ତେବେ ସେହି କନ୍ୟାକୁ ପାଇବା ଲାଗି ଦେବ, ରାକ୍ଷସ ଏବଂ ମନୁଷ୍ୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେଲା। ରାକ୍ଷସମାନେ କନ୍ୟାକୁ ଅପହରଣ କରି ନେବାକୁ ରାଜା ପଦ୍ମାକ୍ଷଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ। ସେମାନେ କନ୍ୟାକୁ ପାଇଲେ ନାହିଁ, କିନ୍ତୁ ରାଜାଙ୍କୁ ହତ୍ୟା କଲେ, ତାଙ୍କ ରାଜ୍ୟକୁ ଧ୍ୱଂସ କରିଲେ। ସେତେବେଳେ ରାଜକନ୍ୟା ଅଗ୍ନି ମଧ୍ୟରେ ଲୁଚିଯାଇଥିଲେ। ସମସ୍ତେ ଚାଲିଯିବା ପରେ ରାଜକନ୍ୟା ଅଗ୍ନି ମଧ୍ୟରୁ ବାହାରକୁ ବାହାରି ଆସିଲେ। ବାହାରକୁ ବାହାରିବା କ୍ଷଣି ଆକାଶମାର୍ଗରେ ଉଡ଼ିଯାଉଥିବା ରାବଣ ସେହି କନ୍ୟାଙ୍କୁ ଦେଖିନେଲା। ରାବଣ ତାଙ୍କୁ ନେଇଯିବା ଲାଗି ପ୍ରୟାସ କରିବାରୁ କନ୍ୟା ପୁଣିଥରେ ନିଆଁ ଭିତରକୁ ଡେଇଁ ପଡ଼ିଲେ । ରାବଣ ନିଆଁ ଲିଭାଇଲା, କିନ୍ତୁ କନ୍ୟାଙ୍କୁ ପାଇଲା ନାହିଁ । ତା'କୁ ପାଉଁଶ ମଧ୍ୟରୁ ୫ଟି ମୂଲ୍ୟବାନ ପଥର ମିଳିଲା। ରାବଣ ସେହି ପଥରକୁ ଏକ ବାକ୍ସରେ ପୂରାଇ ଲଙ୍କା ନେଇଗଲା। ସେହି ବାକ୍ସ ଉପରେ ନଜର ରଖିବା ଲାଗି ପତ୍ନୀ ମନ୍ଦୋଦରୀଙ୍କୁ କହିଲା। ମନ୍ଦୋଦରୀ ସେହି ବାକ୍ସ ଖୋଲିବା ମାତ୍ରେ ସେଥିରେ ଜଣେ କନ୍ୟା ଥିବା ଦେଖିବାକୁ ପାଇଲେ। କନ୍ୟା ଅତି ସୁନ୍ଦର ଥିଲେ। ମନ୍ଦୋଦରୀ ଭାବିଲେ, ଏହି କନ୍ୟା ସମସ୍ତ ଅସୁର କୁଳକୁ ଧ୍ୱଂସ କରିଦେବ । ତେଣୁ ସେହି କନ୍ୟାକୁ ଜଙ୍ଗଲରେ ଛାଡ଼ିଦେଇ ଆସିବା ଲାଗି ସେ ସୈନିକଙ୍କୁ ନିର୍ଦ୍ଦେଶ ଦେଲେ। ତାହାହିଁ ହେଲା। ସୈନିକମାନେ କନ୍ୟାକୁ ନେଇ ଜଙ୍ଗଲରେ ଛାଡ଼ିଦେଇ ଆସିଲେ। କିନ୍ତୁ ଜଙ୍ଗଲକୁ ନେବା ସମୟରେ ରାଜକନ୍ୟା ଚେତାବନୀ ଦେଇଗଲେ- "ମୁଁ ପୁଣିଥରେ ଲଙ୍କା ଫେରିବି । ରାବଣ ଏବଂ ତା'ର ପରିବାରକୁ ଧ୍ୱଂସ କରିଦେବି ।" ଏହାଶୁଣି ରାବଣ ଡରିଗଲା। ସେ ଉକ୍ତ କନ୍ୟାକୁ ମାରିଦେବା ଲାଗି ଚାହିଁଲା। ମାତ୍ର ମନ୍ଦୋଦରୀ ତା'କୁ ଅଟକାଇଲେ। ବାକ୍ସ ସହ ସେହି କନ୍ୟାକୁ ଲଙ୍କା ଠାରୁ ବହୁଦୂରରେ ଥିବା ଏକ ଭୂମିରେ ପୋତି ଦିଆଗଲା। ସେହି ଭୂମିରେ ହଳ କରୁଥିବା ସମୟରେ ସେହି ବାକ୍ସକୁ ପାଇଲେ। ତା'ଭିତରୁ କନ୍ୟାକୁ ବାହାର କଲେ। ସୀତାଙ୍କ ଜୀବନ ମିଥିଳାରେ ପୁଣିଥରେ ଆରମ୍ଭ ହେଲା।

# ୮ ମାସ ପାଣିରେ ବୁଡି ରହେ ମନ୍ଦିର





ସମସ୍ତେ ମନ୍ଦିରକୁ ଯାଆନ୍ତି ଓ ପୂଜା କରନ୍ତି । କିନ୍ତୁ ଭାରତରେ ଏପରି ଏକ ରହସ୍ୟମୟୀ ମନ୍ଦିର ରହିଛି ଯିଏକି ବର୍ଷକରେ ୮ମାସ ପାଣିରେ ବୁଡି ରହିଥାଏ । ଏହି ମନ୍ଦିରଟି ହେଉଛି ବାଥୁ କି ଲଡି ।ଯାହା ହିମାଚଳର କାଙ୍ଗ୍ରା ଜିଲ୍ଲାରେ ରହିଛି ।ବିଶେଷ କଥା ହେଉଛି ମନ୍ଦିରଟି ପାଣିରେ ୮ ମାସ ରହୁଥିବା ବେଳେ ୪ ମାସ ବାହାରେ ରହିଥାଏ । ମନ୍ଦିରଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତି । ଫେବୃୟାରୀରୁ ଜୁଲାଇ ପର୍ଯ୍ୟନ୍ତ ମନ୍ଦିରରେ ଦର୍ଶନ ଦେଇଥାନ୍ତି ଭଗବାନ ବିଷ୍ଣୁ । ଏହି ମନ୍ଦିର ପାଖରେ ରହିଛି ଅନେକ ଛୋଟଛୋଟ ମନ୍ଦିର । ବାସ୍ତବରେ ମନ୍ଦିରଟି ୮ ମାସ ପାଇଁ ମହାରଣା ପ୍ରତାପ ସାଗର ହ୍ରଦରେ ବୁଡ଼ି ଯାଇଥାଏ । ଯେତେବେଳେ ହ୍ରଦର ଜଳସ୍ତର ବଢିଯାଇଥାଏ ସେତେବେଳେ ମନ୍ଦିର ବୁଡିଯାଇଥାଏ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ମନ୍ଦିର ଦୀର୍ଘ ସମୟ ଧରି ଜଳମଗ୍ନ ହେବା ପରେ ବି ଏହାର ଗଠନରେ କୌଣସି ପରିବର୍ତ୍ତନ ହୋଇନଥାଏ ।ଏହାର କାରଣ ହେଉଛି ମନ୍ଦିରଟି ଅନେକ ଶକ୍ତିଶାଳୀ ପଥରରେ ର୍ନିମିତ । ଏଠାରେ ଆପଣ ପଥରରେ ଖୋଦିତ ଭଗବାନ ଗଣେଶ ଏବଂ କାଳୀଙ୍କ ମୂର୍ତ୍ତି ଦେଖିବାକୁ ପାଇବେ ।ଏହାସହିତ ମନ୍ଦିର ମଧରେ ଭଗବାନ ବିଷ୍ଣୁ ଶେଷନାଗ ଉପରେ ବିଶ୍ରାମ କରୁଥିବାର ମୂର୍ତ୍ତି ସ୍ଥାପନା କରାଯାଇଛି ।ଏଠାରେ ରହୁଥିବା



ଲୋକମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରଟି ସ୍ଥାନୀୟ ରାଜାଙ୍କ ଦ୍ୱାରା ର୍ନିମିତ ହୋଇଥିଲା ଯ ଆଉ କିଛି ଲୋକ ଏହି ମନ୍ଦିରକୁ ପାଣ୍ଡବଙ୍କ ସହିତ ସଂଯୋଗ କରିଥାନ୍ତି। ସେମାନଙ୍କ ବିଶ୍ୱାସ ଅନୁଅୟାୟୀ, ପାଣ୍ଡବମାନେ ର୍ନିବାସନ ସମୟରେ ଏଠାରେ ସ୍ୱର୍ଗକୁ ସିଢ଼ି ର୍ନିମାଣ କରିବାକୁ ଚେଷ୍ଟା କରିଥିଲେ । ତଥାପି ସେ ଏହାକୁ ତିଆରି କରିବାରେ ସଫଳ ହୋଇପାରିନଥିଲେ । କାରଣ ସେମାନଙ୍କୁ ଗୋଟିଏ ରାତିରେ ଏହି ସିଢ଼ି ର୍ନିମାଣ କରିବାକୁ ଥିଲା ।



# ବୀର ଗୋଗା ଦେବଙ୍କ କଥା

ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ 'ଜାହାରବୀର ଗୋଗା ରାଣା' ମଧ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି



ଗୋଗାମେଢ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ 'ଗୋଗା ମହାରାଜ' ନାମରେ ମଧ୍ୟ କୁହନ୍ତି।

ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦତ୍ତଖେଡ଼ା ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ 'ଜୋହର ପୀର' ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜୈବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର ବୀର, ରାଜା ମଣ୍ଡଳିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

# ନୌବାଣିଜ୍ୟ ଐତିହ୍ୟ ଇତିହାସର ଜୀବନ୍ତ ମୂକସାକ୍ଷୀ

**ଭୁବନେଶ୍ୱର,୨୯।୧୦ (ମହାଭାରତ):** ଓଡିଶାର ପ୍ରାଚୀନ ନୌବାଣିଜ୍ୟ ଐତିହ୍ୟ ଇତିହାସର ଜୀବନ୍ତ ମୂକସାକ୍ଷୀ। ଏହା ସର୍ବଦା ଓଡିଶାବାସୀଙ୍କୁ ଅନୁପ୍ରାଣିତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଛନ୍ତି। ଉତ୍କଳର ସେହି ବୀର ସାଧବ ମାନେ ବୋଇତ ଦ୍ୱାରା ବାଲି, ଜାଭା, ସୁମାତ୍ରା ଓ ଥାଇଲାଣ୍ଡ ସହ ବାଣିଜ୍ୟ ସମ୍ପର୍କ ସ୍ଥାପନ କରି ନିଜ ଦେଶକୁ ଅମାପ ଧନ ସମ୍ପଦ ଆଣି ଆସୁଥିଲେ । ଏପରିକି ଶ୍ରୀଲଙ୍କା ଓ ଦକ୍ଷିଣ ପୂର୍ବ ଏସିଆ ସହ ଆମର ପ୍ରାଚୀନ ନୌବାଣିଜ୍ୟ ସମ୍ପର୍କ ଥିବା ପତ୍ନତତ୍ୱ ଖନନରୁ ଜଣାପଡିଛି। ବୋଇତ ବନ୍ଦାଣ ଓ ଏସିଆର ସର୍ବବୃହତ ମୁକ୍ତାକାଶ ବାଣିଜ୍ୟ ମେଳା ଭାବେ ପରିଚିତ କଟକ ବାଲିଯାତ୍ରା ପ୍ରାଚୀନ ନୌବାଣିଜ୍ୟର ପରିଚୟ ବୋଲି ଶ୍ରୀମତୀ ପରିଡା ଉଲ୍ଲେଖ କରିଛନ୍ତି।



ମୁମ୍ବାଇ ଠାରେ ଆୟୋଜିତ ଇଣ୍ଡିଆ ମାରିଟାଇମ ୨୦୨୫ରେ ଯୋଗଦେବା ଅବସରରେ ଭାରତର ନୌବାଣିଜ୍ୟ ସମ୍ପର୍କ ଉପରେ ବକ୍ତବ୍ୟ ରଖି ସେ ଏହା କହିଛନ୍ତି। ଚଳିତ ବର୍ଷ କଟକ ବାଲିଯାତ୍ରା ନଭେମ୍ବର ୫ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏବଂ ଏହାକୁ ଦେଖିବାକୁ ଆସିବାକୁ ଉପସ୍ଥିତ ସମସ୍ତଙ୍କୁ ସେ ଆମନ୍ତ୍ରଣ ଜଣାଇଥିଲେ। ଏଥିରେ ଆମ କଳା, ସଂସ୍କୃତି, ଭାସ୍କର୍ଯ୍ୟ, ବୟନ ଓ ସ୍ୱାଦିଷ୍ଟ ଖାଦ୍ୟର ମହନୀୟତା ପ୍ରତିଫଳିତ ହୋଇଥାଏ ବୋଲି ସେ କହିଥିଲେ। ଏହି ଅବସରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଖୋଲାଯାଇଥିବା ପାଭିଲିୟନ ପରିଦର୍ଶନ କରିଥିଲେ। ଓଡିଶାର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ଏହି ଷ୍ଟଲ୍ ଖୋଲାଯାଇଛି । ଓଡ଼ିଶା ପାଭିଲିୟନ୍ ରାଜ୍ୟର ଉଲ୍ଲେଖନୀୟ ସାମୁଦ୍ରିକ ଯାତ୍ରାକୁ ପ୍ରଦର୍ଶିତ କରୁଥିବା ଏକ ପ୍ରଭାବଶାଳୀ ପ୍ରଦର୍ଶନ ବୋଲି ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି। ଓଡ଼ିଶାର ସାମୁଦ୍ରିକ ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ଭାରତର ପୂର୍ବ ସାମୁଦ୍ରିକ କରିଡରରେ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥାନିତ କରୁଛି। ଆମର ଦୃଷ୍ଟିକୋଣ ହେଉଛି ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ସହିତ ଓଡ଼ିଶାର ନୀଳ ଅର୍ଥନୀତି ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ବିଶ୍ୱ ସ୍ତରରେ ସଂଯୁକ୍ତ ଭବିଷ୍ୟତକୁ ପରିଚାଳନା କରିବା। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ, ଆଧୁନିକ ବନ୍ଦର ଭିତ୍ତିଭୂମି ଏବଂ ମହତ୍ୱାକାଂକ୍ଷୀ ନୀଳ ଅର୍ଥନୀତି ରୋଡମ୍ୟାପ୍ ଉପରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ କଳିଙ୍ଗର ପ୍ରାଚୀନ ସାମୁଦ୍ରିକ ଦକ୍ଷତାଠାରୁ ଆରମ୍ଭ କରି ଆମର ଆଜିର ବିଶ୍ୱ ବାଣିଜ୍ୟ ସଂଯୋଗ ପର୍ଯ୍ୟନ୍ତ, ଓଡ଼ିଶାର ଉପକୂଳ ଐତିହ୍ୟ ପ୍ରଗତିକୁ ପ୍ରେରଣା ଦେଇ ଚାଲିଛି। ବିଶ୍ୱସ୍ତରୀୟ ବନ୍ଦର ଏବଂ ସ୍ଥାୟୀ ନୀଳ ଅଭିବୃଦ୍ଧି ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ, ରାଜ୍ୟ ଭାରତର ପୂର୍ବ ସାମୁଦ୍ରିକ ପୁନରୁତଥାନର ଏକ ପ୍ରମୁଖ ବାହକ ଭାବରେ ଠିଆ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ସ୍ୱାଗତ ଜଣାଇଥିଲେ।

# ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅତ୍ୟାବଶ୍ୟକୀୟ ଔଷଧ ମହଜୁଦ

**ଭୁବନେଶ୍ୱର,୨୯।୧୦ (ମହାଭାରତ):** ବାତ୍ୟା ମୋନ୍ଥାର ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଅଶ୍ୱତୀ ଏସ.ଙ୍କ ନିର୍ଦ୍ଦେଶ କ୍ରମେ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ବିଶେଷତଃ ଅଧିକ ପ୍ରଭାବିତ ହେବା ସମ୍ଭାବନା ଥିବା ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, କେନ୍ଦ୍ରାପଡ଼ା, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବାଲେଶ୍ୱର, ଜଗତସିଂହପୁର ଆଦି ୧୧ଟି ଜିଲ୍ଲାରେ ଆଜି ପୂର୍ବାହ୍ନ ସୁଦ୍ଧା ୬୭୯୫ ଜଣ ଆସନ୍ନପ୍ରସବା ମା' ମାନଙ୍କୁ ଚିହ୍ନଟ କରାଯାଇଛି। ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଏ.ଏନ୍.ଏମ ମାନେ ତଳୁଆ ନଦୀ ନାଳ ଘେରା, ରାସ୍ତା ଘାଟ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳମାନଙ୍କରେ ଘରକୁ ଘର ବୁଲି ଆସନ୍ନପ୍ରସବା ମହିଳାମାନଙ୍କ ସହ ଯୋଗାଯୋଗ କରୁଛନ୍ତି। ଆଜି ପୂର୍ବାହ୍ନ ସୁଦ୍ଧା ୧୫୫୮ ଜଣଙ୍କୁ ଆବଶ୍ୟକତା ଅନୁଯାୟୀ ମା' ଗୃହ ଏବଂ ହସ୍ପିଟାଲମାନଙ୍କୁ ସ୍ଥାନାନ୍ତର କରାଯାଇଛି।

ବିଶେଷଜ୍ଞ ପରାମର୍ଶ ଓ ସେବା ପାଇଁ ମେଡିକାଲ କଲେଜ୍ ଓ ହସପିଟାଲର ଅଧକ୍ଷମାନଙ୍କୁ ପାଖାପାଖି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କ ସହ ବରାବର ଯୋଗାଯୋଗରେ ରହିବା ପାଇଁ କୁହାଯାଇଛି । ୧୦୮ ଆମ୍ବୁଲାନ୍ସ, ୧୦୨ ଆମ୍ବୁଲାନ୍ସ, ମୋବାଇଲ ହେଲଥ ୟୁନିଟ, ରାଷ୍ଟ୍ରୀୟ ବାଲ ବିକାଶ କାର୍ଯ୍ୟକ୍ରମ ୟୁନିଟ୍, ରାପିଡ୍ ଆକ୍ସନ ଟିମ୍ ଆଦିକୁ ପରସ୍ପର ସମନ୍ୱିତ ଏବଂ କଣ୍ଟ୍ରୋଲ ରୁମ୍ ସହ ସଂଯୋଜିତ ରଖାଯାଇଛି। କ୍ଷେତ୍ରସ୍ତରୀୟ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବର୍ତମାନ ସୁଦ୍ଧା ୩.୭୧ କୋଟିରୁ ଅଧିକ ପାରାସିଟାମଲ୍ ବଟିକା, ୧.୮୭ କୋଟିରୁ ଅଧିକ ଓ.ଆର.ଏସ ଦ୍ରବଣ, ୩.୮୨ କୋଟିରୁ ଅଧିକ ଜିଙ୍କ ବଟିକା, ୧.୭୫ କୋଟିରୁ ଅଧିକ ହାଲୋଜେନ୍ ବଟିକା, ୩.୦୨ ଲକ୍ଷରୁ ଅଧିକ ସାପକାମୁଡ଼ା ଇଞ୍ଜେକସନ, ୬୭.୦୪ ଲକ୍ଷରୁ ଅଧିକ ବ୍ଲିଚିଂ ପାଉଡର ପ୍ୟାକେଟ ମହଜୁଦ ରଖାଯାଇଛି। ସେହିପରି ଆବଶ୍ୟକୀୟ ଜୀବନ ରକ୍ଷାକାରୀ ଓ ଜରୁରୀକାଳୀନ ଔଷଧ, ଅକ୍ସିଜେନ ସିଲିଣ୍ଡର, ରକ୍ତ ସଂରକ୍ଷଣ କେନ୍ଦ୍ର ମାନଙ୍କରେ ରକ୍ତ ୟୁନିଟ ଓ ରକ୍ତଜାତ ଉତ୍ପାଦ ଆଦି ମଧ ମହଜୁଦ ରଖାଯାଇଛି। ଆବଶ୍ୟକତା ଅନୁସାରେ ତୁରନ୍ତ ଅଧିକ ଔଷଧ ଓ ମାନବ ସମ୍ବଳ ଯୋଗାଇ ଦେବାର ବ୍ୟବସ୍ଥା ମଧ କରାଯାଇଛି। ଜରୁରୀକାଳୀନ ୱାର୍ଡ ମାନଙ୍କରେ ଅଧିକ ସଂଖ୍ୟକ ଟ୍ରମା କିଟ୍ ରଖାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟମାନଙ୍କରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯାଇଛି। ଅଧିକ ବର୍ଷାହେତୁ ଜଳ ପ୍ଲାବିତ ଅଞ୍ଚଳ ମାନଙ୍କରେ ସମ୍ଭାବ୍ୟ ଜଳବାହିତ ଓ ଜୀବ ବାହିତ ରୋଗର ନିରାକରଣ ନିମନ୍ତେ ଔଷଧ ମହଜୁଦ ରଖାଯିବା ସହ ଏସବୁ ସମ୍ବନ୍ଧରେ ତୁରନ୍ତ ତଥ୍ୟ ସଚେତନତା ପ୍ରସାରଣ ବ୍ୟବସ୍ଥା କରାଯାଇଛି।

ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ସବୁ ସମ୍ବେଦନଶୀଳ ଅଞ୍ଚଳରୁ ଶତ ପ୍ରତିଶତ ଆସନ୍ନପ୍ରସବା ମହିଳାଙ୍କୁ ନିରାପଦ ସ୍ଥାନକୁ ଆଣିବା ପ୍ରୟାସ ଜାରି ରହିଛି। ଏ ବିଷୟରେ ପୂର୍ଣ୍ଣ ସକ୍ରିୟ, ସଜାଗ ଓ ଯତ୍ନବାନ ହେବା ପାଇଁ ଶାସନ ସଚିବ ଅଶ୍ୱତୀ ଏସ. ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ କହିଛନ୍ତି। ନିଜର ନିଷ୍ଠାପର ଉଦ୍ୟମରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ସବିଶେଷ ତଥ୍ୟ ବିଭାଗକୁ ଜଣେଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ କୁହାଯାଇଛି।

# ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ



**ଭୁବନେଶ୍ୱର,୨୯।୧୦ (ମହାଭାରତ):** ସତ୍ୟ ନିଷ୍ଠାର ସଂସ୍କୃତିରୁ ରାଷ୍ଟ୍ରର ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବି.ଏସ୍.କେ. ରାଜକୁମାର ସୋମବାର ପୂର୍ବାହ୍ନରେ ରେଳପଥର ମୁଖ୍ୟାଳୟରେ ରେଳ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ସତ୍ୟନିଷ୍ଠ ଓ ଅଖଣ୍ଡତାର ଶପଥ ଗ୍ରହଣ କରାଇଛନ୍ତି କରିଥିଲେ। ସତର୍କତା ସଚେତନତା ଶପଥ ଗ୍ରହଣ ସମାରୋହରେ ରେଳ କର୍ମଚାରୀମାନେ ସେମାନଙ୍କର ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସମ୍ଭାବ୍ୟତା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ପ୍ରତିଶୃତି ଦେଇଥିଲେ। ଏହି ଶପଥଗ୍ରହଣ ଉତ୍ସବରେ ଲାଞ୍ଚ କାରବାର ନକରିବା, ସଚ୍ଚୋଟତା ସହିତ ସମସ୍ତ କାର୍ଯ୍ୟ କରିବା, ଜନସାଧାରଣଙ୍କ ସ୍ୱାର୍ଥରେ କାର୍ଯ୍ୟ କରିବା ଏବଂ ଅଖଣ୍ଡତା ପ୍ରଦର୍ଶନ କରିବାରେ ଉଦାହରଣ ଦେଇ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କର୍ମଚାରୀମାନଙ୍କୁ ମଧ ଉପଯୁକ୍ତ ଅଧିକାରୀଙ୍କୁ ଦୁର୍ନୀତି ଘଟଣା ଜଣାଇବାକୁ ଉତ୍ସାହିତ କରାଯାଇଥିଲା। ସତର୍କତା ସଚେତନତା ସମାବେଶକୁ ସମ୍ବୋଧିତ କରି ଶ୍ରୀ ରାଜକୁମାର ଦର୍ଶାଇଛନ୍ତି ଯେ ଦେଶର ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପାଇଁ ଦୁର୍ନୀତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇ ରହିଛି। ଦୁର୍ନୀତିର ପ୍ରଭାବଶାଳୀ ମୁକାବିଲା ପାଇଁ ସରକାରୀ ଏବଂ ବେସରକାରୀ କ୍ଷେତ୍ର ତଥା ନାଗରିକଙ୍କ ସମେତ ବିଭିନ୍ନ ହିତାଧିକାରୀଙ୍କ ମଧରେ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି ଯେ ପ୍ରତ୍ୟେକ ନାଗରିକ ସର୍ବୋଚ୍ଚ ସଚ୍ଚୋଟତା ଏବଂ ଅଖଣ୍ଡତା ପ୍ରତି ପ୍ରତିବଦ୍ଧ ହେବା ଆବଶ୍ୟକ, ଯାହାଦ୍ୱାରା ଦୁର୍ନୀତି ବିରୋଧରେ ସାମୂହିକ ସଂଗ୍ରାମକୁ ମୁକାବିଲା କରାଯାଇ ହେବ। ଅକ୍ଟୋବର ୨୭ ରୁ ୨ ନଭେମ୍ବର ପର୍ଯ୍ୟନ୍ତ ପାଳନ କରାଯାଉଥିବା ଭିଜିଲାନ୍ସ ସଚେତନତା ସପ୍ତାହରେ ରେଳ କର୍ମଚାରୀ, ଜନସାଧାରଣ ଏବଂ ରେଳ ବ୍ୟବହାରକାରୀଙ୍କୁ ଅଖଣ୍ଡତାର ଗୁରୁତ୍ୱ ବିଷୟରେ ସଚେତନତା କରାଇବା ଉଦ୍ଦେଶ୍ୟରେ ଏକ ବ୍ୟାପକ ସଚେତନତା ଅଭିଯାନ ଆୟୋଜନ କରାଯାଇଅଛି । ସତର୍କତା ସଚେତନତା ସପ୍ତାହରେ ଆୟୋଜନ କରାଯାଉଥିବା କାର୍ଯ୍ୟକଳାପ ମାନଙ୍କ ସେମିନାର ଆୟୋଜନ, ସର୍ବସାଧାରଣ କେନ୍ଦ୍ରରେ ବ୍ୟାନର ଏବଂ ପୋଷ୍ଟର ଲଗାଇ ସଚେତନତା ସୃଷ୍ଟି କରାଇବା, ପଥପ୍ରାନ୍ତ ନାଟକ ମାଧମରେ ସଚେତନତା, ରେଳ କର୍ମଚାରୀ ଏବଂ ଉପଭୋକ୍ତାମାନଙ୍କ ମଧରେ ସଚେତନତା ବୃଦ୍ଧି ପାଇଁ ବ୍ୟାପକ ପରିକଳ୍ପନା କରାଯାଇଛି। ସମାରୋହରେ ପୂର୍ବତଟ ରେଳପଥର ମୁଖ୍ୟ ଭିଜିଲାନ୍ସ (ସତର୍କତା) ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ଅରୁଣ କୁମାର ଚତୁର୍ବେଦୀ ସମେତ ରେଳପଥର ସମସ୍ତ ବିଭାଗର ପ୍ରମୁଖ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଇଭିଏମ୍ ଓ ଭିଭିପାଟ ରାଣ୍ଡୋମାଇଜେସନ ଓ ପେଆରିଂ



**ଭୁବନେଶ୍ୱର,୨୯।୧୦ (ମହାଭାରତ):** ୭୧-ନୂଆପଡା ବିଧାନସଭାମଣ୍ଡଳୀ ଉପନିର୍ବାଚନ ପାଇଁ ନିର୍ବାଚନ ପର୍ଯ୍ୟବେକ୍ଷକ ଶ୍ରୀ ପ୍ରକାଶ ବିନ୍ଦୁ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ଇ ଭି ଏମ୍ ଓ ଭିଭିପାଟ ମେସିନ୍ ସବୁର ଦ୍ୱିତୀୟ ପର୍ଯ୍ୟାୟ ରାଣ୍ଡୋମାଇଜେସନ ଓ ପେଆରିଂ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ତଥା ରିଟର୍ନିଙ୍ଗ ଅଫିସର ସୁର୍ମି ସୋରେନ୍ ଙ୍କ ଲଗ୍ଇନରେ ଏହା ସମ୍ପନ୍ନ ହୋଇଥିଲା। ନିର୍ବାଚନ ପ୍ରସ୍ତୁତି ପାଇଁ ସମସ୍ତ ଭୋଟିଂ ମେସିନ୍ ସ୍ଥାନୀୟ ନେସନାଲ କଲେଜର ଷ୍ଟ୍ରଙ୍ଗ ରୁମ୍ ରେ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବରେ ରଖା ଯାଇଛି। ଆଜି ଉପନିର୍ବାଚନର ସମସ୍ତ ପ୍ରାର୍ଥୀ ତଥା ସେମାନଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଜିଲ୍ଲା ଇ ପ୍ରଶାସନ ପରିଚାଳକ ବିରେନ୍ଦ୍ର ସିଂ ଦଣ୍ଡସେନା କମ୍ପ୍ୟୁଟର ମାଧମରେ ଇ ଭି ଏମ୍ ଓ ଭିଭିପାଟ ତିନି ରାଉଣ୍ଡ ରାଣ୍ଡୋମାଇଜେସନ କରିଥିଲେ। ଏହାପରେ ଏ ସବୁର କମିସନିଂ ହେବ। ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ପାରଦର୍ଶୀ ଭାବରେ ସମସ୍ତ ୩୫୮ ବୁଥକୁ ଭୋଟିଂ ମେସିନ୍ ସେଟ୍ ଗୁଡିକୁ ପ୍ରେରଣ କରାଯିବ।

# କିଟ୍‌ରେ ଛଟ ପୂଜା ପାଳିତ



**ଭୁବନେଶ୍ୱର,୨୯।୧୦ (ମହାଭାରତ):** କିଟ୍ ବିଶ୍ୱବିଦ୍ୟାଳୟରେ ଭକ୍ତି ଓ ପାରମ୍ପରିକ ଉତ୍ସାହ ସହିତ ସୋମବାର ଉତ୍ତର ଭାରତର ଗଣପର୍ବ ପବିତ୍ର ଛଟ୍ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିହାର ଓ କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଉତ୍ତର ଭାରତର ଛାତ୍ରଛାତ୍ରୀମାନେ ଯୋଗଦେଇ ଛଠି ମାତାଙ୍କ ଆରାଧନା କରିଥିଲେ। ପାରମ୍ପରିକ ପୋଷାକ ପିନ୍ଧି ସେମାନେ ସୂର୍ଯ୍ୟ ଭଗବାନଙ୍କୁ ପୂଜା କରିଥିଲେ। ଏହା ଏକ ସ୍ପନ୍ଦନଶୀଳ ଏବଂ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା।

ଏହି କାର୍ଯ୍ୟକ୍ରମରେ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଛଟ୍ ଅଭିନନ୍ଦନ ଜଣାଇ ଛଠି ମାଆ ସମସ୍ତଙ୍କୁ ସୁସ୍ଥ ରଖିବା ସହ ସୂର୍ଯ୍ୟଦେବ ସମସ୍ତଙ୍କ ଜୀବନରେ ଭଲପାଇବା, ଖୁସି, ଶାନ୍ତି ଓ ସମୃଦ୍ଧିରେ ଆଲୋକିତ କରନ୍ତୁ ବୋଲି କାମନା କରିଥିଲେ। ଶ୍ରୀ ସାମନ୍ତ କହିଲେ, ସାରା ଭାରତରେ ଛଟ୍ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହ ପାଳନ କରାଯାଏ। ନିର୍ବାସନରୁ ଫେରିବା ପରେ ମାତା ସୀତା ମଧ୍ୟ ଛଟ୍ ପାଳନ କରିଥିଲେ। କାର୍ଯ୍ୟକ୍ରମରେ କିଟ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ରାଜୁ କେ. ଡି., କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ କିଟ ବିଶ୍ୱବିଦ୍ୟାଳୟର ବହୁ ଅଧିକାରୀ, ଅଧ୍ୟାପକ ଏବଂ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# 'ଆଇଏଫଏଟି ଇଣ୍ଡିଆ ୨୦୨୫' ୧୨ତମ ସଂସ୍କରଣ ସମାପ୍ତ

**ଭୁବନେଶ୍ୱର,୨୯।୧୦ (ମହାଭାରତ):** ଜଳ, ସ୍ୱେରେଜ୍, କଠିନ ବର୍ଜ୍ୟବସ୍ତୁ ଓ ରିସାଇକ୍ଲିଂ ସଲ୍ୟୁସନ୍ ପାଇଁ ଦେଶର ସର୍ବବୃହତ୍ ବାଣିଜ୍ୟ ମେଳା 'ଆଇଫାଟ୍ ଇଣ୍ଡିଆ'ର ୧୨ତମ ସଂସ୍କରଣ ମୁମ୍ବାଇରେ ଶେଷ ହୋଇଛି। ଅକ୍ଟୋବର ୧୪-୧୬, ୨୦୨୫ ପର୍ଯ୍ୟନ୍ତ ମେସେ ମୁଏନଚେନ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବମ୍ବେ ପ୍ରଦର୍ଶନୀ କେନ୍ଦ୍ରରେ ୪୫,୦୦୦+ ବର୍ଗମିଟର ପ୍ରଦର୍ଶନୀ ସ୍ଥାନରେ ୩୦+ ଦେଶରୁ ୧୮,୦୦୦+ ପରିଦର୍ଶକ, ୫୬୦+ ପ୍ରଦର୍ଶନକାରୀଙ୍କ ସର୍ବକାଳୀନ ସର୍ବାଧିକ ଅଂଶଗ୍ରହଣ ରେକର୍ଡ କରାଯାଇଛି।

ଆଇଏମଇଏର ସଭାପତି ଭୂପିନ୍ଦର ସିଂ କହିଛନ୍ତି, 'ଆଇଏଫଏଟି ଇଣ୍ଡିଆ ୨୦୨୫ ବାସ୍ତବରେ ବିଶ୍ୱ ସହଯୋଗର ଭାବନାକୁ ପ୍ରତିଫଳିତ କରିଛି । ୩୦ ରୁ ଅଧିକ ଦେଶର ପ୍ରଦର୍ଶନକାରୀ ଏବଂ ଆନ୍ତର୍ଜାତୀୟ ପ୍ରତିନିଧୀ, ମଣ୍ଡପ ଏବଂ ବକ୍ତାମାନଙ୍କ ଅଂଶଗ୍ରହଣ ସହିତ, ଏହି ସଂସ୍କରଣ ଆନ୍ତର୍ଜାତୀୟ ବିଶେଷଜ୍ଞତା ଏବଂ ସ୍ଥାନୀୟ ଉଦ୍ଭାବନର ଏକ ମିଶ୍ରଣ ପାତ୍ରରେ ପରିଣତ ହୋଇଥିଲା ।'

# ନୂଆପଡା ଜିଲ୍ଲାପାଳ ଓ ଏସପିଙ୍କ ବିରୋଧରେ ଫେରାଦ ହେଲା ବିଜେଡି



**ଭୁବନେଶ୍ୱର,୨୯।୧୦ (ମହାଭାରତ):** ନୂଆପଡା ଉପନିର୍ବାଚନରେ ପ୍ରଚାର ସରଗରମ ହୋଇଥିବା ବେଳେ, ଆଜି ଜିଲ୍ଲାପାଳ ଓ ଏସ୍ପି ବିଜେପିକୁ ସମର୍ଥନ କରିବା ପାଇଁ କିଛି ବିଜେଡି କର୍ମୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିସନରଙ୍କ ଆଗରେ ଅଭିଯୋଗ କରିଛି ବିଜୁ ଜନତା ଦଳ। ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ଏହି ସ୍ମାରକପତ୍ରରେ, ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଓ ନୂଆପଡା ଏସ୍ପି ଅମ୍ରିତପାଲ ସିଂଙ୍କ ବିରୋଧରେ ବିଜେପି ସପକ୍ଷରେ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି ବୋଲି ଅଭିଯୋଗ କରିଛି। ଉଭୟ ଜିଲ୍ଲାପାଳ ଓ ଏସ୍ପି ନିଜ ସରକାରୀ ପଦବୀର ଅପବ୍ୟବହାର କରି, କିଛି ବିଜେଡି କର୍ମୀ ଓ ସମର୍ଥକଙ୍କୁ ବିଜେପିକୁ ସମର୍ଥନ କରିବା ପାଇଁ ଚାପ ପ୍ରୟୋଗ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି । ଉଲ୍ଲେଖଯୋଗ୍ୟ, ଜିଲ୍ଲାପାଳ ନିଜେ ନିର୍ବାଚନ ଅଧିକାରୀ ହୋଇଥିବା ବେଳେ, ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଉଭୟ ଜିଲ୍ଲାପାଳ ଓ ଏସ୍ପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଉଭୟ ଜିଲ୍ଲାପାଳ ଓ ଏସ୍ପିଙ୍କ ଭୂମିକା ସନ୍ଦେହଘେରରେ ଆସିଥିବା ବେଳେ, ଏଠାରେ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ମାରକପତ୍ରରେ, ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ମୁକ୍ତ ଓ ଅବାଧ ନିର୍ବାଚନ କିପରି ହୋଇପାରିବ, ସେନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଜେଡି ତରଫରୁ ଦାବି କରାଯାଇଛି। ବିଜେଡି ପ୍ରତିନିଧି ମଣ୍ଡଳୀରେ ଶ୍ରୀମତୀ ସୁଲତା ଦେଓ, ଡ଼ ଲେନିନ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ସୋଫିଆ ଆଲାମ, ଜ୍ୟୋତ୍ସ୍ନା ପରିଡା, ରୀତାଞ୍ଜଳି ପ୍ରଧାନ ଇତ୍ୟାଦି ସାମିଲ ଥିଲେ।

# ସୂଚନା ଓ ଲୋକସଂପର୍କ ବିଭାଗ କର୍ମଚାରୀଙ୍କ ଶପଥ ପାଠ

**ଭୁବନେଶ୍ୱର,୨୯।୧୦ (ମହାଭାରତ):** ସୂଚନା ଓ ଲୋକସଂପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ନେଇ ଆଜି ଶପଥ ପାଠ କରିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ। ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଦୁର୍ନୀତି ଏକ ବଡ଼ ପ୍ରତିବନ୍ଧକ ହୋଇଥିବାରୁ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାପର ଭାବେ ଆଇନ ଅନୁମୋଦିତ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ । ନିଜ ଆଚରଣ ଓ କର୍ତବ୍ୟ ସଂପାଦନରେ ସାଧୁତା ଅବଲମ୍ବନ ସହ ଦୁର୍ନୀତି ଓ ଲାଂଚ ଦେବା ଓ ନେବା ଭଳି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ କରିବେ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ। ଆଜିର ଏହି ଶପଥ ପାଠ ଉତ୍ସବରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ନିର୍ଦ୍ଦେଶକ ବିତ ପରାମର୍ଶଦାତାପୃଥ୍ୱୀରାଜ



ପାଣି, ଉପଶାସନ ସଚିବ ସେକ କଲାମ ଉଦ୍ଦିନ, ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ଅଶ୍ୱିନୀ କୁମାର ଭୋଇଙ୍କ ସମତେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

# ଟିପିଏସ୍ଓଡିଏଲର ଦୃଢ଼ ପ୍ରସ୍ତୁତି; ବାତ୍ୟା ମୋନ୍ଥାର ସଫଳ ମୁକାବିଲା

**ବ୍ରହ୍ମପୁର,୨୯।୧୦ (ମହାଭାରତ):** ବାତ୍ୟା ମୋନ୍ଥା ପ୍ରଭାବରେ ସମଗ୍ର ଦକ୍ଷିଣ ଓଡ଼ିଶାରେ ପବନ ଏବଂ ବର୍ଷା ଦେଖିବାକୁ ମିଳିଥିଲା। ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ଅଧୀନରେ ଅନେକ ଅଞ୍ଚଳରେ ଏଥିପାଇଁ ସାମୟିକ ଭାବରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିଲା । ଏଭଳି ଏକ ଆହ୍ୱାନମୂଳକ ସ୍ଥିତିରେ ଟିପିଏସ୍ଓଡିଏଲର ଅସାଧାରଣ ପ୍ରସ୍ତୁତି ଏବଂ ଦୃତ ପଦକ୍ଷେପ ଯୋଗୁଁ ସଫଳତାର ସହ ଏହି ସ୍ଥିତିର ମୁକାବିଲା ହୋଇପାରିଛି। ପ୍ରଭାବିତ ହୋଇଥିବା ମୋଟ ୯ଲକ୍ଷ ୮୮ହଜାର ୨୫୩ଜଣ ଉପଭୋକ୍ତାଙ୍କ ମଧ୍ୟରୁ ୯ଲକ୍ଷ ୫୦ହଜାରରୁ ଅଧିକ ଉପଭୋକ୍ତାଙ୍କୁ ବିଜୁଳି ଯୋଗାଣ ସ୍ୱାଭାବିକ ହୋଇ ପାରିଛି। ବାତ୍ୟା ମୋନ୍ଥାର ପ୍ରକୋପ ସତ୍ତ୍ୱେ ମାତ୍ର ୧୮ଘଣ୍ଟାରେ ୯୮ପ୍ରତିଶତ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି।

ବିଦ୍ୟୁତ ଭିତ୍ତିଭୂମି କ୍ଷେତ୍ରରେ ୩୩ କେଭି ଓ ୧୧ କେଭି ଫିଡର୍, ସବଷ୍ଟେସନ୍ ଏବଂ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର୍ଗୁଡ଼ିକ ବାତ୍ୟା ମୋନ୍ଥା ପ୍ରଭାବରେ ପ୍ରଭାବିତ ହୋଇଥିଲା। ମାତ୍ର ଟିପିଏସ୍ଓଡିଏଲର ନିରବଚ୍ଛିନ୍ନ ପ୍ରୟାସ ଏବଂ ଦୃଢ଼ କାର୍ଯ୍ୟପ୍ରଣାଳୀ ଏବଂ ଦୃତ ପ୍ରକ୍ରିୟା ଯୋଗୁଁ ପ୍ରଭାବିତ ହୋଇଥିବା ସମସ୍ତ ୩୩କେଭି ଫିଡରଗୁଡ଼ିକର ଶତପ୍ରତିଶତ ମରାମତି ଶେଷ ହୋଇ ପାରିଛି। ଏଥିସହିତ ପ୍ରାଇମେରୀ ସବଷ୍ଟେସନଗୁଡ଼ିକର ମଧ ପୁନରୁଦ୍ଧାର ୧୦୦ପ୍ରତିଶତ ଶେଷ ହୋଇଛି। ସେହିଭଳି ପ୍ରାୟ ୯୯ ପ୍ରତିଶତ ୧୧କେଭି ଫିଡରର ପୁନରୁଦ୍ଧାର ଓ ଆବଶ୍ୟକୀୟ ମରାମତି କାର୍ଯ୍ୟ ଶେଷ ହୋଇ ପାରିଛି। ବାତ୍ୟା ପ୍ରଭାବରେ ପ୍ରଭାବିତ ହୋଇଥିବା ମୋଟ ୩୩ହଜାର ୫୩୫ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମଧ୍ୟରୁ ୩୨ହଜାର ୩୪୪ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମରର ମରାମତି କାର୍ଯ୍ୟ ଶେଷ ହୋଇଛି ଏବଂ ବିଦ୍ୟୁତ ଯୋଗାଣ ପୁନଃ ସ୍ଥାପିତ ହୋଇଛି। ଯାହାଦ୍ୱାରା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମାତ୍ର ୧୮ଘଣ୍ଟା ମଧ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇ ପାରିଛି । ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକୀୟ ସେବାଗୁଡ଼ିକର ପୁନରୁଦ୍ଧାର କରିବା ଏବଂ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା ପାଇଁ ଟିପିଏସ୍ଓଡିଏଲ୍ ସମସ୍ତ ପଦକ୍ଷେପ ନେଇଛି ଏବଂ ଅଗ୍ରାଧିକାର ଦେଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଟିପିଏସ୍ଓଡିଏଲ୍ ସମସ୍ତ କାର୍ଯ୍ୟ ଶେଷ କରିଛି। ଯାହା ଦ୍ୱାରା ବହୁ ମେଡ଼ିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବିଦ୍ୟୁତ ସେବା ଶତ ପ୍ରତିଶତ ସ୍ୱାଭାବିକ ହୋଇ ପାରିଛି। ସେହିପରି ଜନସ୍ୱାସ୍ଥ୍ୟ ବିଭାଗ (ପିଏଚଡି) ଏବଂ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ମଧ ବିଦ୍ୟୁତ ସେବା ଯୋଗାଇ ସ୍ଥିତି ସ୍ୱାଭାବିକ କରାଯାଇଛି। ଏହି କ୍ଷେତ୍ରରେ ୧୦୦ପ୍ରତିଶତ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି। ଯାହା ଝଡ଼ ପରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଅଧିକ ସହାୟକ ହୋଇ ପାରିଛି। ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, ନବରଙ୍ଗପୁର ଏବଂ ବୌଦ୍ଧ ଜିଲ୍ଲାଗୁଡ଼ିକରେ ୫,୯୨୫ ଜଣ ଦକ୍ଷ କର୍ମଚାରୀମାନେ ସ୍ଥିତି ସ୍ୱାଭାବିକ କରିବା ପାଇଁ ନିୟୋଜିତ ଅଛନ୍ତି। ଆବଶ୍ୟକୀୟ ସରଞ୍ଜାମ ହିସାବରେ ମୋବାଇଲ ପାୱାର ଜେନେରେଟର ଏବଂ ରାପିଡ ରେସପନ୍ସ ୟୁନିଟ ଫଳରେ ବାତ୍ୟା ପ୍ରଭାବିତ ସମଗ୍ର ଅଞ୍ଚଳରେ ବିଦ୍ୟୁତ ସେବା ପୁନରୁଦ୍ଧାର କରିବା ପାଇଁ ଟିପିଏସ୍ଓଡିଏଲର କର୍ମଚାରୀମାନେ କାର୍ଯ୍ୟରତ ଅଛନ୍ତି।

# ସମ୍‌ରେ ୯ ମାସ ଶିଶୁର ବିରଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୨୯।୧୦ (ମହାଭାରତ):** ଥଣ୍ଡା, କାଶ ଓ ଜ୍ୱର ସହିତ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସମସ୍ୟା ନେଇ ୯ ମାସର ଶିଶୁ ପୁତ୍ରକୁ ତା'ର ପିତାମାତା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ଚିକିତ୍ସା ନିମନ୍ତେ ଭର୍ତି କରାଇଥିଲେ। ରାୟଗଡ଼ା



ଜିଲ୍ଲା ନିବାସୀ ଅନୀଲ ପଲେଇ ଓ ତାଙ୍କ ପତ୍ନୀ ବର୍ଷା ପଲେଇଙ୍କ ୯ ମାସର ଶିଶୁ ପୁତ୍ର ଜନ୍ମ ହେବା ପର ଠାରୁ ହିଁ ଅନବରତ ଥଣ୍ଡା, କାଶ ଓ ଜ୍ୱରରେ ପୀଡ଼ିତ ରହୁଥିଲା। ଯାହା ଫଳରେ ଶିଶୁଟିକୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଦେଖାଦେଇଥିଲା। ଉଭୟ ମାତା ପିତା ଶିଶୁ ପୁତ୍ରର ଚିକିତ୍ସା ନିମନ୍ତେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଇବା ସତ୍ତ୍ୱେ ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନଥିଲା। ଶେଷରେ ଶିଶୁଟିର ପିତାମାତା ସେପ୍ଟେମ୍ବର ୧୨ ତାରିଖ ଦିନ ଭୁବନେଶ୍ୱର ସ୍ଥିତ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଚିକିତ୍ସା ନିମନ୍ତେ ଭର୍ତି କରାଇଥିଲେ। ସ୍ୱାସ୍ଥ୍ୟ ସମସ୍ୟା ଜଟିଳ ଥିବା ଶିଶୁଟିର ହସ୍ପିଟାଲ୍‌ର ଶିଶୁ ରୋଗ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ମମତାଦେବୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଆରମ୍ଭ କରାଯାଇଥିଲା। ଶିଶୁଟିକୁ ଅଧିକ ମାତ୍ରାରେ ନିମୋନିଆ ହୋଇଯାଇଥିବା ଯୋଗୁଁ ତାକୁ ଭେଂଟିଲେଟରରେ ରଖାଯାଇଥିଲା। ସମସ୍ତ ପ୍ରକାର ଚିକିତ୍ସା ସତ୍ତ୍ୱେ ଶିଶୁଟିର ନିମୋନିଆ ଭଲ ହୋଇନଥିଲା ଯାହା ଫଳରେ ତାକୁ ଭେଂଟିଲେଟରରୁ ବାହାର ମଧ କରାଯାଇ ପାରୁ ନଥିଲା। ଶିଶୁର ଇକୋ ନର୍ମାଲ ଥିବା ସତ୍ତ୍ୱେ ତାକୁ ୧୫ ଦିନ ଭେଂଟିଲେଟରରେ ରଖାଯାଇଥିଲା। ସିଟିଭିଏସ୍ ସର୍ଜନ ଡାକ୍ତର ବେହେରା ଏବଂ କାର୍ଡିଆକ୍ ଆନେସ୍ଥେସିଆ ବିଭାଗର ଡାକ୍ତରଙ୍କ ଦ୍ୱାରା ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା। ଶିଶୁର ପୋଷ୍ଟ ଅପରେଟିଭ କେୟାର ଭଲ ଭାବରେ ପେଡିଆଟ୍ରିକ ଆଇସିୟୁ ଟିମ୍, ଡାକ୍ତର ଏବଂ ନର୍ସମାନଙ୍କ ଦ୍ୱାରା ନିଆଯାଇଥିଲା। ଅସ୍ତ୍ରୋପଚାର ପରେ ଶିଶୁଟି ବର୍ତମାନ ସୁସ୍ଥ ଥିବା ଜଣାପଡ଼ିଛି।

## ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ଆକ୍ଷେପ

ପ୍ରଧାନବିଚାରପତି ଯେପରି ନିଜ ପଦ ମର୍ଯ୍ୟାଦା ରକ୍ଷା କରିବା କଥା, ଯେପରି ଗାମ୍ଭୀର୍ଯ୍ୟ ରକ୍ଷା କରିବା କଥା ତାହା ଜଷ୍ଟିସ ଗଭାଇଙ୍କ ନିକଟରେ ଦେଖିବାକୁ ମିଳୁନାହିଁ। ତେଣୁ ସ୍ୱାଭାବିକ ଭାବେ ନ୍ୟାୟପାଳିକା ଉପରେ ଲୋକଙ୍କ ବିଶ୍ୱାସ ଦୋହଲି ଯାଉଛି। ଗଣତନ୍ତ୍ରର ଅନ୍ୟତମ ସ୍ତମ୍ଭ କୁହାଯାଉଥିବା ନ୍ୟାୟପାଳିକା ଉପରେ ସାଧାରଣ ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ଧିରେ ଧିରେ ହ୍ରାସ ପାଉଛି। ଏହା ଏକ ସଙ୍ଗୀନ ଏବଂ ଗୁରୁତର ପ୍ରସଙ୍ଗ। କାରଣ ବାକି ସବୁ ସ୍ତମ୍ଭ ଦୁର୍ବଳ ହୋଇଗଲେ ଗଣତନ୍ତ୍ରର ଏକମାତ୍ର ସୁରକ୍ଷା କବଚ ଭାବେ ନ୍ୟାୟପାଳିକା କାର୍ଯ୍ୟ କାରିଥାଏ। କିନ୍ତୁ ଯଦି ନ୍ୟାୟପାଳିକା ଦୁର୍ବଳ ହୋଇଯାଏ ତେବେ କିଏ ଗଣତନ୍ତ୍ରର ସୁରକ୍ଷା କରିବା, କିଏ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବ? ନ୍ୟାୟପାଳିକା ପ୍ରତି ଆସ୍ଥା ହ୍ରାସର ଅନେକ କାରଣ ରହିଛି। ଏଠାରେ ଗୋଟିଏ ଉଦାହରଣ ପ୍ରଦାନ କରାଯାଇପାରେ। ଦିଲ୍ଲୀ ହାଇକୋର୍ଟର ଜଣେ ତତ୍କାଳୀନ ବିଚାରପତିଙ୍କ ଘରୁ ବିପୁଳ ପରିମାଣର ୫ ଶହ ଟଙ୍କିଆ ନୋଟ ମିଳିଲା। ଏହି ଅର୍ଥ ସମ୍ପୃକ୍ତ ବିଚାରପତିଙ୍କ ଆୟ ବହିର୍ଭୂତ ସମ୍ପତ୍ତି। ଏହି ଘଟଣା ପରେ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଛି। ଅବଶ୍ୟ ତାଙ୍କୁ କୌଣସି ମାମଲାର ଶୁଣାଣୀ ଦାୟିତ୍ୱ ଦିଆଯାଇନାହିଁ। କିନ୍ତୁ ଏବେ ବି ସେ ଜଣେ ବିଚାରପତି। ଏହା ଦୁର୍ଭାଗ୍ୟଜନକ। ଯଦି ଜଣେ ତଳିଆ କର୍ମଚାରୀ ଶହେ ଟଙ୍କା ଲାଞ୍ଚ ନେଇ ଧରାପଡୁଛନ୍ତି ତାଙ୍କୁ ତତ୍କାଳ ଗିରଫ କରାଯାଉଛି। କିନ୍ତୁ ଜଣେ ହାଇକୋର୍ଟ ବିଚାରପତି, ଯିଏ ଆଇନ କାନୁନ ସମ୍ପର୍କରେ ଭଲଭାବେ ପରିଚିତ, ଦୁର୍ନୀତିପୂର୍ଣ୍ଣ ଉପାୟରେ ଟଙ୍କା ସଂଗ୍ରହ କରିବାର ପରିଣାମ ସମ୍ପର୍କରେ ସେ ଭଲଭାବେ ଅବଗତ। ତାଙ୍କ ଘରୁ ପୁଳା ପୁଳା ଆୟ ବହିର୍ଭୂତଟଙ୍କା ଜବତ ହେବା ସତ୍ତ୍ୱେ ତାଙ୍କ ବିରୋଧରେ ଏ ଯାବତ ପୋଲିସ ଥାନାରେ ମାମଲାଟିଏ ବି ରୁଜୁ ହେଲା ନାହିଁ। ତାଙ୍କୁ ଏବେ ବି ଜଣେ ହାଇକୋର୍ଟ ବିଚାରପତିଙ୍କୁ ମିଳୁଥିବା ସମସ୍ତ ପ୍ରକାର ସୁବିଧା ସୁଯୋଗ ଓ ସମ୍ମାନ ମିଳୁଛି। ଏହା ଦୁର୍ଭାଗ୍ୟର ବିଷୟ। ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆସିବାର ଥିଲା। କିନ୍ତୁ କାହିଁକି ଏହା ଆସିଲା ନାହିଁ, ସେ ସମ୍ପର୍କରେ ସାଧାରଣ ଜନତା ଅଜ୍ଞ। ତାଙ୍କୁ ତତ୍କାଳ ଗିରଫ କରାଯାଇ ତିହାର ଜେଲ ପଠାଇବାର ବ୍ୟବସ୍ଥା ହେବା ଉଚିତ। ଚୀନରେ ଏଭଳି ଘଟଣା ଘଟିଥିଲେ, ସମ୍ପୃକ୍ତ ବିଚାରପତିଙ୍କୁ ଫାଶୀ ଦିଆଯାଇସାରନ୍ତାଣି। ସମ୍ପୃକ୍ତ ବିଚାରପତିଙ୍କୁ ଏ ଯାବତ କାହିଁକି ଗିରଫ କରାଯାଇନାହିଁ, ତାହାର ଜବାବ ସୁପ୍ରିମକୋର୍ଟ ଦେବା ଉଚିତ। ନ୍ୟାୟପାଳିକା ଉପରେ ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ହ୍ରାସ ପାଇବାର ଏହା ଏକ ଛୋଟିଆ କାରଣ। ବିଶ୍ୱାସ ହ୍ରାସ ପାଇବା ହେତୁ ବିଚାରପତିଙ୍କ ପ୍ରତି ସମ୍ମାନ ମଧ୍ୟ ରହୁନାହିଁ। ନିକଟରେ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ କୋର୍ଟ ରୁମ ଭିତରେ ସୁପ୍ରିମକୋର୍ଟ ପ୍ରଧାନବିଚାରପତି ବି ଆର ଗଭାଇଙ୍କ ଉପରକୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ଏହାକୁ ସବୁ ମହଲରେ ନିନ୍ଦା କରଂଯାଇଛି। ଏହା ଏକ ନିନ୍ଦନୀୟ ଘଟଣା ଏଥି;ରେ ସନ୍ଦେହ ନାହିଁ। କାରଣ ସମ୍ପୃକ୍ତ ଆଇନଜୀବୀ ବ୍ୟକ୍ତିଗତ ଭାବେ ବି ଆର ଗଭାଇଙ୍କୁ ଅପମାନିତ କରିନାହାଁନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ପଦକୁ ଅପମାନିତ କରିଛନ୍ତି। ପ୍ରଧାନବିଚାରପତି ପଦର ଗରିମା କ୍ଷୁର୍ଣ୍ଣ ହୋଇଛି। କିନ୍ତୁ ବ୍ୟକ୍ତିଗତ ଭାବେ ବି ଆର ଗଭାଇ ମଧ୍ୟ ପ୍ରଧାନବିଚାରପତି ପଦର ଗରିମା ନଷ୍ଟ କରିଥିବା ଅଭିଯୋଗ ହେଉଛି। ଏକ ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ଆକ୍ଷେପମୂଳକ ମନ୍ତବ୍ୟ ଦେବା, ତାଙ୍କୁ କାହିଁକି ପ୍ରୋଟୋକଲ ଅନୁଯାୟୀ ମୁଖ୍ୟ ଶାସନ ସଚିବ, ଡିଜିଜି ଏବଂ ମୁମ୍ବାଇ ମେୟର ସ୍ୱାଗତ କରିବାକୁ ଆସିଲେ ନାହିଁ, ସେ ସମ୍ପର୍କରେ ପ୍ରଶ୍ନ କରିବା କ୍ଷୁଦ୍ର ମାନସିକତାର ପରିଚୟ।

# କୋଟି ବ୍ରହ୍ମାଣ୍ଡର ଠାକୁର

॥ ଦେବାଶିଷ ଆଚାର୍ଯ୍ୟ ॥

> “ ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି।

ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ
ରତ୍ନସିଂହାସନସ୍ଥମ୍
ସର୍ବାଲଙ୍କାରଯୁକ୍ତମ୍ ନବଘନରୁଚିରଂ ସଂଯୁକ୍ତଂ
ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର୍ୟ
ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ
ସ୍ମରାମି।।’

ଭକ୍ତି ଓ ଭାବର ଠାକୁର ସିଏ ବିଶ୍ୱ ବ୍ରହ୍ମାଣ୍ଡର ଠାକୁର। ଜଗତରନାଥ ଶ୍ରୀଜଗନ୍ନାଥ। ଯାହାଙ୍କ ସମ୍ମୁଖରେ ଠିଆ ହୋଇଗଲେ ବିମୋହିତ ହୁଏ ଭକ୍ତ। ଲୋତକାପ୍ଲୁତ ହୁଏ ଆଖି, ବାୟୁଠାରୁ ହାଲୁକା ହୋଇଯାଏ ତନୁମନ। ପ୍ରଭୁଙ୍କୁ କୋଳାଗ୍ରତ କରିବାକୁ ପ୍ରଲମ୍ବିତ ବାହୁରେ ନିଜକୁ ହଜାଇ ଦିଏ ଭକ୍ତ, ବଡ଼ ବଡ଼ ଚକା ଆଖିର ସାଗରରେ ହଜିଯାଏ ଶ୍ରଦ୍ଧାଳୁ। ଗୋଲ ଗୋଲ ଆଖି ପରି ତାଙ୍କର ସବୁକିଛି ବଡ଼। ମନ୍ଦିର ହେଉଛି ଶ୍ରୀମନ୍ଦିର, ଚକ୍ର ହେଉଛି ଶ୍ରୀଚକ୍ର। ସେହି କଳା ଶ୍ରୀମୁଖଙ୍କ ସୁଖଦ ଦର୍ଶନ ପାଇଁ ରାଜ୍ୟ ସରକାର ପରିକଳ୍ପନା କରିଛନ୍ତି ଆକାଂକ୍ଷା ପରିକ୍ରମା ପ୍ରକଳ୍ପ। ବେଦ ପାଠ ସାଙ୍ଗକୁ ନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହେବାକୁ ଯାଉଛି ଶ୍ରୀମନ୍ଦିରର ଚାରିଦ୍ୱାର। ଋକବେଦ, ସାମ ବେଦ, ଅର୍ଥବ ବେଦ ଓ ଯର୍ଜୁବେଦ। ପାଠରେ ଏକାକାର ହେବ ଖଣ୍ଡ ମଣ୍ଡଳ। ଶ୍ରୀକ୍ଷେତ୍ରରେ ଏବେ ଅଦିନ ଯାତ୍ରା। ଭକ୍ତଙ୍କ ଭିଡ଼ ବଢ଼ିଲାଣି। ବଡ଼ଦାଣ୍ଡରେ ଆଧାତ୍ମିକ ପରିବେଶ। ଆସନ୍ତା ୧୭ତାରିଖ ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଓଡ଼ିଆ ଅସ୍ମିତାର ଅନନ୍ୟ ନିଦର୍ଶନ ଭାବେ ପ୍ରତିଷ୍ଠା କରାଯାଉଛି। ଅବର୍ଣ୍ଣନୀୟ ରୂପ ନେଇଛି ଶ୍ରୀମନ୍ଦିର ପରିକ୍ରମା ମାର୍ଗ। ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଭରି ଯାଉଛି ଆଧାତ୍ମିକ ଭାବ।

ଯେତେ ମତ ସେତେ ପଥ। ବହୁ ମତ, ବହୁ ପନ୍ଥ, ବହୁ ସମ୍ପ୍ରଦାୟ। ସମସ୍ତେ ସେଇ ଏକ ସତ୍ୟକୁ ଆଧାର କରି ଶ୍ରୀକ୍ଷେତ୍ର ପୁରୀକୁ ଯେଉଁ ସମ୍ପ୍ରଦାୟର ହୁଅନ୍ତୁ ବା ଆଚାର୍ଯ୍ୟ, ସାଧକ, ଯୋଗୀ ବା ଭକ୍ତ ନିଜ ସାଧନା କ୍ଷେତ୍ର ବା ମତ ପ୍ରଚାରର କେନ୍ଦ୍ର ରୂପରେ ଗ୍ରହଣ କରିଛନ୍ତି। ମତ ଅନେକ କିନ୍ତୁ ଲକ୍ଷ୍ୟ ଏକ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଆଉ ଶ୍ରୀଜଗନ୍ନାଥ ତତ୍ତ୍ୱକୁ ନିଜ ଆତ୍ମ ଅନୁଚିନ୍ତନରେ ମାର୍ଗଦର୍ଶନ। ଶ୍ରୀଜଗନ୍ନାଥ ହେଉଛି ଭକ୍ତି ଦେବତା - ଭକ୍ତିର ପ୍ରତୀକ। ପରମ ଜ୍ଞାନ, ଭକ୍ତିର ସମନ୍ୱୟ ହେଉଛି ଭକ୍ତିର ଯୋଗ। ଆଉ ଏହି ସମନ୍ୱୟ ଯୋଗ ହେଉଛି ଶ୍ରୀଜଗନ୍ନାଥ ତତ୍ତ୍ୱ। ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି - ‘ଅନେକ ବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ। ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ।।’ ଅନେକ ବାହୁ, ଉଦର, ବଦନ ଓ ନେତ୍ର ବିଶିଷ୍ଟ ଅନନ୍ତରୂପ ତୁମକୁ ସର୍ବଦିଗରେ ମୁଁ ଦର୍ଶନ କରୁଛି। କିନ୍ତୁ ହେ ବିଶ୍ୱେଶ୍ୱର, ହେ ବିଶ୍ୱରୂପ, ମୁଁ ତୁମର ଆଦି, ଅନ୍ତ କିମ୍ବା ମଧ୍ୟ କିଛି ଦେଖିପାରୁନାହିଁ। ଦେହ ମଧ୍ୟରେ ଦେହୀ ଶ୍ରୀଜଗନ୍ନାଥ ନିତ୍ୟ ବିରାଜିତ। ସେ ଆତ୍ମା ରୂପରେ ରହିଛନ୍ତି। ବର୍ହିଜଗତରେ ଯେପରି ତାଙ୍କର ଇଚ୍ଛାରେ ସବୁକିଛି ଚାଲିଛି, ସେହିପରି ଦେହ ମଧ୍ୟରେ ସେ ହିଁ ଶ୍ୱାସପ୍ରଶ୍ୱାସର କାରଣ। ତାଙ୍କ ବିନା ଏହି ଦେହ ଦେବାଳୟ ଶ୍ରୀହୀନ, ଜଡ଼, ମୃତ୍ୟୁ।

ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା’ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା’ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି। ଇସ୍ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜାର ପରମ୍ପରାର ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି ସେ ହେଉଛନ୍ତି ଗଣର ଦେବତା।

ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ ।


ଦକ୍ଷିଣ ରାଢ଼ୁସ, ବଳଙ୍ଗା, ପୁରୀ
ଦୂରଭାଷ : ୯୭୭୮୬୩୫୯୨୬


# ପ୍ରଦୂଷଣ ଓ ସ୍ୱାସ୍ଥ୍ୟ

॥ ବିଜୟ କୁମାର ପୃଷ୍ଟି ॥

ସପୂର୍ଣ୍ଣ ଶରୀରର ଶାରୀରିକ ଓ ମାନସିକ ସୁସ୍ଥତା ଅର୍ଥାତ୍ ଏକ ରୋଗ ବିହୀନ ଶରୀରକୁ ହିଁ ଉପଯୁକ୍ତ ସ୍ୱାସ୍ଥ୍ୟ ବୋଲି କହିପାରିବା। ମନୁଷ୍ୟକୁ ଅମୃତସ୍ୟ ପୁତ୍ରାଃ କୁହାଯାଏ। ଏଭଳି ଏକ ପବିତ୍ର ଶରୀର ରୋଗାଗ୍ରସ୍ତ ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛି କାହିଁକି? ଶରୀର ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଭରପୁର କରିଦେଇଛି ପ୍ରକୃତି। ତାହେଲେ ରୋଗ କିପରି ଆକ୍ରମଣ କରୁଛି? ସେଥିପାଇଁ ଦାୟୀ କିଏ? ଏ ସବୁ ଆଲୋଚନା କଲେ ଜଣାପଡ଼େ ଆମ ରୋଗର କାରଣ ଆମେ ନିଜେ। ଅର୍ଥାତ ଆମ ଶରୀରର ଅଯତ୍ନ ହେତୁ ପ୍ରକୃତିଦତ୍ତ ଖାଦ୍ୟ ଠାରୁ ଦୂରେଇ ଅଖାଦ୍ୟ ଗ୍ରହଣ ହେତୁ ବିଶେଷତଃ ଆମର ପ୍ରକୃତିଦତ୍ତ ପରିବେଶ ପ୍ରଦୂଷଣ ହେତୁ ଆଜି ଆମକୁ ରୋଗ ଆକ୍ରମଣ କରୁଛି। ଆମ ପରିବେଶ ଏତେ ମାତ୍ରାରେ ବିଗିଡ଼ି ଯାଇଛି ଯେ ବର୍ତ୍ତମାନ ମାନବ ଜାତିର ଅସ୍ତିତ୍ୱ ମଧ୍ୟ ସଂକଟମୟ। ପରିବେଶ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ଉପରେ ଯେତିକି କୁପ୍ରଭାବ ପକାଉଛି ତାଠାରୁ ଅଧିକ ବନ୍ୟା, ମହାବାତ୍ୟା, ଦୁର୍ଭିକ୍ଷର ପ୍ରକୋପ ବଢ଼ି ଚାଲିଛି। ତେଣୁ ଏକ ସୁସ୍ଥ ପରିବେଶ ହିଁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିପାରିବ। ଅର୍ଥାତ୍ ଏକ ନୀରୋଗ ଜୀବନ ପାଇଁ ଆମ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଏକାନ୍ତ ଜରୁରୀ।

ଆମ ଚାରିପାଖେ ଯାହା ବିଦ୍ୟମାନ ଏବଂ ଦୃଶ୍ୟମାନ ସବୁ ହେଉଛି ପରିବେଶ। ନିଜ ଘର ଭିତର ଠାରୁ ଆରମ୍ଭ କରି ସାରା ବ୍ରହ୍ମାଣ୍ଡ ହେଉଛି ଆମ ପରିବେଶ, ଯାହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମର ପ୍ରଥମ କର୍ତ୍ତବ୍ୟ। ପିଣ୍ଡ ବ୍ରହ୍ମାଣ୍ଡ ଏକମତ, କହନ୍ତି ସୁଜ୍ଞାନୀ ପଣ୍ଡିତ। ପିଣ୍ଡ ଅର୍ଥାତ୍ ଆମର ଶରୀରର ପରିଚ୍ଛନ୍ନତା ଯେତିକି ଦରକାର ବ୍ରହ୍ମାଣ୍ଡ ଅର୍ଥାତ ପରିବେଶର ପରିଚ୍ଛନ୍ନତା ସେତିକି ଦରକାର। ଆସନ୍ତୁ ଜାଣିବା ଆମ ପରିବେଶ ଆମେ କିପରି ପ୍ରଦୂଷିତ କରି ରୋଗକୁ ନିମନ୍ତ୍ରଣ କରୁଛୁ। ଆମେ ପ୍ରାୟ ଆମ ଘର ଭିତରେ ବହୁ ସମୟ କଟାଉଛୁ। ପାନପିକ, ଛେପ, ଖଙ୍କାର ଇତ୍ୟାଦି ରୋଷେଇ ଘର କିମ୍ବା କାନ୍ଥ ବାଡ଼ରେ ପକାଉଛେ କି? ନାଁ, କିନ୍ତୁ ରାସ୍ତାଘାଟ, ସରକାରୀ କାର୍ଯ୍ୟାଳୟରେ ଏସବୁ ପକାଇ ମଇଳା କରିବା ଆମର ଦୈନନ୍ଦିନ ଅଭ୍ୟାସ। ଏହାଦ୍ୱାରା ରୋଗ ଜୀବାଣୁ ସିଧା ଆସି ଆମ ଶରୀରରେ ପ୍ରବେଶ କରେ। ସରକାରୀ କାର୍ଯ୍ୟାଳୟ, ପରିସ୍ରାଗାର ବା ପାଇଖାନା ଅବସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର। ବସଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦିର ଅବସ୍ଥା ନକହିଲେ ଭଲ। ପରିସ୍ରାଗାରକୁ ଯିବା ତ ଦୂରର କଥା, ସେହି ପାଖରେ ମଧ୍ୟ ଦୁର୍ଗନ୍ଧ ହେତୁ ଯାଇ ହୁଏନାହିଁ। ଏସବୁ ପ୍ରଦୂଷଣ କିଏ କରୁଛି? ଆମେ ମାନେ ଖୋଦ ମଣିଷ ଜାତି, ମଣିଷ ଏତେ ଶିକ୍ଷିତ, ସଚେତନ ତଥାପି ଏଭଳି ଭୁଲ କରି ଚାଲିଛି। କାହିଁକି ପରିସ୍ରା ଯାଇ ପାଣି ପକାଇ ସଫା କରିବା କ’ଣ ପାପ? ଝାଡ଼ା ଫେରି ଭଲ ଭାବରେ ଧୋଇବା କ’ଣ ମନା, ଏସବୁ ଆମର ମଣିଷ ପଣିଆର ଅଭାବ।

ଖୋଦ ଆମ ଘର କଥା ଦେଖାଯାଉ। ପ୍ରତ୍ୟେକ ରୋଷେଇ ଘର ମଧ୍ୟରେ ପ୍ରାୟ ଅଳନ୍ଧୁ ଦେଖିବାକୁ ମିଳେ। ସେଇ ଅଳନ୍ଧୁରୁ ଧୂଳି ଧୂସର ଆମ ଖାଦ୍ୟରେ ପଡ଼ି ଖାଦ୍ୟକୁ ବିଷାକ୍ତ କରିଦିଏ। ଘର ଭିତରେ ବହୁତ ଯାଗା ଥାଏ ଯାହାକି ସଫା ନହୋଇ ସେଠାରେ ଛୋଟ ଛୋଟ ଜୀବ ଜନ୍ତୁ ରହି ଆମର ସ୍ୱାସ୍ଥ୍ୟର ହାନି ଘଟାନ୍ତି। ଘର ଭିତରେ ଥିବା ଫ୍ରିଜରେ ଆମର ଖାଦ୍ୟ ପଦାର୍ଥ ଖୋଲା ଭାବରେ ରଖୁ। ଅଥଚ ଭିତର ସଫା ନହୋଇ ଅସ୍ୱାସ୍ଥ୍ୟକର ହୋଇପଡ଼େ। ଆଗେ ଛାତ୍ରଛାତ୍ରୀମାନେ ପାଳି କରି ପ୍ରତିଦିନ ବିଦ୍ୟାଳୟର ଘର ଭିତର ସହ ବାହାର ରାସ୍ତା ଘାଟ ମଧ୍ୟ ସଫା କରୁଥିଲେ। ସୁନ୍ଦର ପରିବେଶରେ ପାଠ ପଢ଼ାରେ ଆନନ୍ଦ ଲାଗୁଥିଲା। ବର୍ତ୍ତମାନ ବହୁ ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟ ଅବସ୍ଥା ନକହିଲେ ଭଲ। ସୁସ୍ଥ ବାତାବରଣ କେଉଁଠି ନାହିଁ, ସେଠାରେ ସୁସ୍ଥ ମନଟିଏ ମିଳିବ କିପରି?

କତାରେ ଅଛି - ଗାଁ ପରିମଳ ଧୋବା ତୁଠରୁ ଜଣାପଡ଼େ। ଅର୍ଥାତ୍ ଗାଁର ପରିବେଶ ପ୍ରଥମରୁ ଗାଁ ପୋଖରୀରୁ ହିଁ ଜଣାପଡ଼େ। ସେଇ ପୋଖରୀ ପାଣିରେ ଗାଈଗୋରୁ ଗାଧାନ୍ତି, ଧୋବା ଲୁଗାକାଚେ, ଲୋକମାନେ ଝାଡ଼ା ଫେରି ଶୌଚ ହୁଅନ୍ତି ଏବଂ ସେଇ ପୋଖରୀରେ ଲୋକମାନେ ଗାଧୋଇ ଥାନ୍ତି ଏବଂ ପାଣି ନେଇ ଘରେ ବ୍ୟବହାର କରନ୍ତି। ବର୍ଷ ବର୍ଷ ଧରି କୂଅ ମଇଳା ହୋଇଥିଲେ ମଧ୍ୟ ସେ ପାଣି ମଧ୍ୟ ବ୍ୟବହାର କରନ୍ତି। ଗାଁ ଗଣ୍ଡାର ଘରବାଡ଼ିରେ ଭଙ୍ଗାରୁଜା ପଦାର୍ଥରେ ପାଣି ଜମି ବର୍ଷାଦିନେ ମଶା ମାନଙ୍କର ସୃଷ୍ଟି ହୁଏ ଫଳରେ ମ୍ୟାଲେରିଆ ରୋଗ ବଢ଼ିଚାଲେ। ସ୍ୱାସ୍ଥ୍ୟ ସଂପୂର୍ଣ୍ଣ ନିର୍ଭର କରେ ଆମର ଉପଯୁକ୍ତ ଖାଦ୍ୟ ଗ୍ରହଣ ଉପରେ। ଆମେ ଖାଦ୍ୟ ପ୍ରତି କେତେ ସଚେତନ କେତେ ନିୟନ୍ତ୍ରଣ ତାହା ସ୍ପଷ୍ଟ ବାରି ହୋଇଯାଏ। ଆଜିକାଲିର ଆଧୁନିକ ରାସ୍ତାଘାଟରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ଼, ଦହିବରା, ଗୁପଚୁପ ଏବଂ ବରାପିଆଜି ଦୋକାନ ପସରାରୁ ସେଗୁଡ଼ିକ ସଂପୂର୍ଣ୍ଣ ଅସ୍ୱାସ୍ଥ୍ୟକର ଅଥଚ ଆମର ପ୍ରିୟ ଖାଦ୍ୟ। କୁହାଯାଏ ରୋଗ ପାଟିରୁ ଆରମ୍ଭ ହୋଇ ମଳତ୍ୟାଗରେ ଶେଷ ହୁଏ। ତେଣୁ ଖାଦ୍ୟର ପରିଷ୍କାର ପରିଚ୍ଛନ୍ନତା ସବୁଠୁ ଗୁରୁତ୍ୱପୂର୍ଣ୍ଣ।

ଏହା ବ୍ୟତୀତ ପରିବେଶ, ବିଭିନ୍ନ ମାର୍ଗରେ ପ୍ରଦୂଷିତ ହେଉଛି। ଆଜିକାଲି ଗାଡ଼ି ମଟରର ବିକଟ ଶବ୍ଦ ଦ୍ୱାରା ଏବଂ ଚଢ଼ାଗଳାରେ ମାଇକର ଗୀତା ବାଜା କାନ ଉପରେ ବହୁତ କୁ ପ୍ରଭାବ ପକାଇଥାଏ। ଗାଡି ମଟର ଏତେ ମାତ୍ରାରେ ବୃଦ୍ଧି ପାଇଲାଣି ଫଳରେ ବାୟୁମଣ୍ଡଳ ଏହାର କାର୍ବନ ଡାଇଅକ୍ସାଇଡ ଦ୍ୱାରା ବହୁମାତ୍ରାରେ ପ୍ରଦୂଷିତ ହେଉଛି। ହୁଏତ ସମୟ ଆସିବ, ଆମକୁ ଏକ ଅକ୍ସିଜେନ ପାରଲରରୁ ଅମ୍ଳଯାନ ନେଇ ଜୀବନ ବଞ୍ଚାଇବାକୁ ପଡ଼ିବ। ତେଣୁ ଅଧିକ ମାତ୍ରାରେ ବୃକ୍ଷରୋପଣ ହେଉଛି ଏକମାତ୍ର ପନ୍ଥା। ଆଜିକାଲି ସମସ୍ତଙ୍କର ଦରକାର ମୋବାଇଲ ଫୋନ। ଏହାର ଉପଯୁକ୍ତ ବ୍ୟବହାର ନକଲେ ହୁଏତ ଜୀବନ ଦୀପ ଯେତେବେଳେ ଲିଭିଯିବ ତାହା କେହି କହିପାରିବେନି। ନିକଟରେ ଆପଣଙ୍କର ତିକ୍ତ ଅନୁଭୂତି ବିଘ୍ନନାଶ ଗଣେଶଙ୍କ ଠାରୁ ମା’ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ। ବିଭିନ୍ନ ମାରାତ୍ମକ ରାସାୟନିକ ରଙ୍ଗରେ ଭରପୁର ମୂର୍ତ୍ତିକୁ ନଦୀ ଜଳରେ ଭଷାଇ କେତେ ଜଳ ପ୍ରଦୂଷଣ ହେଉଛି ତାହା ସମସ୍ତଙ୍କୁ ଜଣା। ସ୍ୱାସ୍ଥ୍ୟ ହାନିର ଏହା ଏକ ଜ୍ୱଳନ୍ତ ଉଦାହରଣ। ସବୁଠୁ ଦୁଃଖର କଥା ଆମେ ଏତେ ପ୍ରଦୂଷଣ କରି ମଧ୍ୟ ଆମ ପ୍ରଶାସନର ସ୍ଥାଣୁତା ଆମକୁ ଅଧିକ ପ୍ରୋତ୍ସାହିତ କରୁଛି। ଏହାର ପ୍ରତିକାର ନହେଲେ ହୁଏତ ଏ ମଣିଷ ସମାଜ ଖୁବ ଶୀଘ୍ର ଧ୍ୱଂସ ପାଇଯିବ। ଆସନ୍ତୁ ଏବେ ବି ସମୟ ଅଛି ଆମ ପରିବେଶ ସଫା ରଖିବା ସୁସ୍ଥ ସବଳ ହୋଇ ବଞ୍ଚିବା।


ସମ୍ପାଦକ, ନିରାମୟ, କଟକ
ଦୂରଭାଷ : ୯୮୬୧୪୬୪୯୩୨


# ଶେଖ୍ ହାସିନା ଓ ଭାରତ

॥ ସୌଭାଗ୍ୟ ରଂଜନ ମହାନ୍ତି ॥

ଗତ ସପ୍ତାହରେ ବଙ୍ଗଳା ଦେଶରେ ଅନୁଷ୍ଠିତ ସାଧାରଣ ନିର୍ବାଚନର ଫଳାଫଳ ନେଇ ବିସ୍ମିତ ହେବାର କିଛି କାରଣ ନାହିଁ। ବଙ୍ଗଳା ଦେଶର ମୁଖ୍ୟ ବିରୋଧିଦଳ ବର୍ଜନ କରିଥିବା ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ନେତୃତ୍ୱରେ ପରିଚାଳିତ । ଆୱାମୀ ଲିଗ୍ୟୁ ୩୦୦ ସଦସ୍ୟ ବିଶିଷ୍ଟ ପାର୍ଲିଆମେଂଟରେ ୨୨୨ଟି ଆସନରେ ବିଜୟୀ ହୋଇ କ୍ରମାଗତ ଚତୁର୍ଥ ଥର ପାଇଁ ଦେଶରେ ଶାସନ ଡୋରି ଧରିଛନ୍ତି। ନିର୍ବାଚନକୁ ବର୍ଜନ କରିଥିବା ମୁଖ୍ୟ ବିରୋଧି ଦଳ ବଙ୍ଗଳା ଦେଶ ଜାତୀୟ ବାଦୀ ପାର୍ଟି (ବିଏନପି) ବ୍ୟାପକ ଜାଲିଆତି ହୋଇଥିବା ଅଭିଯୋଗ କରି ପ୍ରଧାନମନ୍ତ୍ରୀ ପଦରୁ ଶେଖ୍ ହାସିନାଙ୍କ ଇସ୍ତଫା ଦାବି କରି ସାଧାରଣ ଧର୍ମଘଟ ପାଇଁ ଆହ୍ୱାନ ଦେଇଛି। ୧୯୯୧ ରେ ସ୍ୱାଧୀନ ବଙ୍ଗଳାଦେଶ ଜନ୍ମନେବା ପର ଠାରୁ ନିର୍ବାଚନ ବର୍ଜନ। ସରକାରର ଇସ୍ତଫା ଦାବି, ସାଧାରଣ ଷ୍ଟ୍ରାଇକ କିଛି ନୂଆ କଥା ନୁହେଁ। ପ୍ରତି ଥରର ସାଧାରଣ ନିର୍ବାଚନ ପରେ ବିରୋଧି ଦଳଗୁଡିକ ପକ୍ଷରୁ ଯାହା ଘଟିଥାଏ, ଏବେ ହି ତା’ର କେବଳ ପୁନରାବୃତି ଘଟିଛି। ମୁଖ୍ୟ ବିରୋଧି ଦଳ ବିଏନପିର ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଖ୍ୟାଲେ ଦିଆ ଏବେ ଜେଲରେ ନଜରବନ୍ଦୀ ଥିବାବେଳେ ଦଳର କାର୍ଯ୍ୟକାରୀ ତଥା ପୁଅ ତାରିକ୍ ରହମନ ଏବେ ଲଣ୍ଡନରେ ନିର୍ବାସନରେ ଅଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଚଳିତ ନିର୍ବାଚନରେ ବଙ୍ଗଳାଦେଶରେ ଯେତିକି ଭୋଟଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି, ତାହା ୧୯୯୧ରେ ଗଣତାନ୍ତ୍ରୀକ ଶାସନ ବ୍ୟବସ୍ଥା ପୁନଃବାହଲ୍ ହେବା ପରେ ଦ୍ୱିତୀୟ ସବୁଠାରୁ କମ୍ ମତଦାନ ହାର ଥିଲା। ଉଲ୍ଲେଖ କରାଯାଇପାରେ ଯେ, ମୁଖ୍ୟ ବିରୋଧି ଦଳ ବିଏନପିର ନିର୍ବାଚନ ବର୍ଜନ ଓ ସାଧାରଣ ଷ୍ଟ୍ରାଇକ୍ ଆହ୍ୱାନ ପରିପ୍ରେକ୍ଷୀରେ ମତଦାନ ହାର ସର୍ବନିମ୍ନ ରହିଥିଲା। ଗତ ୨୦୧୯ ପାର୍ଲିଆମେଂଟ ନିର୍ବାଚନରେ ଦେଶରେ ମତଦାନ ହାର ୮୦ ପ୍ରତିଶତ ଥିବାବେଳେ ଏଥର ତାହା ୪୦ ପ୍ରତିଶତକୁ ହ୍ରାସ ପାଇଥିଲା। ତେବେ ସେ ଯାହା ହେଉନା କାହିଁକି, ଭାରତ ହେଉଛି ବଙ୍ଗଳା ଦେଶର ବିଶ୍ୱାସୀ ବନ୍ଧୁ ବୋଲି ନିର୍ବାଚନ ଦିନ ଟେଲିଭିଜନ ଚ୍ୟାନେଲଗୁଡିକ ସମ୍ମୁଖରେ ପ୍ରକାଶ କରିବା ଭାରତ ପ୍ରତି ତାଙ୍କର ଆସ୍ଥା ଓ ବିଶ୍ୱାସକୁ ପ୍ରତିପାଦିତ କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଭାରତର ପଡୋଶୀ ତଥା ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସୁସମ୍ପର୍କ ଏବଂ ସହଯୋଗିତା ବୃଦ୍ଧି ନେଇ ଅଶୀ ଦଶକରେ ଜନ୍ମ ନେଇ ଦକ୍ଷିଣ ଏସିଆ ଆଂଚଳିକ ସହଯୋଗ ସମିତି (ସାର୍କ)ର ସାତ ସଦସ୍ୟଙ୍କ ମଧ୍ୟରୁ ଏବେ ପାକିସ୍ଥାନ, ନେପାଳ, ଶ୍ରୀଲଙ୍କା, ମାଳଦୀପ, ଆଫଗାନିସ୍ତାନ ସହ ଭାରତର ସମ୍ପର୍କ ଏବେ ଭଲ ନାହିଁ। ଦେଶ ସ୍ୱାଧୀନ ହେବା ପରଠାରୁ ପାକିସ୍ତାନ ଭାରତ ସହ ଶତ୍ରୁତା ଆଚରଣ କରି ଆସିଛି। ଏପରିକି ଦୁଇ ଦେଶ ମଧ୍ୟରେ ଚାରି ଚାରି ଥର ପ୍ରତ୍ୟକ୍ଷ ଯୁଦ୍ଧ ଲାଗିଛି। ଏବେ ବି ସୀମା ପାର ଆତଙ୍କବାଦ ଦ୍ୱାରା ଭାରତ ବିରୁଦ୍ଧରେ ପାକିସ୍ତାନ ଛାୟା ଯୁଦ୍ଧ ଜାରି ରଖିଛି। ସେହିପରି ଭାରତର ଶତ୍ରୁ ରାଷ୍ଟ୍ରଭାବେ ପରିଚିତ ଚୀନ’ର ନିକଟତର ହୋଇ ଏବେ ନେପାଳ, ଶ୍ରୀଲଙ୍କା, ମାଳଦୀପ ଖୋଲାଖୋଲି ଆହ୍ୱାନ ସୃଷ୍ଟି କରିଛନ୍ତି। ଯଥାର୍ଥରେ କହିବାକୁ ଗଲେ ପଡୋଶୀ ରାଷ୍ଟ୍ରମାନଙ୍କ ସହ ଭାରତର ସମ୍ପର୍କ ଏବେ ଭଲ ନାହିଁ। ଏପରି ଏକ ସମୟରେ ନିର୍ବାଚନ ପରିପ୍ରେକ୍ଷୀରେ ବୈଦ୍ୟୁତିକ ଗଣମାଧ୍ୟମଗୁଡିକ ସମ୍ମୁଖରେ ଭାରତ ଆମର ବିଶ୍ୱାସୀ ବନ୍ଧୁ ରାଷ୍ଟ୍ର ବୋଲି କହି ପ୍ରଶଂସା କରିବା ଆଶ୍ୱସ୍ତିର କାରଣ ହୋଇଛି ସତ। କିନ୍ତୁ ବଙ୍ଗଳାଦେଶ ଏବେ ଯେପରି ଚୀନର ନିକଟତର ହେବାରେ ଲାଗିଛି, ତାହା ଚିଂ‘ାର କାରଣ ହେବା ସ୍ୱାଭାବିକ। ଚୀନର ବେଲଟ ଆଣ୍ଡ ରୋଡ ଇନିସିଏଟିଭ(ବିଆରଆଇ) ପ୍ରକଳ୍ପକୁ ଭାରତ ଦୃଢ଼ ବିରୋଧି କରିବା ସହ ପ୍ରତ୍ୟାଖ୍ୟାନ କରିଥିବାବେଳେ ପ୍ରଧାନମନ୍ତ୍ରୀ ହାସିନା ପ୍ରଶଂସା କରିବା ସହ ଏହା ତାଙ୍କ ଦେଶ ପାଇଁ ବିକାଶର ନୂଆ ଦରଜା ଖୋଲି ଦେଇଛି ବୋଲି କହିଛନ୍ତି। କେବଳ ଏତିକି ନୁହେଁ, ଗଲା ବର୍ଷ ଚୀନ ଓ ବଙ୍ଗଳା ଦେଶ ମଧ୍ୟରେ ଅଧିକାରୀ ସ୍ତରୀୟ ଏବଂ ସାଂସ୍କୃତିକ ବିନିମୟ ଅଧିକ ତ୍ୱରାନ୍ୱିତ ହୋଇଛି। ଯାହାକି ଭାରତ ପାଇଁ ଚିନ୍ତାର କାରଣ ଭାବେ ଉଭା ହୋଇଛି। ସେହିପରି ବଙ୍ଗଳା ଦେଶରେ ଚୀନ ବ୍ୟାପକ ପୁଞ୍ଜି ନିବେଶ କରିଥିବା ବେଳେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହା ନିଶ୍ଚିତ ଯେ, ବିସ୍ତାରବାଦୀ ନୀତି ଯୋଗୁଁ ଉତରପୂର୍ବାଚଂଳ ଠାରୁ ଆରମ୍ଭ କରି ଜାମ୍ମୁ କାଶ୍ମୀର ଏବଂ ଲଦାଖ, ସିକିମ୍ ସୀମାନ୍ତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଚୀନ ବାରମ୍ବାର ପ୍ରୟାସ କରିଆସିଛି। ଅନ୍ୟପକ୍ଷରେ ଚୀନ ସହ ଭାରତର ସମ୍ପର୍କ ଦିନକୁ ଦିନ ବିଗିଡିବାରେ ଲାଗିଛି। ସେହିପରି ପଡୋଶୀ ରାଷ୍ଟ୍ରମାନଙ୍କ ସହ ଭାରତର ସୁସମ୍ପର୍କରେ ଅବନତି ଘଟୁଥିବାବେଳେ ସେହି ଦେଶଗୁଡିକ ଏବେ ଡ୍ରାଗନର କବଜାରେ। ଯଦି ବଙ୍ଗଳାଦେଶ ଡ୍ରାଗନରେ ପଡେ, ତେବେ ଭାରତ ପାଇଁ ଏହା ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଅନ୍ୟପକ୍ଷରେ ବଙ୍ଗଳା ଦେଶ ଚୀନର ନିକଟତର ହେଉଥିବରବେଳେ ଭାରତକୁ ସର୍ବସମ୍ମୁଖରେ ବିଶ୍ୱାସୀ ବନ୍ଧୁ ରାଷ୍ଟ୍ର କହି ପ୍ରଶଂସା କରିବା ଘଟଣାରେ ଭାରତ ଉଲ୍ଲସିତ ନହୋଇ ସତର୍କ ରହିବା ବିଜ୍ଞତାର ପରିଚାୟକ ହେବ।


ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ବିକଶିତ ଗାଁ ବିକଶିତ ଓଡ଼ିଶାର ବିକଳ ଚିତ୍ର : ଜୁନାଗଡ଼ !




ଜୁନାଗଡ଼, (ମହାଭାରତ):ଜୁନାଗଡ଼ ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ପ୍ରହସନରେ ପରିଣତ ହୋଇଛି । ଏହି ଯୋଜନା ନାମ ହୋଇଛି ଗୋଟାଏ ଜାଗାରେ ଏବଂ କାମ ହେଉଛି ଅନ୍ୟ ଏକ ଜାଗାରେ । ଯାହା ଫଳରେ ଏବେ ଲୋକେ ସମସ୍ୟା ଦେଇ ଗତି କରୁଛନ୍ତି । ଏହି ଯୋଜନା ଗାଁ ବିକଶିତ ପାଇଁ ନୁହେଁ କେବଳ ବିଜେପି ସରକାରଙ୍କ କର୍ମୀ ଓ ଠିକାଦାର ମାନଙ୍କ ବିକଶିତ ପାଇଁ ଆରମ୍ଭ ହୋଇଥିବା ନେଇ ଲୋକେ ଅଭିଯୋଗ କରିନ୍ତି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ ଜୁନାଗଡ଼ ବ୍ଲକର ମାଟି ଗାଁ ପଞ୍ଚାୟତର ବୁଢ଼ୀପଦର ଗ୍ରାମର ଭତରାଜୋର କୁ ଯିବା ପାଇଁ ରାସ୍ତା ନାହିଁ କି ପୋଲ ମଧ ନାହିଁ । ଗ୍ରାମବାସୀ ସବୁବେଳେ ଏହି ଭତ୍ରଜୋର ଉପରେ ନିର୍ଭର କରନ୍ତି । ଅନେକ ଦିନ ଧରି ଏହି ରାସ୍ତାର ମରାମତି ଓ ଏକ ପୋଲ ନିର୍ମାଣ ପାଇଁ ଦାବୀ ହୋଇ ଆସୁଥିଲା । ତେଣୁ ପୋଲ ଓ ରାସ୍ତା ନିର୍ମାଣ ପାଇଁ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଏହାର ନିର୍ମାଣ ପାଇଁ ୩ ଲକ୍ଷ୨୦ ହଜାର ଟଙ୍କା ଅର୍ଥ ବ୍ୟୟ ବରାଦ କରାଗଲା । ଟଙ୍କା ଆସିଲା କାମ ବି ହେଲା ହେଲେ ,ଯେଉଁଠାରେ କାମ ହେବା କଥା ସେଠାରେ ନ ହୋଇ କେବଳ ଅନ୍ୟ ଜାଗାରେ କଂକ୍ରିଟ ରାସ୍ତା ନିର୍ମାଣ କରାଗଲା । ଲାଭଖୋର ଠିକାଦାର ନିଜର ଲାଭ ପାଇଁ ଅନାବଶ୍ୟକ ଜାଗାରେ ରାସ୍ତା ନିର୍ମାଣ କରି ରାସ୍ତା ଓ ପୋଲ ନିର୍ମାଣ କରାଗଲା ବୋଲି ସୂଚନା ଫଳକ ଲଗାଇଛନ୍ତି । ଅନ୍ୟ ପକ୍ଷରେ ଯେଉଁ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି ,ନିମ୍ନ ମାନର କାମ ଯୋଗୁଁ ନିର୍ମାଣର ଦୁଇ ମାସ ମଧ୍ୟରେ କଂକ୍ରିଟ ରାସ୍ତା ଭାଙ୍ଗି ଗଲାଣି । ଏବେବି ଲୋକେ ଭତ୍ରାଜୋର କୁ ଯିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୋଲ ନ ଥିବା ବେଳେ ବାଉଁଶ ଦେଇ ତା ଉପରେ ମାଟି ପକାଇ ବିପଦଜନକ ଭାବେ ଯିବା ଆସିବା କରୁଛନ୍ତି । ଏନେଇ ମାଟିଗାଁ ସରପଞ୍ଚ ନୀଳ ଗଗନ ମେହେରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଭତ୍ରାଜୋର ରାସ୍ତା ଓ ପୋଲ ନିର୍ମାଣ ପାଇଁ ମୁଁ ବ୍ଲକ କୁ ଲିଖିତ ଜଣାଇଥିଲି । ୩ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ବରାଦକରାଗଲା ହେଲେ,ମୁଁ କଥାକୁ ଠିକାଦାର କର୍ଣ୍ଣପାତ ନ କରି ଅନ୍ୟ ଜାଗାରେ ମନମାନି ରାସ୍ତା ନିର୍ମାଣ କରିଛନ୍ତି ,ବର୍ତ୍ତମାନ ନିର୍ମାଣ ହୋଇଥିବା ରାସ୍ତା ମଧ ଭାଙ୍ଗି ଗଲାଣି ବୋଲି ଓଲଟା ଅଭିଯୋଗ କରିଥିଲେ । ତେବେ ଦେଖିବାକୁ ବାକି ରହିଲା ୨୫ ବର୍ଷ ପରେ ସରକାରକୁ ଆସିଥିବା ବର୍ତ୍ତମାନର ବିଜେପି ସରକାର ଏହିଭଳି କାର୍ଯ୍ୟ ପ୍ରତି କି ପଦକ୍ଷେପ ନେଉଛନ୍ତି ।

# ପାଟଣା ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ



ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରେ ପଞ୍ଚାୟତ ସମିତି ସମୀକ୍ଷା ବୈଠକ ରେ ହଟ୍ଟଗୋଳ ଦେଖିବାକୁ ମିଳି ଛି। ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ ଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ସମୀକ୍ଷା ବୈଠକ କୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ,ସାଂସଦ ବ୍ଲକ ପ୍ରତିନିଧି ପ୍ରହ୍ଲାଦ ପଲେଇ ଯୋଗଦାନ କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ରେ ପିସି କାରବାର କୁ ନେଇ ସମୀକ୍ଷା ବୈଠକ ରେ ହଟ୍ଟଗୋଳ ହୋଇ ଛି। ଏହି ସମୀକ୍ଷା ବୈଠକ ରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ,ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଆଲୋଚନା ଚାଲିଥିବା ବ୍ଲକ ସାଂସଦ ପ୍ରତିନିଧି ପ୍ରଲ୍ଲାଦ ପଲେଇ ଓ ଡୁମୁରିଆ ସରପଞ୍ଚ ଗୌରହରି ନାୟକ, ଟାଙ୍ଗରପଡା ସରପଞ୍ଚ ଅନିରୁଦ୍ଧ ନାୟକ, ଚେମଣା ସମିତି ସଭ୍ୟ ମନୋଜ ମହାନ୍ତ ମଧ୍ୟରେ ବିଧାୟକ ଙ୍କ ଉପସ୍ଥିତି ରେ କଥା କଟାକଟି ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇ ଥିଲା। ଚେମଣା ପଞ୍ଚାୟତ ସମିତି ସଭ୍ୟ ମନୋଜ ମହାନ୍ତ କାମରେ ପିସି ନ ଦେଲେ ବିଲ୍ ପାସ୍ ହେଉ ନ ଥିବା ଅଭିଯୋଗ କରିବା ସହ ସମୀକ୍ଷା ବୈଠକରେ ଅଧିକାଂଶ ବିଭାଗର ଅଧିକାରୀ ଉପସ୍ଥିତ ନ ଥିବା ରୁ ଉତେଜନା ଦେଖିବାକୁ ମିଳି ଛି। ଏପରି ସମୀକ୍ଷା ବୈଠକ ରେ ହଟ୍ଟଗୋଳ ଉତ୍ତେଜନା ସୃଷ୍ଟି ହେବା ରୁ ବ୍ଲକ ଅଧକ୍ଷା ବୀଣାପାଣି ନାୟକ ବୈଠକ ଅସ୍ଥଗିତ ରହିଛି।

# ଆଳିପୁର ଗ୍ରାମରେ ଘନ ଘନ ଚୋରି, ପୋଲିସର ହାତ ଖାଲି

ଆସିକା, (ମହାଭାରତ) : ଆସିକା ଥାନା ଅଧୀନ ଆଳିପୁର ଗ୍ରାମରେ ଘନ ଘନ ଚୋରି। ପ୍ରକାଶ ଥାଉକି ଗତକାଲି ଆଳିପୁର ଗ୍ରାମର ଟୁନା କୁମାର ପଟ୍ଟନାୟକ (୪୯) ପ୍ରତିଦିନ ଭଳି ସନ୍ଧ୍ୟା ସମୟରେ ନିଜ ଟ୍ରାକ୍ଟର ଟିକୁ ଗାଁ ଉତ୍ତର ଦିଗ ଗାଁ ମୁଣ୍ଡରେ ଥିବା ପ୍ରସିଦ୍ଧ ସିଦ୍ଧେଶ୍ୱର ମନ୍ଦିର ନିକଟରେ ରଖି ଘରକୁ ଯାଇଥିଲେ। ସକାଳୁ ଆସି ଟ୍ରାକ୍ଟର ଷ୍ଟାଟ କରିବା ବେଳକୁ ଗାଡିଟି ଷ୍ଟାର୍ଟ ହୋଇନଥିଲା ଦେଖିଲା ବେଳେକୁ ଗାଡ଼ିରେ ବ୍ୟାଟେରୀ ନଥିଲା ବହୁ ଖୋଜା ଖୋଜି କରିବା ପରେ ନିରାଶ ହୋଇ ଟୁନା ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି ଗ୍ରାମରେ ଓଷାକୋଠି ଯାତ୍ରା ଚାଲିଥିଲା ବେଳେ ଗାଁ ମୁଣ୍ଡରୁ ମୋଟର ସାଇକେଲ ଚୋରି, ଗାଡିରୁ ବ୍ୟାଟେରୀ ଚୋରି କଥା ଗ୍ରାମବାସୀ ଙ୍କ ମନରେ ଛନକା ପସିଛି। ଏହା ପୂର୍ବରୁ ମଧ ଗ୍ରାମର ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କାର ଏଲ ଇ ଡି ପାଣି ମେସିନ ଅନ୍ୟାନ୍ୟ ସାମଗ୍ରୀ ଚୋରି ଗାଁ ର ଉତ୍ତର ଦିଗ ଗାଁ ମୁଣ୍ଡରେ ଥିବା ପ୍ରସିଦ୍ଧ ସିଦ୍ଧେଶ୍ୱର ମନ୍ଦିର ମୁଖ୍ୟ ଚାବି ଭାଙ୍ଗି ଦୁର୍ବୃତ୍ତ ମାନେ ହୁଣ୍ଡିକୁ ଉଠାଇ ନେଇ ମନ୍ଦିର ନିକଟ ଏକ ପାର୍କ ଠାରେ ହୁଣ୍ଡିକୁ ଭାଙ୍ଗି ଥିବା ଭକ୍ତ ଦାନ କରିଥିବା ୬୦ ହଜାର ଟଙ୍କା ଚୋରମାନେ ଲୁଟି ନେଇଥିଲେ। ପୋଲିସ ଏହି ଘଟଣା ବିରୁଦ୍ଧରେ ନାମକୁ ମାତ୍ର କେସଟି କରି ଦାୟିତ୍ୱ ସାରିଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଚୋରି ଘଟଣାକୁ ପୋଲିସ ହାଲୁକା ଭାବେ ନେଉଛି। ଅନ୍ୟପଟେ ଚୋରମାନେ ପାଳି ପକାଇ ଚୋରି କରୁଛନ୍ତି। ତୁରନ୍ତ ଏଥି ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଙ୍କ ପକ୍ଷରୁ ଦାବୀ ହେଉଛି।

# ମହାବାତ୍ୟାର ୨୬ ବର୍ଷ ପୂର୍ତ୍ତି ଅବସରରେ ଅମ୍ବିକାଇ ଗଣ ପରିଷଦ ପକ୍ଷରୁ ସତର୍କ ଦିବସ ପାଳିତ




ପାରାଦୀପ, (ମହାଭାରତ) : ପାରାଦୀପର ଅଗ୍ରଣୀ ତଥା ପୁରାତନ ସାମାଜିକ ଅନୁଷ୍ଠାନ ଅମ୍ବିକାଇ ଗଣ ପରିଷଦ ପକ୍ଷରୁ ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ମହାବାତ୍ୟାର ୨୬ ବର୍ଷ ପୂର୍ତ୍ତି ସତର୍କ ଦିବସ ପାରାଦୀପ ସ୍ଥିତ ୱାର୍କର୍ସ ୟୁନିୟନ ପରିସରରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ନାରୀ କବି ସବିତା ମହାପାତ୍ରସମ୍ମାନିତ ଅତିଥି ଭାବେ ବର୍ଷୀଆନ କବି ତଥା ନିଶାନିବାରଣ ଅଭିଯାନର ଜିଲ୍ଲା ସଂଯୋଜକ ବାବୁରାମ ଚୌଧୁରୀ, ବରିଷ୍ଠ ଶ୍ରମିକ ନେତା ଅନନ୍ତ କୁମାର ଦାସ ଯୋଗଦାନ କରି ପ୍ରଦୂଷଣ ପରିବେଶରେ ସତର୍କ ଦିବସର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଅମ୍ବିକାଇ ଗଣପରିଷଦର ଅଧକ୍ଷ ଧ୍ରୁବ ଚରଣ ମହାପାତ୍ର ୨୬ ବର୍ଷ ତଳେ ମହାବାତ୍ୟାର ତିକ୍ତ ଅନୁଭୂତି ଉପସ୍ଥାପିତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ମହାବାତ୍ୟାର ବିଭୀଷିକା ସମ୍ପର୍କରେ ଅବତାରଣା କରି ବାତ୍ୟା ସମୟରେ ସମସ୍ତେ ପ୍ରଶାସନର ସୂଚନା ମୁତାବକ ସତର୍କତା ଅବଲମ୍ବନ କରିବା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅମ୍ବିକାଇ ଗଣପରିଷଦର ପ୍ରେମଲତା ବାରିକ ଏବଂ ଆଲୋଚନା ଚକ୍ର ଏବଂ ମହାବାତ୍ୟା ଉପରେ ଆଧାରିତ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ କବୟିତ୍ରୀ ତୁଳସୀ ବରାଳ। ଏଥିରେ ସ୍ୱାଗତ ଭାଷଣ ଦେଇଥିଲେ କବି ନଗେନ୍ଦ୍ର ନାଥ ସ୍ୱାଇଁ ଏବଂ ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କବୟିତ୍ରୀ ସଂଘମିତ୍ରା ସ୍ୱାଇଁ । ସୂଚନାଥାଉକି, ଅମ୍ବିକାଇ ଗଣପରିଷଦ ପ୍ରାରମ୍ଭରୁ ୧୯୯୯ ମସିହା ମହାବାତ୍ୟାର ପୂର୍ତ୍ତି ପାଳନ କରିବା ସହିତ ବାତ୍ୟା ସମୟରେ ସମସ୍ତେ ସତର୍କତା ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଆସୁଛି ।

# ସର୍ବଭାରତୀୟ ନିଟ୍ ପରୀକ୍ଷାରେ ପାରାଦୀପର ସୌମ୍ୟଦର୍ଶୀ ଶିବଦତ୍ତ ସାହୁଙ୍କ କୃତିତ୍ୱ



ପାରାଦୀପ, (ମହାଭାରତ) : ପାରାଦୀପ ଅଞ୍ଚଳର ବରିଷ୍ଠ ଆଇନଜୀବୀ ଦେବବ୍ରତ ସାହୁଙ୍କ ସୁପୁତ୍ର ସୌମ୍ୟଦର୍ଶୀ ଶିବଦତ୍ତ ସାହୁ ସର୍ବଭାରତୀୟ ସ୍ତରୀୟ ନିଟ ୨୦୨୫ ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇ ଭବାନୀପାଟଣା ସ୍ଥିତ ସରକାରୀ ମେଡିକାଲ କଲେଜରେ ଅଧୟନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ପାରାଦୀପ ନୂଆବଜାର ସ୍ଥିତ ଭି-ପଏଣ୍ଟ କେଜି ସ୍କୁଲରୁ ପ୍ରାରମ୍ଭିକ ଶିକ୍ଷା ଲାଭ କରି ବେଥାନୀ କନଭେଣ୍ଟ ସ୍କୁଲ ଓ ପରେ ଭୁବନେଶ୍ୱର ସ୍ଥିତ ପୋଖରୀପୁଟ ଡିଏଭି ସ୍କୁଲରୁ ଯୁକ୍ତ ଦୁଇ ବିଜ୍ଞାନରେ ସଫଳତାର ସହିତ ଉତୀର୍ଣ୍ଣ ହୋଇ ଚଳିତ ନିଟ ପରୀକ୍ଷାରେ ସର୍ବମୋଟ ୭୨୦ ନମ୍ବର ମଧ୍ୟରୁ ୫୧୮ ନମ୍ବର ରଖି ସେ ଏହି ସଫଳତା ହାସଲ କରିଛନ୍ତି । ତେବେ ସୌମ୍ୟଦର୍ଶୀ ଙ୍କ ଏହି କୃତିତ୍ୱ ପାଇଁ ବହୁ ବୁଦ୍ଧିଜୀବୀ ଓ ସାଧାରଣରେ ଆଇନଜୀବୀ ଦେବବ୍ରତ ଏବଂ ତାଙ୍କ ପୁତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଥାଉକି, ଆଇନଜୀବୀ ଦେବବ୍ରତ ସାହୁଙ୍କ ଝିଅ ସୁଶ୍ରୀ ଶର୍ମିଷ୍ଠା ଦେବଯାନୀ ସାହୁ ଜଣେ ମେଧାବୀ ଛାତ୍ରୀ ଥିଲେ ଏବଂ ସେ ଏବେ ଭୋପାଳର ଆଇଆଇଏସଇଆର ରେ ଅଧୟନରତ ।

# ନରଣପୁରରେ ସିରିଜ ଦୁର୍ଘଟଣା ବାଇକ ଚାଳକ ଗୁରୁତର

କେନ୍ଦୁଝର, (ମହାଭାରତ) : କେନ୍ଦୁଝରର ନରଣପୁର ଗୋଡା ସାହିରେ ମୁଖ୍ୟରାସ୍ତାରେ ଏକ ଭୟଙ୍କର ସିରିଜ ଦୁର୍ଘଟଣା ଘଟିଛି। ଗୋଟିଏ ବୋଲେରୋ ଏକ ପିକଅପ, ଦୁଇଟି ମୋଟର ସାଇକେଲକୁ ଧକା ଦେବା ପରେ ଇଲେକ୍ଟ୍ରି ଖୁଣ୍ଟରେ ବାଡେଇ ହୋଇ ଜଣେ ବ୍ୟକ୍ତିଙ୍କ ଘର ଭିତରେ ପଶି ଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଓଡ଼ି ୦୨ ଏଏମ ୨୫୨୨ ନମ୍ବର ବିଶିଷ୍ଟ ଏକ ବୋଲେରୋ ଖୁବ ଦ୍ରୁତ ଗତିରେ ଆସି ଏକ ପିକଅପ ଗାଡି ଓଆର୦୯ଏନ୩୨୨୪କୁ ଅତିକ୍ରମ କରିବା ବେଳେ ଭାରସାମ୍ୟ ହରାଇ ଏହି ପିକ ଅପକୁ ଧକା ଦେଇଥିଲା। ପରେ ଏକ ବାଇକ ଚାଳକଙ୍କୁ ଧକା ଦେବା ପରେ ଅନ୍ୟ ଏକ ବାଇକ କୁ ଧକା ଦେଇଥିଲା। ପରେ ଏକ ବିଦ୍ୟୁତ ଖୁଣ୍ଟରେ ଧକା ଦେବା ପରେ ନରଣପୁରର ସମୀର ମିଶ୍ରଙ୍କ ଘର ଭିତରକୁ ପଶି ଯାଇଥିଲା। ସମୀର ମିଶ୍ରଙ୍କ ପରିବାରର ସଦସ୍ୟ ଓ ଅନ୍ୟ କିଛି ଲୋକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ତାଙ୍କ ଘରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ପିକଅପ ଗାଡିଟି ରାସ୍ତାପର୍ଶ୍ୱ ଖାଲ ଭିତରକୁ ପଶି ଯାଇଥିଲା। ବାଇକ ଚାଳକ ଭଗାମୁଣ୍ଡା ଅଞ୍ଚଳର କୁଳମଣି ମହାନ୍ତଙ୍କ ଅଣ୍ଟା ପାଖରେ ଗଭୀର ଆଘାତ ସହ ହାଡ଼ ଭାଙ୍ଗି ଯାଇଥିବା ଜଣା ପଡ଼ିଛି। ଖବର ପାଇ ପୋଲିସ ସହାୟତା ଗାଡି ଆସି ଗୁରୁତର ଆହତ ଓ ବୋଲେରୋ ଗାଡ଼ିରେ ଥିବା ସମସ୍ତ ପାଞ୍ଚଜଣ ମଦ୍ୟପଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଗୁରୁତର କୁଳମଣିର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡିର ଫିଟନେସ ବର୍ଷେରୁ ଅଧିକ ହେବ ସାରି ଯାଇଥିବା ବେଳେ , ଗାଡିର ଇନସ୍ୟୁରାନ୍ସ, ପ୍ରଦୂଷଣ ସାର୍ଟିଫିକେଟ , ଗାଡି ଚାଳକଙ୍କ ଲାଇସେନ୍ସ ଆଦି କିଛି ନଥିବା ଜଣା ପଡ଼ିଛି। ପିକଅପ ଗାଡିଟି ନରଣପୁରର ଗୋପାଳ ମହାନ୍ତଙ୍କର ବୋଲି ସୂଚନା ମିଳିଛି।

# ଦ୍ୱିତୀୟ ସୁନିଲ ମେମୋରିଆଲ କ୍ୟାରମ ପ୍ରତିଯୋଗିତା ଉଦଯାପିତ

କଳାହାଣ୍ଡି, (ମହାଭାରତ) : ଭବାନୀପାଟଣା ସ୍ଥିତ କ୍ୟାରମ କ୍ଲବରେ କଳାହାଣ୍ଡି କ୍ୟାରମ ଆସୋସିଏସନର ଆଇନ ପରାମର୍ଶ ଦାତା କୁନାଲ ବେହେରାଙ୍କ ସଂଯୋଜନା ରେ କଳାହାଣ୍ଡି କ୍ୟାରମ ସଂଘର ସହଯୋଗରେ ସଂଘର ସ୍ୱର୍ଗତ ସଦସ୍ୟ ସୁନିଲ ବିଶ୍ୱାଳଙ୍କ ଅକାଳ ବିୟୋଗରେ ତାଙ୍କର ସ୍ମୃତିରେ 'ଦ୍ୱିତୀୟ ସୁନିଲ ମେମୋରିଆଲ କ୍ୟାରମ ପ୍ରତିଯୋଗିତା ' ଉଦଯାପିତ ହୋଇଯାଇଅଛି । ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ଦାସ ଉପସ୍ଥିତ ରହିଥିବାବେଳେ ସଂଘର ସଭାପତି ପ୍ରଦୀପ କୁମାର ଦାସ, ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଦସ୍ୟ କ୍ଷୀରୋଦ ଚନ୍ଦ୍ର ମୁଣ୍ଡ ଏବଂ ପୂର୍ବତନ ଜିଲ୍ଲା ଚାମ୍ପିୟନ ଅନିଲ ଦୀପ ଉପସ୍ଥିତ ରହିଥିଲେ ଓ କିଶୋର ଅଗ୍ରୱାଲ ପ୍ରତିଯୋଗିତା ର ସଂଯୋଜକ ରହିଥିବା ବେଳେ ସଂଘର ସାଧାରଣ ସମ୍ପାଦକ ଅବଦୁଲ ଖାଁ ମୁଖ୍ୟ ରେଫରୀ ଭାବରେ ଏବଂ ବରିଷ୍ଠ ଉପସଭାପତି ପ୍ରଭାତ ବ୍ରହ୍ମା ପ୍ରତିଯୋଗିତାର ସହ ସଂଯୋଜକ ଭାବରେ ସହଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରୁ ସଂଘର କାର୍ଯ୍ୟକାରୀ ସଭାପତି ସମୀର ପଟ୍ଟନାୟକ, ସଞ୍ଜୟ ମିଶ୍ର, ଶଶାଙ୍କ ପାତ୍ର, ସୁଶାନ୍ତ ପ୍ରଧାନୀ, ସୁଶାନ୍ତ ମହାନ୍ତି,ଠାକୁର ବାଗ, ଶିବୁ ଦାସ, ମୁକେଶ ବର୍ଗାୱୀ, ବାବୁଲା ଗହୀର, ରୋହିତ ମିଶ୍ର, ନିଶିକାନ୍ତ ବେହେରା, ପ୍ରଜ୍ଞାଦୀପ୍ତ ମାଝୀ,କଂଶୀରାଜ ନାଏକ, ତାପସ,ବିକ୍ରମ ମୁଣ୍ଡ,ସନ୍ତୋଷ ବେହେରା, ଜୀବନ ଜ୍ୟୋତି ବାଗ,ଉତ୍ତମ ରାଓ, ରକି ବାଗ ଏବଂ ଅନ୍ୟାନ୍ୟ ସଦସ୍ୟ ଗଣ ବିଭିନ୍ନ ଦାୟିତ୍ୱମାନ ନେଇ ସହଯୋଗ କରିଥିଲେ। କ୍ୟାରମ ଯୁଗ୍ମ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ରେ ଶ୍ୟାମ ମହାନନ୍ଦ ଓ ସୌମ୍ୟ ରଞ୍ଜନ ତ୍ରିପାଠୀ ଉପବିଜେତା ହୋଇଥିବା ବେଳେ କ୍ଷୀରୋଦ ମୁଣ୍ଡ ଓ ସମ୍ପଦ ମୁଣ୍ଡ ବିଜେତା ହୋଇଥିଲେ ।

# ଡ୍ରେନ କାମ ନେଇ ଅଭିଯୋଗ ଆଣିଲେ ସମିତି ସଭ୍ୟ

ଗଣିଆ, (ମହାଭାରତ): ହୋଇନଥିବା ଡ୍ରେନର ବିଲ୍ ପାସ୍ କାର୍ଯ୍ୟକୁ ନେଇ ଗଣିଆ ସମିତି ସଭ୍ୟ ଫକିର ମୋହନ ଡାକୁଆ ଗୁରୁତର ଅଭିଯୋଗ କରିଛନ୍ତି। ଗଣିଆ ବ୍ଲକ ଗଣିଆ ଗ୍ରାମପଞ୍ଚାୟତ ତେଲିସାହିରେ ଡ୍ରେନ ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏପରିକି କାର୍ଯ୍ୟ ନହୋଇ ଡ୍ରେନ ନିର୍ମାଣର ବିଲ ପୈଠ କରାଯାଇଥିବା ଗଣିଆ ପଞ୍ଚାୟତ ସମିତିସଭ୍ୟ ଫକୀର ମୋହନ ଡାକୁଆ ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଦୁର୍ନୀତି ହୋଇଥିବା ଡ୍ରେନ କାର୍ଯ୍ୟର ସାତଦିନ ମଧ୍ୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେବୋଲି ସମିତି ସଭ୍ୟ ଶ୍ରୀଯୁକ୍ତ ଡାକୁଆ ଦର୍ଶାଇଛନ୍ତି । ମିଳିଥିବା ସୂଚନା ଅନୁଯାଇ ଗଣିଆ ପଞ୍ଚାୟତ ଗଣିଆ ଗ୍ରାମ ତେଲିସାହିର ୫ ୱାର୍ଡ ପଛ ପାର୍ଶ୍ୱରେ ଡ୍ରେନ ନିର୍ମାଣ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କର ପଞ୍ଚଦସତମ ଉତ୍ତଉ ପାଣ୍ଠିରୁ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ହେଲେ କାର୍ଯ୍ୟନହୋଇ ମଞ୍ଜୁର ଅର୍ଥକୁ ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଗଣିଆ ସରପଞ୍ଚ ଗିରିଧାରୀ ସେଠୀଙ୍କୁ ପଚାରିବାରୁ ଗଣିଆ ତେଲିସାହିର ୪ ଓ ୫ ନମ୍ବର ୱାର୍ଡର ପଛ ପାର୍ଶ୍ୱରେ ଡ୍ରେନ ନିର୍ମାଣପାଇଁ ଉତ୍ତଉ ପାଣ୍ଠିରୁ ୮୦ ହଜାର ଲେଖାଏଁ ଅର୍ଥ ମଞ୍ଜୁର କରାଯାଇଥିଲା କ୍ଷ ୪ ନମ୍ବର ୱାର୍ଡରେ ନିର୍ମାଣ କାର୍ଯ୍ୟ ସାରିଥିବା ବେଳେ ୫ ନମ୍ବର ୱାର୍ଡରେ କାର୍ଯ୍ୟ ହୋଇନାହିଁ । ମାତ୍ର ୪ ନମ୍ବର ୱାର୍ଡ ନିର୍ମାଣ କାର୍ଯ୍ୟର ବିଲ ପରିବର୍ତ୍ତେ ଭୁଲ ବଶତଃ ୫ ନମ୍ବର ୱାର୍ଡର ଫାଇଲରେ ବିଲ ହୋଇଯାଇଛି। ଏହା ଜାଣିବାପରେ ମୁଁ ବିଲ ପୈଠ କରିନାହିଁ ବୋଲି ସେ କହିଛନ୍ତି ।

# କେନ୍ଦୁଝରଠାରେ ବିଶ୍ୱ ଷ୍ଟ୍ରୋକ ଦିବସ ପାଳିତ

କେନ୍ଦୁଝର, (ମହାଭାରତ) : ଆଜି ପୂର୍ବାହ୍ଣରେ ଜିଲ୍ଲା ସ୍ତରୀୟ ଷ୍ଟ୍ରୋକ ଦିବସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଜିଲ୍ଲା ଚିକିତ୍ସାଧିକାରୀ ଅଧିକ୍ଷକ ଡାକ୍ତର ପ୍ରଦୀପ କୁମାର ମିଶ୍ର ଉକ୍ତ ବୈଠକରେ ଅଧ୍ୟକ୍ଷତା କରି ନିଜ ଅଭିଭାଷଣରେ ଷ୍ଟ୍ରୋକର ମୁଖ୍ୟ କାରଣ ଓ ପ୍ରତିଷେଧକ ଉପରେ ଆଲୋକପାତ କରିଥିଲେ। ମଧୁମେହ ଓ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଦ୍ୱାରା ଷ୍ଟ୍ରୋକ ପ୍ରତିରୋଧ କରାଯାଇପାରିବ ଓ ଏଥିରୁ ସୁରକ୍ଷିତ ରହିବା ପାଇଁ କମ ଲୁଣ, ଅଧିକ ତନ୍ତୁଯୁକ୍ତ ଓ କମ ଚର୍ବି ମୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ପରିବାର କଲ୍ୟାଣ ନିୟମିତ ରକ୍ତଚାପ ଓ ମଧୁମେହର ପରୀକ୍ଷା, ଯୋଗ ପ୍ରାଣାୟାମ ଓ ବ୍ୟାୟାମ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୁଷୋତ୍ତମ ମହାନ୍ତ ଷ୍ଟ୍ରୋକର ଶୀଘ୍ର ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା କରିବା ଉପରେ ଗୁରୁତ୍ୱ ଦେଇଥିଲେ।ସମସ୍ତ ସରକାରୀ ଡାକ୍ତରଖାନାରେ ସିଟି ସ୍କାନ, ଏମଆରଆଇ ଦ୍ୱାରା ଷ୍ଟ୍ରୋକର ଚିହ୍ନଟ ଓ ଚିକିତ୍ସା ସୁବିଧା ମାଗଣାରେ ଉପଲବ୍ଧ ଅଟେ। ଉକ୍ତ ବୈଠକରେ ସ୍ୱାସ୍ଥ୍ୟକର୍ମୀ,ଆଶା, ପାରାମେଡିକାଲ ସ୍ୱାସ୍ଥ୍ୟକର୍ମୀ,ମେଡିକାଲ ଷ୍ଟାଫ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଭରତ କୁମାର ସାହୁ ସଂଚାଳନ କରିଥିଲେ।

# ଜେଲ୍‌ରେ ଗ୍ୟାଙ୍ଗୱାର୍ ଦମନ ପାଇଁ ଯୋଜନା



ନୟାଗଡ଼, (ମହାଭାରତ ) : ନୟାଗଡ଼ ଜେଲ୍‌ରେ ଦିନକୁ ଦିନ ବଢ଼ି ଚାଲିଥିବା ଗ୍ୟାଙ୍ଗୱାରକୁ ଦମନ କରିବା ପାଇଁ ଏବେ ଉଭୟ ଜେଲ୍ କର୍ତ୍ତୃପକ୍ଷ ଓ ସଦର ଥାନା ପୁଲିସ ଯୋଜନା କରିଛନ୍ତି। ଦୁଇ ଦିନ ତଳେ ଜେଲ୍ ଭିତରେ ଘଟିଥିବା ବିଶୃଙ୍ଖଳା ପାଇଁ ଦାୟୀ ରହିଥିବା ୩୫ ଜଣଙ୍କ ମଧ୍ୟରୁ ଆଜି ୭ ଜଣଙ୍କୁ ରଣପୁର ଓ ଦଶପଲ୍ଲା ସବ୍-ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। କେବଳ ସେତିକି ନୁହେଁ, ଜାମିନ ପାଇଁ ଜେଲ୍‌ରୁ ଘରକୁ ଯିବା ପାଇଁ ବାହାରିଥିବା ଜଣେ ଆସାମୀ ଜଗନ୍ନାଥ ସେନାପତିକୁ ପୁଣି ଥରେ ସଦର ଥାନା ପୁଲିସ ଉଠାଇ ନେଇ ଗିରଫ କରିଛି। ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ଜଗନ୍ନାଥର ଜାମିନ ହୋଇଯାଇଥିଲେ ମଧ ଜେଲ୍ ଭିତରେ ହୋଇଥିବା ଗଣ୍ଡଗୋଳରେ ତା'ର ସମ୍ପୃକ୍ତି ରହିଥିଲା। ପୁଲିସ ଯେଉଁ ୩୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି, ସେମାନଙ୍କ ମଧ୍ୟରେ ଜଗନ୍ନାଥର ନାଁ ମଧ ରହିଛି। ମିଳିଥିବା ସୂଚନା ମୁତାବକ, ଦଶପଲ୍ଲା ସବ୍-ଜେଲ୍‌କୁ ଶ୍ରୀଧର ଘଡ଼େଇ, ବିଷ୍ଣୁପ୍ରସାଦ ସାହୁ, ଗୌତମ ପ୍ରଧାନ, ଶେଷନ ନାୟକକୁ ସ୍ଥାନାନ୍ତର କରାଯାଇଛି ସେହିପରି ପ୍ରଭାତ ସ୍ୱାଇଁ, ଚନ୍ଦନ କୁମାର ପ୍ରଧାନ ଓ କେ.ଭିକି ରାଓକୁ ରଣପୁର ସବ୍-ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ୩୫ ଜଣଙ୍କ ମଧ୍ୟରୁ ପ୍ରଥମ ଦଫାରେ ଏହି ସାତ ଜଣଙ୍କୁ ପରେ ସମସ୍ତଙ୍କୁ ଭିନ୍ନଭିନ୍ନ ଜେଲ୍‌କୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି। ଏହି ୩୫ ଜଣ ରୀତିମତ ଭାବେ ଜେଲ୍‌ରେ ବିଶୃଙ୍ଖଳା କରୁଥିବା ବେଳେ କଥା କଥାରେ ସମସ୍ତଙ୍କୁ ନାଲି ଆଖି ଦେଖାଇଥାନ୍ତି। ନିଜର ଦବ୍ ଦବା ଜାହିର କରିବା ପାଇଁ କଥା କଥାରେ 'ମାରିକି ଏହି ଜେଲ୍ ଭିତରେ ଟାଙ୍ଗିଦେବୁ' ବୋଲି ଜେଲ୍ କର୍ମଚାରୀ ଓ ଅନ୍ୟ କଏଦୀ ମାନଙ୍କୁ ସେମାନେ ବାରମ୍ବାର କୁହନ୍ତି। ଜେଲ୍ ଭିତରକୁ ବାହାର ଖାଦ୍ୟ, ନିଶା ସାମଗ୍ରୀ, ଟେଲିଫୋନରେ ଅଧିକ ସମୟ ଗପିବା ସହ ସମସ୍ତ ବେଆଇନ କାର୍ଯ୍ୟ କରିବା ପାଇଁ ଏହି କଏଦୀ ମାନେ ଜେଲ୍ କର୍ତ୍ତୃପକ୍ଷଙ୍କ ଉପରେ ବାରମ୍ବାର ଚାପ ପକାନ୍ତି। ଯେଉଁ ୱାର୍ଡର କି ଜେଲର୍ ସେମାନଙ୍କୁ ବିରୋଧ କରନ୍ତି, ସେମାନଙ୍କୁ ଏହି କଏଦୀ ମାନେ ବିଭିନ୍ନ ପ୍ରକାରର ଧମକ ଚମକ ଦିଅନ୍ତି। ଗତ ରବିବାର ଜଣେ ୱାର୍ଡରଙ୍କ ବେକକୁ ଚିପି ମାରି ଦେବା ପାଇଁ ବିଷ୍ଣୁପ୍ରସାଦ ଉଦ୍ୟମ କରିଥିବା ନେଇ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସଦର ଥାନାରେ କରିଥିବା ଲିଖିତ ଅଭିଯୋଗରେ ଦର୍ଶାଇଥିଲେ। କେବଳ ସେତିକି ନୁହେଁ ବିଷ୍ଣୁ ଜେଲ୍ ଭିତରେ ନିଜର ଏକ ଗ୍ୟାଙ୍ଗ୍ ଗଢ଼ିଥିବା ବେଳେ ଆଉ ଜଣେ ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀକୁ ବିରୋଧ କରୁଥିଲା। ଫଳରେ ଜେଲ୍ ଭିତରେ ଏହି ଦୁଇ ଗ୍ୟାଙ୍ଗ୍ ମଧ୍ୟରେ ସର୍ବଦା ପାଟିତୁଣ୍ଡ ହୁଏ। ମାତ୍ର ଗତ ରବିବାର ସକାଳେ ଏହା ଗ୍ୟାଙ୍ଗୱାର ରୂପ ନେଇଥିଲା। ଏ ସମସ୍ତ ଘଟଣାର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା କୁଖ୍ୟାତ ବିଷ୍ଣୁକୁ ଦଶପଲ୍ଲା ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ସେଠାରେ ମଧ ତା' ଉପରେ ଜେଲ୍ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଭାବେ ନଜର ରଖିଥିବା ଜଣାପଡ଼ିଛି।

## ଦୁର୍ଘଟଣା ଘଟାଇ ବାରୁଦ ଗାଡ଼ି ଫେରାର

ଯୋଡା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ କମାର ଯୋଡା ମେରିଅଟ ହୋଟେଲ ନିକଟ ରେ ଏକ ବାରୁଦ ବୋଝେଇ ଟ୍ରକ ଏବଂ ଅନ୍ୟ ଏକ ଟ୍ରକ୍ ସହ ଦୁର୍ଘଟଣା ହେବ। ପରେ ବାରୁଦ ବୋଝେଇ ଟ୍ରକ ଟି ଘଟଣାସ୍ଥଳ ରୁ ଫେରାର ହୋଇ ଯାଇଛି ।ଖଣିରେ ବ୍ୟବହାର ହେଉଥିବା ବାରୁଦ ବୋଝେଇ ଟ୍ରକ ଟି ଦୁର୍ଘଟଣା ଘଟାଇ ଥିବା ପ୍ରତ୍ୟକ୍ଷ ଦର୍ଶୀ କହୁଥିବା ବେଳେ ବାରୁଦ ବୋଝେଇ ହୋଇଥିବା ଟ୍ରକ୍ ଟି କାହାର ଏବଂ ପୋଲିସ ଘଟଣା ସ୍ଥଳ ରେ ପହଞ୍ଚିବ। ପୂର୍ବରୁ ସେଠାରୁ ଉଭାନ କିପରି ହେଲା ଏହାକୁ ନେଇ ସନ୍ଦେହ ଜାତ ହୋଇଛି ।ଦୁର୍ଘଟଣା ସ୍ଥଳରେ ଅନ୍ୟ ଟ୍ରକ୍ ନଂ ଓଡି୧୧ଏନ୍ ୧୧୫୫ ରାସ୍ତା ତଳ କୁ ଖସି ଯାଇଥିବା ବେଳେ ବାରୁଦ ବୋଝେଇ ଟ୍ରକ ଟି ସେଠାରୁ ଫେରାର ହୋଇ ଯାଇଥିବାରୁ ବାରୁଦ ଭଳି ଏକ ସମ୍ବେଦନଶୀଳ ଗାଡ଼ି ହୋଇ ଥିବାରୁ ସାଧାରଣ ରେ ସନ୍ଦେହ ଜାତ ହୋଇଛି ।ସୂଚନା ଯୋଗ୍ୟ ଯେ,ନିକଟ ଅତୀତରେ ସୁନ୍ଦର ଗଡ ଜିଲ୍ଲା କୋଇଡା, ବଣେଇ ଅଞ୍ଚଳ ରୁ ଚୋରା ବାରୁଦ କାରବାର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା ।ତେବେ ଏ ନେଇ ଯୋଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଙ୍କୁ ପଚାରିବାରୁ ବାରୁଦ ଗାଡ଼ି ଟି କୌଣସି ଗାଡ଼ି ସହ ଦୁର୍ଘଟଣା ହୋଇ ନାହିଁ,ଏକ ଡିଭାଇଡର ରେ ବାଜି ଥିବା କହିବା ସହିତ ଏ ନେଇ କୌଣସି ରିପୋର୍ଟ ଥାନାରେ ହୋଇ ନ ଥିବା ଆଇ ଆଇ ସି ସାମଲ ସୂଚନା ଦେଇଛନ୍ତି ।

## ଗାଁ ରେ ପଶିଲା ଭାଲୁ : ଆକ୍ରମଣରେ ଜଣେ ଗୁରୁତର

କପ୍ତିପଦା-(ମହାଭାରତ):କପ୍ତିପଦା - ଗାଁ ରେ ପଶିଲା ଭାଲୁ ଯ ଗାଁ ରେ ପଶିବା ସହିତ ଜଣେ ବ୍ୟକ୍ତିଙ୍କୁ କରିଛି ଆକ୍ରମଣ। ଭାଲୁ ଆକ୍ରମଣରେ ଯୁବକ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଘଟିଛି କପ୍ତିପଦା ବନାଂଚଳ ଅଧିନ ଡିହିରାକୁଳ ଗ୍ରାମରେ ।ଯ ବୁଧବାର ଭୋର ୫ ଟା ସମୟରେ ଗ୍ରାମ ଭିତରକୁ ଏକ ବିଶାଳ ଜଙ୍ଗଲୀ ଭାଲୁ ପଶିଥିଲା । ଏହି ସମୟରେ ଗ୍ରାମର ସୋମନାଥ ପ୍ରଧାନ ଘରୁ ବାହାରକୁ ଶୌଚ ନିମନ୍ତେ ଯାଉଥିଲେ, ହେଲେ ସେହି ସମୟରେ ଭାଲୁ ତାଙ୍କ ଉପରେ ଆକ୍ରମଣ କରିଥିଲା। ଭାଲୁ ସୋମନାଥଙ୍କ ହାତ ଏବଂ ଛାତିରେ ଆକ୍ରମଣ କରିଥିଲା । ଯାହାକି ସେ ଚିତ୍କାର କରିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତି କରିଥିଲେ । ଅନ୍ୟପଟେ ଭାଲୁଟି ଗ୍ରାମ ଭିତରେ ବୁଲିବା ସହିତ ଜନବସତି ପାଖରେ ଥିବା ଏକ ବୁଦାରେ ପଶି ଯାଇଥିଲା । ଦୀର୍ଘ ସମୟ ଧରି ଉକ୍ତ ବୁଦା ମଧ୍ୟରେ ଭାଲୁଟି ପଶି ରହିଥିବା ବେଳେ ଖବର ପାଇ କପ୍ତିପଦା ବନାଂଚଳ କର୍ମଚାରୀ ଘଟଣାସ୍ଥଳରେ ପହଂଚିଥିଲେ। ଏବଂ ଜନବସତିରେ ପଶିଥିବା ଭାଲୁ କୁ କାବୁ କରିବା ନିମନ୍ତେ ପ୍ରଚେଷ୍ଟା ଜାରି ରଖିଥିଲେ । ତେବେ ଜନବସତି ଭିତରେ ବୁଦାରେ ଭାଲୁଟି ଲୁଚି ରହିଥିବା ବେଳେ ତାକୁ ଦେଖି ପାରୁ ନ ଥିବାରୁ ଗ୍ରାମବାସୀମାନେ ଅଧିକ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ସେପଟେ ଭାଲୁକୁ କାବୁ କରିବା ନିମନ୍ତେ ବନବିଭାଗକୁ ନାକେଦମ ହେବାକୁ ପଡିଛି । ବୁଦାରେ ଭାଲୁଟି ଲୁଚି ରହିଥିବାରୁ ଗ୍ରାମବାସୀ ଉକ୍ତ ରାସ୍ତାରେ ଯିବା ଆସିବା କରୁ ନ ଥିବା ଏବଂ ଭୟଭୀତ ଅବସ୍ଥାରେ ରହିଥିବା କହିଛନ୍ତି ଗ୍ରାମର ଶତୃଘନ ସାହୁ, ଭାଗବତ ବେହେରା, ଅଶୋକ କୁମାର ହାତୀ । ଏପରିକି ସକାଳ ସମୟରେ ଭାଲୁଟି ଆକ୍ରମଣ କରିବା ପରେ ଗ୍ରାମର ଦୁଇ ବ୍ୟକ୍ତିଙ୍କ ବାଇକ୍ ମଧ୍ୟ ଭାଙ୍ଗିଥିବା କହିଛନ୍ତି ଗ୍ରାମବାସୀ । ଗୋଟିଏପଟେ ଗ୍ରାମବାସୀମାନେ ଭାଲୁକୁ ନେଇ ଆତଙ୍କରେ ଜୀବନ ବିତାଉଥିବା ବେଳେ ଏ ବାବଦରେ କପ୍ତିପଦା ବନାଂଚଳ ରେଞ୍ଜର ଅଚ୍ୟୁତାନନ୍ଦ ଦାସଙ୍କ କହିବା କଥା ଭାଲୁଟି ସକାଳ ସମୟରେ ଗ୍ରାମରେ ପଶିଥିବା ବେଳେ ତାଙ୍କୁ କିଛି ଯୁବକ ପଥର ମାରିବାରୁ ସେ ଗ୍ରାମ ନିକଟ ବୁଦାରେ ପଶି ବିଲ ହୋଇ ଜଙ୍ଗଲକୁ ଚାଲିଯାଇଛି, ତେଣୁ କେହି ଭୟଭୀତ ହେବାର ଆବଶ୍ୟକ ନାହିଁ । ଏହା ସହିତ ବନବିଭାଗ ମାଇକ ଯୋଗେ ଗ୍ରାମବାସୀଙ୍କୁ ଭାଲୁ ନେଇ ସଚେତନତା କରୁଥିବା ମଧ୍ୟ କହିଛନ୍ତି ରେଞ୍ଜର ଶ୍ରୀ ଦାସ ।

## ସଡ଼କ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ଆସିକା (ମହାଭାରତ) ସଡ଼କ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟିଛି ।ପ୍ରକାଶ ଥାଉକି କଲେଜ ଛକ ବାସିନ୍ଦା ରତ୍ନଦେବୀ ପାତ୍ର (୫୦) ନିଜ ସମ୍ପର୍କୀୟ ଙ୍କ ମୋଟର ସାଇକେଲ ଯୋଗେ ଆସିକାରୁ ନିଜ କଲେଜ ସ୍ଥିତ ଘରକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗାଡ଼ିରୁ ତଳେ ପଡିଯାଇଥିଲେ ।ତାଙ୍କ ମୁଣ୍ଡ ପଛ ପାଖରେ ଗଭୀର ଆଘାତ ଲାଗିଥିଲା ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ଅଣାଯାଇଥିଲା ଏଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ବ୍ରହ୍ମପୁର ଏମ କେ ସି ଜୀ କୁ ପଠା ଯାଇଥିଲା। ସେଠାରେ ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲାଯ ବ୍ରହ୍ମପୁର ଠାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ମୃତକ ଜଣଙ୍କ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ର ହୋଇଥିବା ଯୋଗୁଁ ତାଙ୍କ ମର ଶରୀର କୁ କଫିନ ମଧ୍ୟରେ ଭଞ୍ଜନଗର ଖ୍ରୀଷ୍ଟିଆନ କବରିସ୍ଥାନ ରେ ଖ୍ରୀଷ୍ଟିଆନ ରୀତିନୀତି ଅନୁସାରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।

## ଜଳବାୟୁ ପରିବର୍ତ୍ତନ ରେ ବଦଳୁଛି ସାପ ଙ୍କ ଆଶ୍ରୟ

କାକଟପୁର (ମହାଭାରତ): ଜଳବାୟୁ ପରିବର୍ତ୍ତନ ରାସାୟନିକ ପ୍ରତିକ୍ରିୟା ଖାଦ୍ୟ ର ଅଭାବ କାରଣ ରୁ ସାପ ମାନେ ତାଙ୍କର ବାସସ୍ଥାନ ବଦଳେଇ ଦେଉଛନ୍ତି ଏମିତି ଜାଗାରେ ରହୁଛନ୍ତି ଯେ ସାପ କାମୁଡା ରେ କେତେ ବେଳେ ଯେ କାହାର ଜୀବନ ହାନି ହେ ତାହା କହିବା ମୁସ୍କିଲ। ଏହିପରି ଏକ ଚକିତ କଲା ଭଳି ଦୃଶ୍ୟ ଦେଖିବାକୁ ମିଳିଛି କୁଣ୍ଡେଇ ଗ୍ରାମର ନୃସିଂହ ପ୍ରଧାନ (୫୨)ଙ୍କ ଘରେ ତାଙ୍କ ସ୍ତ୍ରୀ ବନଲତା ପ୍ରଧାନ (୪୯)ମଙ୍ଗଳବାର ମଧ୍ୟାହ୍ନ ରେ କୌଣସି ଜିନିଷ ଆଣିବା ପାଇଁ ଫ୍ରିଜ ଖୋଲିଲା ବେଳକୁ ଫ୍ରିଜ ର ଏକ ଟ୍ରେ ରେ ସାପ ଟିକୁ ଦେଖିଥିଲେ ସାପକୁ ଦେଖି ସଙ୍ଗେ ସଙ୍ଗେ ଫ୍ରିଜ ବନ୍ଦ କରି ଓଡିଶା ସରୀସୃପ ଉଦ୍ଧାର ମହାସଂଘ ର ଉପଦେଷ୍ଟା ବ୍ରଜ କିଶୋର ସାହୁଙ୍କୁ ଖବର ଦେଇଥିଲେ, ବ୍ରଜ ସାହୁ ଘଟଣା ସ୍ଥଳରେ ପହଞ୍ଚି ଫ୍ରିଜ୍ ଆଇସ ଫାଟକ ପଛ ପଟୁ ସାପଟିକୁ ଉଦ୍ଧାର କରି ବାହାର ଜଙ୍ଗଲ ରେ ଛାଡି ଦେଇଥିଲେ। ଏ ବାବଦରେ ଆମେ ବୁଝିବାକୁ ଚେଷ୍ଟା କରିଥିଲୁ କାରଣ ଆଗରୁ ଏହିଭଳି ବିଚିତ୍ର ଘଟଣା କେବେ ଦେଖିବାକୁ ମିଳୁନଥିଲା, ଜଙ୍ଗଲ, ସନ୍ତ ସନ୍ତିଆ ସ୍ଥାନ, ଝାଟି ମାଟି, ଇଟା ଗଦା, କୁଟା ଗଦା, ଏହିଭଳି ପରିବେଶ ରେ ସାପ ଆଶ୍ରୟ ନିଅନ୍ତି ବିଶେଷ ବର୍ଷା ସମୟ ରେ କାରଣ ତାଙ୍କ ଗାତ ରେ ପାଣି ଥାଏ, ଏବେ ଜଙ୍ଗଲ ହ୍ରାସ ପାଉଛି, ବିଭିଉ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଉଛି ଚାଷ ବିଲ, ଅମାର ଆଉ ଅନ୍ୟ ସ୍ଥାନ ମାନଙ୍କ ରେ, ପରିବେଶ ରେ ଏମାନଙ୍କ ସ୍ଥାନ ସମ୍ପୂର୍ଣ୍ଣ ଅସୁରକ୍ଷିତ, ଖାଦ୍ୟ ଖଦକ ର ପ୍ରଭାବ ବାହାରେ, ଯେଉଁ ସବୁ କାରଣ ଆଜି ଏହି ସରୀସୃପ ମାନେ ଘରେ ନିର୍ଜନ ସମୟ ରେ ପ୍ରବେଶ କରିବା ସହିତ ଫ୍ରିଜ୍, ଅନ୍ୟ ସ୍ଥାନ ମାନଙ୍କ ରେ ନିଜକୁ ସୁରକ୍ଷିତ ଭାବି ଆଶ୍ରୟ ନେଉଛନ୍ତି, ଏହା ଏକ ଅସ୍ୱାଭାବିକ ଘଟଣା ହେଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ, ଘରେ ବସବାସ କରୁଥିବା ପ୍ରାଣୀ ଓ ଅଜ୍ଞାତ ଶିଶୁ ମାନଙ୍କ ପାଇଁ ସମ୍ପୂର୍ଣ୍ଣ ବିପଦ ଜନକ, ସେଥିପାଇଁ ବ୍ରଜ ସାହୁ ଙ୍କ ତରଫରୁ ଏହି ବାବଦରେ ସଚେତନ ରହିବାକୁ ସାଧାରଣ ରେ ନିବେଦନ କରାଯାଇଛି।

# ବିପର୍ଯ୍ୟସ୍ତ ହେଲାଣି ସହର ସୁରକ୍ଷା ବ୍ୟବସ୍ଥା

## ୫୬ ସିସିଟିଭିରୁ ଅଚଳ ଅବସ୍ଥାରେ ୫୨ ଟି : ରାତି ପାଟ୍ରୋଲିଂ ବ୍ୟବସ୍ଥା ଢିଲା



ନୟାଗଡ଼, ( ମହାଭାରତ ) : ନୟାଗଡ଼ ସହର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେଲାଣି। ସହରରେ ଚୋରି, ଡକାୟତି ଓ ରାହାଜାନୀ ଦିନକୁ ଦିନ ବୃଦ୍ଧି ପାଉଛି। ଏହା ସହିତ ସହର ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଚୋରି, ଡକାୟତି ରୋକିବା ପାଇଁ ନୟାଗଡ଼ ସହରରେ ସିସିଟିଭି ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୬ଟି ସିସିଟିଭି ଲଗାଯାଇଥିଲା। ଏହି ସିସିଟିଭି ଦ୍ୱାରା ପୂରା ସହରକୁ ନଜର ରଖାଯାଉଥିଲା। ନୟାଗଡ଼ ଟାଉନଥାନା ନିକଟସ୍ଥ ପୁରୁଣା ଏସ୍ଡିପିଓ କାର୍ଯ୍ୟାଳୟ ଗୃହରେ ଏହାର କଣ୍ଟ୍ରୋଲ୍ ରୁମ କରାଯାଇଥିଲା। ୫୬ଟି ସିସିଟିଭି ମଧ୍ୟରୁ ଏବେ ମାତ୍ର ୪ଟି କାର୍ଯ୍ୟ କରୁଥିବା ବେଳେ ୫୨ଟି ଅଚଳ ଅବସ୍ଥାକୁ ଚାଲି ଆସିଥିବା ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟ ସିସିଟିଭି ଲଗାଯିବା ପରେ ସିସିଟିଭି ସଂଖ୍ୟା ବୃଦ୍ଧି କରାଯିବାକୁ ଯୋଜନା ରହିଥିଲା। ଏହା ସହିତ ନିର୍ବାଚନ ମଣ୍ଡଳୀ ସମୀକ୍ଷା ବୈଠକରେ ନୟାଗଡ଼ ବିଧାୟକ ଡ ଅରୁଣ କୁମାର ସାହୁ ମହାବିଦ୍ୟାଳୟ, ବିଦ୍ୟାଳୟ ଓ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକର ସିସିଟିଭି ବ୍ୟବସ୍ଥାକୁ ପୁଲିସ କଣ୍ଟ୍ରୋଲରୁ ଆଣିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଫଳରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଣଛାତ୍ରଙ୍କ ଗତିବିଧି ସହ ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ଦିଆଯାଇ ପାରିବ ବୋଲି ବିଧାୟକ କହିଥିଲେ।ଏହା ସହିତ ସହରରେ ରହିଥିବା ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ସିସିଟିଭି ଗୁଡ଼ିକୁ ମଧ୍ୟ ପୁଲିସ କଣ୍ଟ୍ରୋଲରୁ ଅଣାଯାଇପାରିଥାନ୍ତା। ବିଧାୟକଙ୍କ ପ୍ରସ୍ତାବ ଏଯାଏଁ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ପ୍ରଶାସନ କୌଣସି ଯୋଜନା ପ୍ରସ୍ତୁତ କରିନଥିବା ବେଳେ ଲାଗିଥିବା ସିସିଟିଭି ମଧ୍ୟରୁ ୫୨ଟି ଅଚଳ ଅବସ୍ଥାକୁ ଚାଲିଯିବା ସହର ବାସୀଙ୍କୁ ଚିନ୍ତାରେ ପକାଇଛି। ମାତ୍ର ୪ଟି ସିସିଟିଭି କାର୍ଯ୍ୟ କରୁଥିବା ବେଳେ ପୁଲିସ ଚୋର, ଡକାୟତଙ୍କୁ ଧରିବାକୁ କେବଳ ଅନ୍ଧାରରେ ବାଡ଼ି ବୁଲାଉଥିବା ଜଣାପଡ଼ିଛି।ନୟାଗଡ଼ ସହରର ବିଭିଉ କଲୋନୀରୁ ବାରମ୍ବାର ଚୋରି ହେଉଥିବା ବେଳେ ଲୋକେ ସର୍ବସ୍ୱାନ୍ତ ହେଉଛନ୍ତି। ଚୋର ଧରା ପଡୁନଥିବା ବେଳେ ଚୋରି ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇପାରୁନାହିଁ। ଫଳରେ ଜିଲ୍ଲା ବାହାରୁ ନୟାଗଡ଼କୁ ଆସି ଚୋର ମାନେ ସଫଳତା ପାଉଥିବା ବେଳେ ପୁଲିସ ହାତ ବାନ୍ଧି ବସୁଛି। ନୟାଗଡ଼ ସହରରେ ପୁଲିସ ପାଟ୍ରୋଲିଂ ବୃଦ୍ଧି କରିବାକୁ ଦାବି ହେଉଥିବା ବେଳେ ଦିନକୁ ଦିନ ପାଟ୍ରୋଲିଂ କମୁଥିବା ଦେଖିବାକୁ ମିଳିଛି। ନୟାଗଡ଼ ସହରର ବିଭିଉ ଗଳି କନ୍ଦିରେ ରାତିରେ ବାଇକ୍ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଥିଲା। ଏବେ ବାଇକ୍ ପାଟ୍ରୋଲିଂ ହେଉନଥିବା ବିଭିଉ କଲୋନୀ ବାସୀ କହିଛନ୍ତି। ସବୁଠାରୁ ଭିଆଇପି ଅଞ୍ଚଳ କୁହା ଯାଉଥିବା ଦେବୋ□ର କଲୋନୀ, ନୟାଗଡ଼ ଲକ୍ଷ୍ମଣ ନଗର, ନୀଳାଦ୍ରି ବିହାର ମିଶ୍ର କଲୋନୀ ପ୍ରଭୃତି ଅଞ୍ଚଳରେ ରାତିରେ ପୁଲିସ ପାଦ ପଡୁନଥିବା ଅଭିଯୋଗ ହେଉଛି। ସେହିଭଳି ଭାବେ ହାଉସିଂ ବୋର୍ଡ ବାସିନ୍ଦା ରାତିରେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ନୟାଗଡ଼ ସହରର ସୁରକ୍ଷା ଦୃଷ୍ଟିରୁ ସିସିଟିଭି ବ୍ୟବସ୍ଥାକୁ ସଜାଡ଼ିବା ଏବଂ ଏହା ସହିତ ସିସିଟିଭି ସଂଖ୍ୟା ବୃଦ୍ଧି କରିବାକୁ ଦାବି ହେଉଛି।

## ଲଘୁଚାପ ବର୍ଷାରେ ଚାଷୀର ଫସଲ ବ୍ୟାପକ କ୍ଷୟ କ୍ଷତି



ଆସିକା (ମହାଭାରତ) ସାମୁଦ୍ରିକ ବାତ୍ୟା ମୋୟା ଓ ଲଘୁଚାପ ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷାରେ ବ୍ଲକର ୨୭ ଗୋଟି ପଞ୍ଚାୟତ ର ଖରିଫ ଧାନ ଫସଲ ବେଶ ପ୍ରଭାବିତ ହୋଇଛି। ପାଚିଲା ଧାନ ଫସଲ ପବନ ଓ ଲଗାଣ ବର୍ଷାରେ ଧରାଶାୟୀ ହୋଇଛି । ଦୀର୍ଘ ଦୁଇ ଦିନ ଧାନ କେଣ୍ଡା ପାଣିରେ ଭିଜି ରହିଥିବାରୁ ଚାଷୀର ଚିନ୍ତା ମୁଣ୍ଡରେ ହାତ ଦେଇଛି ।ଧାନ ବିଲରୁ ଚାଷୀ ଉଜୁଡ଼ା ଫସଲକୁ ଛାଣୁଥିବାର ଦୟନୀୟ ଚିତ୍ର ଅଧିକାଂଶ ପଞ୍ଚାୟତରେ ଦେଖିବାକୁ ମିଳିଛି। ଚଳିତ ବର୍ଷ ଭଲ ଫସଲ ହୋଇଥିଲା । ଧାନ ଓ ପନିପରିବା ଚାଷ ପାଇଁ ପାଗ ଆରମ୍ଭରୁ ଅନୁକୂଳ ରହିଥିଲା ।ଏଣୁ ଚାଷୀ ମାନେ ହାତ ଉଧାରି ଓ ବ୍ୟାଙ୍କ,ସମବାୟ ସମିତି ରୁ କରଜ କରି ରୁଆ,ବିହନ, ପିଡ଼ିଆ କରିଥିଲେ ।ଆଶା ରହିଥିଲା ଚଳିତ ବର୍ଷ ଉଭୟ ଧାନ ଓ ପନିପରିବା ଫସଲରୁ ଭଲ ଦୁଇ ପଇସା ରୋଜଗାର ହେବ । ହେଲେ ବାତ୍ୟା ମୋୟା ସବୁକିଛି ଛାରଖାର କରିଦେଇଛି ।ଚାଷୀ କେମିତି କରଜ ସୁଝିବେ ସେଥି ପାଇଁ ଚିନ୍ତାରେ ପଡ଼ିଛନ୍ତି । ସରକାରୀ ସ୍ତରରେ କ୍ଷୟ କ୍ଷତି ଆକଳନ କରାଯାଇ ସରକାରୀ ସହାୟତା ପ୍ରଦାନ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି ।ସେହିଭଳି ପନିପରିବା ଫସଲ ବ୍ୟାପକ ନଷ୍ଟ ହୋଇଯାଇଛି। ଅ ଲଡ଼ି, ବିନ, ମୂଳା, ଫୁଲକୋବି, ବାଇଗଣ, ପୋଟଳ,କୁନ୍ଦୁରି, ପତ୍ରକୋବି, କଲରା ଫସଲ ଗଛ ମୂଳରେ ପାଣି ରହିଥିବାରୁ ନଷ୍ଟ ହୋଇଯାଇଛି । ଯାହା ଫଳରେ ବଜାରରେ ପନିପରିବା ଦରରେ ମୂଲ୍ୟ ବୃଦ୍ଧି ହୋଇଛି। ସେପଟେ ଧାନ ଫସଲ ନଷ୍ଟ ହୋଇଯାଇଥିବା ବର୍ଷକର ଆଦାୟ ଉଯୁଡ଼ି ଯାଇଛି। ସେପଟେ ଗଞ୍ଜାମ ଜିଲ୍ଲା କୃଷି ବିଭାଗ ର ବରିଷ୍ଠ ପଦ ଅଧିକାରୀ ମାନଙ୍କୁ କୁଆଡେ ଏହି ବ୍ଲକ ମାନଙ୍କ ରେ ଧାନ, ପରିବା ଫସଲ କୌଣସି କ୍ଷୟ କ୍ଷତି ହୋଇ ନାହିଁ ବୋଲି ବ୍ଲକ ପ୍ରଶାସନ ଜଣାଇଥିବା ଜିଲ୍ଲା ଅଧିକାରୀ ପ୍ରକାଶ କରିଛନ୍ତି।ତୁରନ୍ତ ପ୍ରଶାସନ ଏଦିଗରେ ପଦକ୍ଷେପ ନେଇ ସହାୟତା ଯୋଗାଇଦେବାକୁ ଦାବୀ ହୋଇଛି।

## ଟାଟାଷ୍ଟିଲ୍‌ର ଯୁବ ଜ୍ୟୋତିର୍ବିଜ୍ଞାନ ଅନ୍ୱେଷଣ କାର୍ଯ୍ୟକ୍ରମ; ଭାଗନେଲେ ୬୩୮ ବିଦ୍ୟାର୍ଥୀ



ଯୋଡା (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡ଼ା ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧିନ ପଠାଣୀ ସାମନ୍ତ ପ୍ଲାନେଟୋରିୟମ, ଭୁବନେଶ୍ୱର ସହଯୋଗରେ ଆୟୋଜିତ ଯୁବ ଜ୍ୟୋର୍ତିବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ୍')ର ୧୯ତମ ସଂସ୍କରଣ ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ମହାକାଶ ବିଜ୍ଞାନକୁ ନେଇ ଆଗ୍ରହ ଓ ଅନ୍ୱେଷଣକୁ ନେଇ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଓ କେନ୍ଦୁଝର ଜିଲ୍ଲା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଷଷ୍ଠରୁ ଦଶମ ଶ୍ରେଣୀର ପ୍ରାୟ ୬୩୮ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ନବମ ଓ ଦଶମ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କ ପାଇଁ ବହୁବିଧ ପସନ୍ଦର ପ୍ରଶ୍ନ (ଏମ୍ସିକ୍ୟୁ) ପରୀକ୍ଷା ସହିତ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀର ପିଲାମାନଙ୍କ ପାଇଁ କୁଇଜ, କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଠି ଛାତ୍ରଛାତ୍ରୀଙ୍କୁ ଜ୍ୟୋର୍ତିବିଜ୍ଞାନ ଓ ମହାକାଶ ବିଜ୍ଞାନ ଉପରେ ଜ୍ଞାନ ଅନ୍ୱେଷଣ ଓ ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ ଯୋଗାଇଥିଲା ।ଭାରତ ସରକାରଙ୍କ ଗଗନାୟନ ମିଶନ ଅନୁସାରେ ୟାଟସ୍ ୨୦୨୫ ସଂସ୍କରଣ ବିଷୟବସ୍ତୁ ହେଉଛି - ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଯାତ୍ରୀ ଯାହା ଦେଶର ମାନବ ମହାକାଶ ଭ୍ରମଣ ଦକ୍ଷତାକୁ ଦର୍ଶାଉଛି । ଗତ ୧୮ବର୍ଷ ଭିତରେ ୟାଟସ ସାରା ଓଡ଼ିଶାରେକ୍ତ ଛାତ୍ରଛାତ୍ରୀମାନଙ୍କୁ ମହାକାଶ ବିଜ୍ଞାନକୁ ଅନ୍ୱେଷଣ କରିବାକୁ ଅନୁପ୍ରାଣିତ କରିଛି ।ଏହି କାର୍ଯ୍ୟକ୍ରମରେ ୪.୭୧ ଲକ୍ଷ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ୨୩୦ ବିଜେତା ଭାରତୀୟ ମହାକାଶ ଗବେଷଣ ସଂସ୍ଥା ପରିଦର୍ଶନ କରିଛନ୍ତି ।ଏହି କାର୍ଯ୍ୟକ୍ରମର ରାଜ୍ୟ ସ୍ତରୀୟ ଅନ୍ତିମ ପ୍ରତିଯୋଗୀତା ଆସନ୍ତା ଡିସେମ୍ବର ମାସରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ ।

## ଲଖାନାରେ କଂଗ୍ରେସର କର୍ମୀ ସମ୍ମିଳନୀ



ନୂଆପଡା:(ମହାଭାରତ) କୋମନା ବ୍ଲକ ଜୋନ ୨ରେ ଲଖନା ସାପ୍ତାହିକ ବଜାର ପ୍ରାଙ୍ଗଣରେ ଆଜି କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ମେଡିଆ ସେଲ ସଂଯୋଜକ ସୁଧୀର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ଶ୍ରୀ ପବିତ୍ର ସାଉଁନ୍ତ, କଂଗ୍ରେସ ଷ୍ଟାର ପ୍ରଚାରକ ଅନିତା ବିଶ୍ୱାଳ ଓ ସୁନିତା ବିଶ୍ୱାଳ, ପ୍ରଦେଶ କଂଗ୍ରେସ କମିଟି ମହିଳା ସମ୍ପାଦିକା ଶ୍ରୀୟାସ୍ମିତା ପଣ୍ଡା, କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି କୈଳାସ ଚନ୍ଦ୍ର କୋଳସା, ପୂର୍ବତନ ବ୍ଲକ ଅଧକ୍ଷ ଭକ୍ତରାମ ଶବର, ଜିଲ୍ଲା କିଷାନ ସେଲ ସଭାପତି ଇଷାକ ମହମ୍ମଦ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ ଅହୀର, କୋରାପୁଟ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମାନିଟ ଖରା, ସେହବାଜ ହୁସେନ, ତିକଚନ ମାଝି, ଉତ୍ତମ ଦାସ, ହଦିକ ରାଠୋଡ଼, ଜୁନେଦ ଖାନ, ଗଲିଫ ହୁସେନ, ସୁନାଧର ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବାତ୍ୟା 'ମୋନ୍ଥା' ପ୍ରଭାବରେ ଉଜୁଡ଼ିଲା ଫସଲ

# ଚାଷୀଙ୍କ ମୁଣ୍ଡରେ ଚଡକ୍, ଅମଳ ସମୟରେ ବିଲରେ ନଷ୍ଟ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ ବାତ୍ୟା ମୋନ୍ଥା କୁ ନେଇ ଏଲୋ ଜୋନରେ ଘୋଷଣା କରାଯାଇଥିଲା। ନୟାଗଡ଼ ଜିଲ୍ଲାରେ ବାତ୍ୟା ମୋୟା ର ପ୍ରଭାବ ରେ ପବନ ବେଗ କମ ରହିଥିବା ବେଳେ ଦୁଇ ଦିନ ହେବ ବର୍ଷା ଲାଗି ରହିଥିଲା। ବିଶେଷ କରି ନୟାଗଡ଼ ର ଦଶପଲ୍ଲା ଓ ରଣପୁର ବ୍ଲକ୍ ରେ ସର୍ବାଧିକ ବର୍ଷା ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ କହିଛନ୍ତି। ବିଶେଷ କରି ବାତ୍ୟା ପାଇଁ ଜିଲ୍ଲାରେ ଅଧିକ ବର୍ଷା ହେବାରୁ ବେସି ଧାନ ଫସଲ ଅଧିକ ନଷ୍ଟ ହୋଇଛ। ଏଥିପାଇଁ କୃଷି ବିଭାଗର ଅଧିକାରୀ ମାନେ ଗ୍ରାଉଣ୍ଡରେ ପହ□ ଚାଷୀଙ୍କ ବିଲ ରେ ବର୍ଷା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ କରିବେ ବୋଲ ଜିଲ୍ଲାପାଳ କହିଛନ୍ତି। ବିଶେଷ କରି ନୟାଗଡ଼ ର ଦଶପଲ୍ଲା ବ୍ଲକ୍ ରେ ସର୍ବାଧିକ ବର୍ଷା ରେକର୍ଡ ହୋଇଥିବା ରୁ ସେଠାରେ ବହୁ ଧାନ ଫସଲ ନଷ୍ଟ ସୋଇଥିବା ଜଣାପଡିଛି। ବାତ୍ୟା ମୋୟା ପ୍ରଭାବରେ ଦଶପଲ୍ଲା ଅ□ଳରେ ଦୁଇ ଦିନ ହେବ ଝିପିଝିପି ବର୍ଷା ହୋଇଥିବା ବେଳେ ଗତ କାଲି ସନ୍ଧ୍ୟା ରୁ ଲାଗି ରହିଛି ବର୍ଷା। ଏହି ବାତ୍ୟାର ଅଧିକ ପ୍ରଭାବ ନୟାଗଡ଼ ଜିଲ୍ଲାର ପଡ଼ୋଶୀ ଗଞ୍ଜାମ ଓ କନ୍ଧମାଳ ଜିଲ୍ଲା ଉପରେ ରହିଥିବା ବେଳେ ସନ୍ଧ୍ୟା ପରଠାରୁ ଦଶପଲ୍ଲା ଅଞ୍ଚଳରେ ବର୍ଷା ପରିମାଣ ବଢ଼ିଥିବା ଦେଖିବାକୁ ମିଳିଛି। ସାମାନ୍ୟ ପବନ ସାଙ୍ଗକୁ ବର୍ଷା ହେବା ଫଳରେ ଅଧିକାଂଶ ଜମିରେ ଧାନ ପଡ଼ି ଯାଇଛି। କେଉଁଠି ଧାନ ଅମଳକ୍ଷମ ହୋଇଛି ତ ପୁଣି କେଉଁଠି ଅଧା ହୋଇଛି। ଏଭଳି ବର୍ଷା ହେବା ଦ୍ୱାରା ଅମଳକ୍ଷମ ଧାନ ନଷ୍ଟ ହେବାନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏପଟେ ଚାଷୀଙ୍କ ଫସଲ ତଥା ପନିପରିବା ପୁଣି କେଉଁଠି ଅଧା ହୋଇଛି। ଏଭଳି ବର୍ଷା ହେବା ଦ୍ୱାରା ଅମଳକ୍ଷମ ଧାନ ନଷ୍ଟ ହେବାନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏପଟେ ଚାଷୀଙ୍କ ଫସଲ ତଥା ପନିପରିବା ମଧ୍ୟ ନଷ୍ଟ ହେବାନେଇ ଆଶଙ୍କା ପ୍ରକାଶ ପାଇଛି। ଶୀତଦିନିଆ ଫସଲ ଭାବେ ଚାଷୀ କୋବି ସାଙ୍ଗକୁ ନାନା ପନିପରିବା ଚାଷ କରିଥିବା ବେଳେ ସେସବୁ ନଷ୍ଟ ହୋଇଯିବ ବୋଲି ଚାଷୀ ପ୍ରକାଶ କରିଛନ୍ତି। ସେହିପରି ଖଣ୍ଡପଡ଼ା ବ୍ଲକ୍ ରେ ସାମୁଦ୍ରିକ ବାତ୍ୟା 'ମୋନ୍ଥା' ପ୍ରଭାବରେ ଖଣ୍ଡପଡ଼ା ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଫସଲ ହାନି ଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ୍ ଅଞ୍ଚଳରେ ଏବେବି ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଜମିରୁ ଅମଳକ୍ଷମ ପାଚିଲା ଧାନ କଟା ହୋଇନାହିଁ। ତେବେ ଏହି ଅଦିନିଆ ବର୍ଷାରେ ପାଚିଲା ଧାନଗଛ ବିଲରେ ଲୋଟି ପଡ଼ିଥିବା ବେଳେ ବାକି ରହିଥିବା ଧାନ ଝଡ଼ିବା ଓ ପାଣିରେ ଭିଜି ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଧାନ କ୍ଷେତରୁ କାଟିନଥିବା ଚାଷୀ ଏବଂ ଶୀତଦିନିଆ ପରିବା ଫସଲ କରିଥିବା ଚାଷୀ ଏହି ଅଦିନିଆ ବର୍ଷା ଯୋଗୁ ଫସଲ ହାନି ଚିନ୍ତାରେ ପଡ଼ିଛନ୍ତି। ପୂର୍ବରୁ ସରକାର କ୍ଷେତରୁ ଫସଲ କାଟିନେବା ପାଇଁ ସେଭଳି ସତର୍କତା ଜାରି କରିନଥିବା ବେଳେ କମ୍ ସମୟ ମଧ୍ୟରେ ତାହା କାଟିବା ସମ୍ଭବ ନୁହେଁ ବୋଲି ଚାଷୀ କହିଛନ୍ତି। ଗତକାଲି ବାତ୍ୟା ସତ୍ତ୍ୱେ ପାଗ ଭଲ ରହିଥିବା ବେଳେ ଆଜି




ଭୋରୁ କିନ୍ତୁ ଦିନତମାମ୍ ବର୍ଷା ଲାଗିରହିବା ଚାଷୀକୁଳକୁ ହତାଶ କରିଛି। ବିଭିଉ ପଞ୍ଚାୟତରେ ବ୍ୟାପକ ଶୀତ ଦିନିଆ ଫସଲ ଓ ପନିପରିବା ଚାଷ କରାଯାଇଥିବା ବେଳେ ସେଗୁଡ଼ିକ ମଧ୍ୟ ଏହି ଅଦିନିଆ ବର୍ଷାରେ ଉଜୁଡ଼ିଯିବା ଆଶଙ୍କାରେ ଅକ୍ଲାନ୍ତ ପରିଶ୍ରମ କରିଥିବା ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ବାତ୍ୟା ପ୍ରଭାବରେ ବର୍ଷା ହେବ ବୋଲି ସୂଚନା ମିଳିବା ପରେ ଅନେକ ଚାଷୀ ତରବରିଆ ଭାବେ ପରିପକ୍ୱ ହୋଇନଥିବା ବାଇଗଣ, କଖାରୁ ଆଦି ପରିବାକୁ ଯଥେଷ୍ଟ କମ୍ ଦରରେ ବିକିବାକୁ ବାଧ୍ୟ ହୋଇଛନ୍ତ। ବ୍ଲକ୍ ଅଧୀନ ଶାଳଝରିଆ, ଗୁଣ୍ଠୁଣି, ରାଣୀପଡ଼ା, ବନମାଳିପୁର, ବୋଦସା, ବେଣାଗାଡ଼ିଆ, ବଡ଼ବାଣପୁର, ସିଧାମୂଳା ଆଦି ପଞ୍ଚାୟତରେ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଶୀତ ଦିନିଆ ପରିବା ଫସଲ ବିଶେଷକରି ଟମାଟୋ, କଣ୍ଟେଇମୁଣ୍ଡି ବାଇଗଣ, ବିଭିଉ ଶାଗ ଆଦିରେ ପୋକଲାଗିବା ଓ ବର୍ଷାଜଳରେ ଶଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରିବା ପରେ ସରକାରୀ ସ୍ତରରେ ହିଁ କ୍ଷତିପୂରଣ କଥା ଚିନ୍ତା କରାଯିବ ବୋଲି କୃଷି ବିଭାଗ ସୂତ୍ରରୁ ସୂଚନା ମିଳିଛି। ସେହିପରି ରଣପୁର ବ୍ଲକ୍ ରେ ଚଳିତ ବର୍ଷ ଅଭାବୀ ବର୍ଷା ଯୋଗୁ ଚାଷୀର ଅର୍ଦ୍ଧେକ ଧାନ ନ ଫସଲ ନଷ୍ଟ ହୋଇଯାଇଥିବା ବେଳେ ଏବେ ବାତ୍ୟା ମୋୟା ପ୍ରଭାବରେ ହୋଇଥିବା ବର୍ଷା ପାଣିରେ, ଧାନ ଫସଲ ବୁଡ଼ିଯାଇଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଥିବା ବେଳେ କଷ୍ଟ ଦ୍ୱିଗୁଣିତ ହୋଇପଡ଼ିଥିବା ଜଣାପଡ଼ିଛି। ଧାନ ଅମଳ ହେବାକୁ ଥିବାବେଳେ ଏବେ ଲଘୁଚାପଜନୀତ ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ତେବେ ବାତ୍ୟା ପ୍ରଭାବରେ ୨ ଦିନ ଧରି ଲଘୁଚାପଜନୀତ ବର୍ଷା ଯୋଗୁ ଚାଷ ଜମିରେ ପାଣି ଲହଡ଼ି ମାରୁଥିବା ବେଳେ ପାଚିଲା ଧାନ ଏବେ ଗଜା ହେବାରେ ଲାଗିଛି। ଏ ନେଇ ଚାଷୀ ନାହିଁ ନଥିବା ହଇରାଣ ହେଉଥିବା ଜଣାଯାଇଛି। ଅପରପକ୍ଷେ ଚଳିତ ବର୍ଷ ରଣପୁର ବ୍ଲକ୍ରେ ୪୦ ହଜାର ହେକ୍ଟର ଚାଷ ଜମିରେ ଧାନ ଫସଲ ହୋଇଥିବା ବେଳେ ହଠା ଏଭଳି ଦୁର୍ଦ୍ଦଶା ଯୋଗୁ ଚାଷୀର କଷ୍ଟ ବଢ଼ିଯାଇଛି। ଏଥିରେ ରଣପୁର ବ୍ଲକ୍ ଅନ୍ତର୍ଗତ ଲୋଧାଚୁଆ ଗାଁ ସମେତ ସମଗ୍ର ବ୍ଲକ୍ର ବହୁ ଅଞ୍ଚଳରେ ଚାଷୀଙ୍କ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି।

# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ




# ଗାଜାରେ ଭୀଷଣ ଆକ୍ରମଣ, ୧୦୪ ନିହତ



ଗାଜା: ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଗାଜାରେ ହମାସ ଆତଙ୍କୀ ସଂଗଠନର ବିଭିନ୍ନ ଠିକଣା ଓ ସୁଡ଼ଙ୍ଗରେ ଗତ ରାତିସାରା ବୋମାବର୍ଷା କରିଛି। ଏଥିରେ ଅତି କମ୍‌ରେ ୧୦୪ ଜଣ ପାଲେଷ୍ଟାଇନ ନାଗରିକ ନିହତ ହୋଇଥିବା ବେଳେ ଇସ୍ରାଏଲ ଆଜି ଯୁଦ୍ଧବିରତିକୁ ନେଇ ନୂଆ ସର୍ତ୍ତ ତଥା ତଥା ପ୍ରୟୋଗ ସଂପର୍କରେ ଘୋଷଣା କରିଛି। ହମାସକୁ ନିରସ୍ତ୍ରୀକରଣ ପାଇଁ ନିୟମିତ ବ୍ୟବଧାନରେ ଅପରେସନ ଜାରି ରହିବ, କିନ୍ତୁ ଏଥିରେ ଯୁଦ୍ଧବିରତି ସଂକ୍ରାନ୍ତ ସୁରକ୍ଷା ସର୍ତ୍ତକୁ ଧ୍ୟାନରେ ରଖାଯିବ ବୋଲି ଆଇଏଡିଏଫ୍ ସ୍ପଷ୍ଟ କରିଛି। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆଜି କୁହାଯାଇଛି ଯେ, ଗତରାତିରେ ହୋଇଥିବା ବୋମାମାଡ଼ ମୃତକଙ୍କ ମଧ୍ୟରେ ୪୬ ଜଣ ଶିଶୁ ଓ ୨୦ ଜଣ ମହିଳା ରହିଛନ୍ତି। ଯୁଦ୍ଧବିରତି ଲାଗୁ ପରଠାରୁ ଏହା ସବୁଠାରୁ ଭୀଷଣ ଆକ୍ରମଣ ଭାବେ ଚିହ୍ନିତ ହୋଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ନିର୍ଦ୍ଦେଶକ୍ରମେ ଆଇଡିଏଫ୍ ଓ ଇସ୍ରାଏଲ ସୁରକ୍ଷା ସଂସ୍ଥା (ଆଇଏସ୍‌ଏ) ଗାଜାର ଦେଇର୍, ଅଲ୍-ବାଲାହ, ସବ୍ରା, ବୁରେଜ ଶରଣାର୍ଥୀ ଶିବିର, ନୁସେରାତ ଓ ଖାନ୍ ୟୁନିସରେ ୨୦ରୁ ଅଧିକ ହମାସ ଟାର୍ଗେଟ୍ ଉପରେ ଆକ୍ରମଣ କରିଛି। ଆଇଡିଏଫ୍ ଦାବି କରିଛି ଯେ, ଏଥିରେ ୩୦ ଜଣ ହମାସ ନେତା ନିହତ ହୋଇଛନ୍ତି। କିନ୍ତୁ ଆକ୍ରମଣ ସ୍ଥାନୀୟ ବାସଗୃହ ଓ ଶରଣାର୍ଥୀ ଶିବିରକୁ ଭୀଷଣ କ୍ଷତି ପହଞ୍ଚାଇଛି। ଅନେକ ଲୋକ ଧ୍ୱଂସସ୍ତୂପ ତଳେ ଫସି ରହିଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଇଛି। ଆଇଡିଏଫ୍ କହିଛି ଯେ ହମାସ ଯୁଦ୍ଧବିରତି ଉଲ୍ଲଂଘନ କରି ରାଫାର ନିୟନ୍ତ୍ରଣ ରେଖା ନିକଟରେ ଥିବା ଇସ୍ରାଏଲୀ ସୈନିକଙ୍କ ଉପରେ ଗୁଳିମାଡ଼ କରିଛି। ଏଥିରେ ଜଣେ ସୈନିକ ନିହତ ହୋଇଛନ୍ତି। ଏହାପରେ ସୁରକ୍ଷା ସ୍ଥିତି ସମୀକ୍ଷା କରାଯାଇଛି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଅକ୍ଟୋବର ୧୦ରେ ଆରମ୍ଭ ହୋଇଥିବା ଯୁଦ୍ଧବିରତି ପ୍ରକ୍ରିୟାରେ ପଣବନ୍ଦୀ ମୁକ୍ତି, ସହାୟତା ବୃଦ୍ଧି ଓ ଇସ୍ରାଏଲୀ ସେନା ପ୍ରତ୍ୟାହାର ପ୍ରମୁଖ ପଦକ୍ଷେପ ଥିଲା। ଆଜି ଟ୍ରମ୍ପ ଇସ୍ରାଏଲର ପ୍ରତିଶୋଧକୁ ସମର୍ଥନ କରି କହିଛନ୍ତି ଯେ ଇସ୍ରାଏଲର ସୈନିକଙ୍କୁ ହମାସ ହତ୍ୟା କରିଥିବାରୁ ଆଇଡିଏଫ୍ ଏହାର ପ୍ରତିଶୋଧ ନେଉଛି ଏବଂ ଏହା ଉଚିତ ପଦକ୍ଷେପ।

# ଭାରତ ସହ ସମ୍ପର୍କ ସୁଧାରିବାକୁ ଟ୍ରମ୍ପଙ୍କ ସଙ୍କେତ: ମୋଦୀଙ୍କୁ ପ୍ରଶଂସା



ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ପୁନଃ ଶ୍ରେୟ ଦାବି କରିବା ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ସବୁଠାରୁ ସୌନ୍ଦର୍ଯ୍ୟସଂପନ୍ନ ବ୍ୟକ୍ତି' ବୋଲି କହି ପ୍ରଶଂସା କରିଛନ୍ତି। ଏହି ଅବସରରେ ଟ୍ରମ୍ପ ଭାରତ ସହ ସଂପର୍କରେ ସୁଧାର ଆଣିବା ପାଇଁ ମଧ୍ୟ ସଙ୍କେତ ଦେଇଛନ୍ତି। ଦକ୍ଷିଣ କୋରିଆରେ ଏସିଆ-ପାସିଫିକ୍ ଇକୋନମିକ୍ କୋଅପରେସନ୍ (ଏପିଇସି)ର ବ୍ୟବସାୟୀ ନେତାମାନଙ୍କ ପାଇଁ ଏକ ମଧ୍ୟାହ୍ନ ଭୋଜନରେ ଭାଷଣ ଦେଇ ଟ୍ରମ୍ପ ମେ ମାସର ଘଟଣା ଉପରେ ବର୍ଣ୍ଣନା କରି କହିଛନ୍ତି- 'ଦୁଇ ଆଣବିକ ଅସ୍ତ୍ରସମ୍ପନ୍ନ ପଡ଼ୋଶୀ ଦେଶ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧକୁ ରୋକିବା ପାଇଁ ସେ ବାଣିଜ୍ୟ ଚାପ ବ୍ୟବହାର କରିଥିଲେ। ଟ୍ରମ୍ପ କହିଛନ୍ତି, ଦୁଇଟି ପରମାଣୁ ରାଷ୍ଟ୍ର ପରସ୍ପର ସହ ଲଢୁଥିଲେ। ସେମାନେ କହିଲେ, ନା, ନା, ନା, ତୁମେ ଆମକୁ ଯୁଦ୍ଧ କରିବାକୁ ଦେବା ଉଚିତ। କିଛି ସମୟ ପରେ ସେମାନେ ଯୁଦ୍ଧ ଶେଷ କରିଥିଲେ। ସେମାନେ ଶକ୍ତିଶାଳୀ ଦେଶ। ପ୍ରଧାନମନ୍ତ୍ରୀ ମୋଦୀ ଜଣେ ସୌନ୍ଦର୍ଯ୍ୟସଂପନ୍ନ, ଶକ୍ତିଶାଳୀ ଓ କଠୋର ବ୍ୟକ୍ତି।' ଟ୍ରମ୍ପ ଖୁବ୍ ଶୀଘ୍ର ଭାରତ ସହିତ ବାଣିଜ୍ୟ ଚୁକ୍ତି ହାସଲ କରିବାକୁ ମଧ୍ୟ ସଙ୍କେତ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ମୁଁ ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଯାଉଛି। ରାଷ୍ଟ୍ରପତି ଉଭୟ ନୂଆଦିଲ୍ଲୀ ଓ ଇସଲାମାବାଦ ସହିତ ତାଙ୍କର 'ସୁସମ୍ପର୍କ' ବିଷୟରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ମୁଁ ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି କରୁଛି ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ମୋର ବହୁତ ଭଲପାଇବା ଓ ସମ୍ମାନ ଅଛି। ସେହିପରି ପାକିସ୍ତାନର ପ୍ରଧାନମନ୍ତ୍ରୀ ଜଣେ ମହାନ ବ୍ୟକ୍ତି ଏବଂ ତାଙ୍କ ଫିଲ୍ଡ ମାର୍ଶଲ ଜଣେ ମହାନ ଯୋଦ୍ଧା। ସୂଚନାଯୋଗ୍ୟ, ଚଳିତ ବର୍ଷ ମେ ମାସରେ ଏକ ସଂକ୍ଷିପ୍ତ ସାମରିକ ସଂଘର୍ଷ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା ବିଷୟରେ ଟ୍ରମ୍ପ ଅତୀତରେ ମଧ୍ୟ ସମାନ ଦାବି କରିଛନ୍ତି। ନୂଆଦିଲ୍ଲୀ ଏହି ଦାବିକୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରି ଦୋହରାଇଛି ଯେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଦ୍ୱିପାକ୍ଷିକ ଭାବରେ କୌଣସି ତୃତୀୟ ପକ୍ଷର ସମ୍ପୃକ୍ତି ବିନା ହୋଇଛି।

## ସ୍ତ୍ରୀ ମୁଣ୍ଡରେ ବନ୍ଧୁକ ଲଗାଇ ଜବରଦସ୍ତି ଛାଡପତ୍ର ଦେବାକୁ ବାଧକଲା ସ୍ୱାମୀ

ଭୋପାଳ : ମଧ୍ୟପ୍ରଦେଶ ଭୋପାଳରୁ ସାମ୍ନାକୁ ଆସିଛି ଆଶ୍ଚର୍ଯ୍ୟକର ଘଟଣା । ଯେଉଁଠାରେ ଜଣେ ସ୍ୱାମୀ ନିଜ ସ୍ତ୍ରୀ ମୁଣ୍ଡରେ ବନ୍ଧୁକ ଲଗାଇ ତିନ୍ ତଲାକ୍ ନେଇଛନ୍ତି । ଘଟଣା ପରେ ମହିଳା ଜଣକ ଭୟଭୀତ ହୋଇ ଥାନାରେ ପହଞ୍ଚି ପୋଲିସ ନିକଟରେ ସବୁ କହିଛନ୍ତି । ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଲାଇସେନ୍ସ ବନ୍ଧୁକକୁ ଜବତ କରିଛି । ଖବର ମୁତାବକ, ଭୋପାଳର ଅଶୋକ କଲୋନୀରେ ମହିଳା ଜଣକ ନିଜ ସଂପର୍କୀୟଙ୍କ ପାଖରେ ରହୁଥିଲେ । ଅଭିଯୁକ୍ତ ସ୍ୱାମୀ ଜଣକ ଏକ ଫର୍ନିଚର ଦୋକାନରେ କାମ କରୁଥିଲେ । ରବିବାର ରାତିରେ ସ୍ତ୍ରୀ ରହୁଥିବା ସଂପର୍କୀୟଙ୍କ ଘରେ ବନ୍ଧୁକ ଧରି ପହଞ୍ଚିଥିଲେ । ମହିଳା ଜଣକ ସ୍ୱାମୀଙ୍କୁ ଏଭଳି ଦେଖି ଭୟଭୀତ ହୋଇ ଏକ ରୁମରେ ଲୁଚିଯାଇଥିଲେ । କିନ୍ତୁ ଅଭିଯୁକ୍ତ ଜଣକ ଘର ବାହାରେ ଠିଆ ହୋଇ ୩ ଥର ତଲାକ୍ ବୋଲି କହିଥିଲେ । ଏହାପରେ ମହିଳା ଜଣକ ଭୟଭୀତ ହୋଇ ପୋଲିସ ନିକଟରେ ପହଞ୍ଚି ସମସ୍ତ କଥା କହିଥିଲେ ।

# ପାକ୍‌କୁ ତାଲିବାନର ଚରମ ବାଣୀ: ଭୟାନକ ଶାସ୍ତି ମିଳିବ



ଇସଲାମାବାଦ: ଇସ୍ତାନବୁଲ୍‌ରେ ହୋଇଥିବା ପାକ୍-ଆଫଗାନ୍ ଶାନ୍ତି ଆଲୋଚନାକୁ ବଡ଼ ଝଟ୍‌କା ଲାଗିଛି। ପାକିସ୍ତାନ ନିଜ ଅଂଚଳରେ ସକ୍ରିୟ ଥିବା ଆତଙ୍କବାଦୀଙ୍କୁ ନିପାତ କରିବା ଓ ସୀମା ସୁରକ୍ଷା ପ୍ରସଙ୍ଗରେ ବିଭିନ୍ନ ସର୍ତ୍ତ ଉପସ୍ଥାପନ କରିବା ପରେ ତାଲିବାନ ସରକାର ଏହି ଆଲୋଚନାରୁ ଓହରିଯାଇଛି। ଏହି ଆଲୋଚନା ସମୟରେ ଯେଉଁ ସବୁ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ହୋଇଥିଲା ତାହା ପାଳନ ହେବନାହିଁ। ଆଜି ତାଲିବାନ ପାକିସ୍ତାନକୁ ସୀମା ବିବାଦ ପ୍ରସଙ୍ଗରେ ଚରମ ବାଣୀ ଶୁଣାଇଛି। ପାକିସ୍ତାନ ପରମାଣୁ ଭୟ ଦେଖାଇଲେ, ଅତି ଭୟାନକ ଶାସ୍ତି ଭୋଗିବ ବୋଲି ତାଲିବାନ ପ୍ରବକ୍ତା କହିଛନ୍ତି।

ଅନ୍ୟପକ୍ଷରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ କହିଛନ୍ତି ଯେ ତାଲିବାନ ଆମର ଯୁକ୍ତିସଙ୍ଗତ ଦାବିକୁ ଗ୍ରହଣ କରିନାହିଁ । ତୁର୍କୀର ଇସ୍ତାନବୁଲ୍‌ରେ ୧୭ ଅକ୍ଟୋବର ୨୦୨୫ରୁ ଆରମ୍ଭ ହୋଇଥିବା ଚାରି ଦିନିଆ ଆଲୋଚନାରେ ସାଂପ୍ରତିକ ସଙ୍କଟର ସମାଧାନ ପାଇଁ ଯେଉଁ ସବୁ ନିଷ୍ପତ୍ତି ହୋଇଥିଲା ତାହାକୁ ଏବେ କାବୁଲ ପାଳନ କରିବ ନାହିଁ ବୋଲି ସଙ୍କେତ ମିଳିଥିବା ଆସିଫ୍ କହିଛନ୍ତି। ଅସ୍ଥାୟୀ ଯୁଦ୍ଧବିରତି ଘୋଷଣା ମଧ୍ୟ ଏବେ ଅପ୍ରାସଙ୍ଗିକ ହୋଇପଡ଼ିଛି। ଆସିଫ୍ ଆଫଗାନ ସରକାରକୁ 'ନୂଆଦିଲ୍ଲୀର ଅସ୍ତ୍ର' ବୋଲି କହି ଭାରତ ପାକିସ୍ତାନ ବିରୋଧରେ ପ୍ରକ୍ସି ଯୁଦ୍ଧ ଚଳାଇଥିବା ଦାବି କରିଛନ୍ତି। କାବୁଲରେ ଯାହା ଚାଲୁଛି, ତା'ର ନିୟନ୍ତ୍ରଣ ଦିଲ୍ଲୀ ହାତରେ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ପଶ୍ଚିମ ସୀମାରେ ଭାରତ ନିଜର ପରାଜୟଜନିତ କ୍ଷତି ଭରଣା ପାଇଁ ଏବେ ଆଫଗାନିସ୍ତାନକୁ ବ୍ୟବହାର କରୁଛି ବୋଲି ଆସିଫ୍ କହିଛନ୍ତି। ଆଫଗାନ ପ୍ରତିରକ୍ଷା ମନ୍ତ୍ରୀ ମୁଲ୍ଲା ମହମ୍ମଦ ଯାକୁବ କହିଛନ୍ତି, ପାକିସ୍ତାନ ଓ ଏହାର ସମର୍ଥକ ଅନ୍ୟ କିଛି ଦେଶ ରାଜନୈତିକ ଲାଭ ପାଇଁ ଆମ ଉପରେ ଆତଙ୍କବାଦର ଛାପ ଲଗାଉଛନ୍ତି।

# ଓଲଟିଲା ଡଙ୍ଗା: ଜଣେ ମୃତ, ୨୦ରୁ ଅଧିକ ନିଖୋଜ



ଲକ୍ଷ୍ନୌ: ନଦୀ ମଝିରେ ବୁଡିଲା ବୋଟ୍, ୨୦ରୁ ଅଧିକ ଲୋକ ନିଖୋଜ । ଉତ୍ତରପ୍ରଦେଶ ବହରାଇଚ ଜିଲ୍ଲା କୋଡିୟାଲ ନଦୀରେ ଏକ ଡଙ୍ଗା ଓଲଟି ୨୦ରୁ ଅଧିକ ଲୋକ ନିଖୋଜ ଥିବା ସୂଚନା ମିଳିଛି । ଅଘଟଣ ପରେ ଘଟଣାସ୍ଥଳରେ ଏନଡିଆରଏଫ ଟିମ୍ ଏବଂ ଏସଡିଆରଏଫ୍ ଟିମ ପହଞ୍ଚି ତୁରନ୍ତ ଉଦ୍ଧାର କାମରେ ଲାଗିଛନ୍ତି । ତେବେ ଏବେଏବେ ମିଳିଥିବା ସୂଚନା ଅନୁସାରେ ଦୁର୍ଘଟଣାରେ ଜଣେ ୬୦ ବର୍ଷିୟା ମହିଳାଙ୍କ ମୃତ୍ୟୁହେବା ସହ ୬ ଜଣଙ୍କୁ ଉଦ୍ଧାର କରାଯାଇଛି । ଏବେବି ୨୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି । ଭାରତ-ନେପାଳ ସୀମାବର୍ତ୍ତି ଜିଲ୍ଲା ହେଉଛି ବହରାଇଚ। ଭରତପୁର ହେଉଛି କର୍ତାର୍ନିଆଘାଟ ବନ୍ୟପ୍ରାଣୀ ରେଞ୍ଜର ଏକ ଗ୍ରାମ। ଏଠାକାର ଲୋକେ କୋଡିୟାଲ ନଦୀ ଉପରେ ଭରସା କରି ଯାତାୟାତ କରନ୍ତି । ଜଳ ପଥ ଦେଇ ଡଙ୍ଗାରେ ଲଖିମପୁରର ଖୈରାଟିଆ ଗାଁକୁ ଯାଆନ୍ତି । ତେବେ ଆଜିସନ୍ଧ୍ୟା ୬ଟାରେ ଖୈରାଟିଆରୁ ଭରତପୁରକୁ ଫେରୁଥିବା ବେଳେ ଡଙ୍ଗାଟି ଗାଁ ନିକଟରେ ଓଲଟି ପଡ଼ିଥିଲା । ଡଙ୍ଗାରେ ମୋଟ ୨୮ରୁ ଅଧିକ ଲୋକ ଥିଲେ।

# ଆଶାରାମ ବାପୁଙ୍କୁ ଆଶ୍ୱସ୍ତି, ରାଜସ୍ଥାନ ହାଇକୋର୍ଟରୁ ମିଳିଲା ଅନ୍ତରୀଣ ଜାମିନ



ଯୋଧପୁର : ଗଣଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆଶାରାମ ବାପୁଙ୍କୁ ରାଜସ୍ଥାନ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି । ହାଇକୋର୍ଟ ଆଶାରାମ ବାପୁଙ୍କୁ ମେଡିକାଲ ଗ୍ରାଉଣ୍ଡରେ ୬ ମାସର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ହାଇକୋର୍ଟରୁ ମୁଖ୍ୟ ନ୍ୟାୟାଧୀଶ ସଂଜୀବ ପ୍ରାକାଶ ଶର୍ମା ଡିଭିଜନ ବେଞ୍ଚ ମାମଲାର ଶୁଣାଣି କରି ଆଶାରାମଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ଆଶାରାମଙ୍କ ଚିକିତ୍ସା ଏବେ ଘରୋଇ ହସପିଟାଲରେ ଚାଲିଛି । ଆଶାରାମଙ୍କ ଖରାପ ସ୍ୱାସ୍ଥ୍ୟବସ୍ଥା ଦର୍ଶାଇ ରେଗୁଲାର ଜାମିନ ଆବେଦନ କରୁଛନ୍ତି । ଯୌନ ଉତ୍ପୀଡନ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି । ଏହାପୂର୍ବରୁ ୨୦୧୩, ଜାନୁଆରୀରେ ସୁପ୍ରିମକୋର୍ଟ ଗଣଦୁଷ୍କର୍ମ ମାମଲାରେ ବନ୍ଦୀ ଥିବା ମେଡିକାଲ ଗ୍ରାଉଣ୍ଡରେ ଆଶାରାମଙ୍କୁ ଅନ୍ତରୀଣ ଜାମିନ ମିଳିଥିଲା । ସେତେବେଳେ ସୁପ୍ରିମକୋର୍ଟ ବେଞ୍ଚ ଆଶାରାମଙ୍କ ବୟସାଧିକ ଜଡିତ ସ୍ୱାସ୍ଥ୍ୟାଗତ ସମସ୍ୟା ଯୋଗୁଁ ଦୁଇ ଥର ହାର୍ଟଆର୍ଟାକ ହୋଇଛି ବୋଲି କହିଥିଲେ । ୨୦୧୩ରେ ହିଁ ଆଶାରାମଙ୍କୁ ଗିରଫ କରାଯାଇଥିଲା । ୧୬ ବର୍ଷର ନାବାଳିକାଙ୍କ ଅଭିଯୋଗ ପରେ ତାଙ୍କୁ ଗିରଫ କରାଯାଇଥିଲା ।

# ଜମାଇକାକୁ ଛାରଖାର କଲା ମେଲିସା

ନୂଆଦିଲ୍ଲୀ: ବିଶ୍ୱ ଦେଖିଲା ଶତାବ୍ଦୀର ସବୁଠୁ ଭୟଙ୍କର ହରିକେନ । ଯାହା ଜମାଇକାରେ ତାଣ୍ଡବ ରଚିଛି । କୁହାଯାଉଛି ୧୯୯୯ ଓଡ଼ିଶାରେ ତାଣ୍ଡବ ରଚିଥିବା ମହାବାତ୍ୟାଠୁ ବେଶ ଭୟଙ୍କର ଓ ଶକ୍ତିଶାଳୀ ଥିଲା ମେଲିସା । ମେଲିସା ହରିକେନ ଆଣ୍ଟଲାଟିକ ଇତିହାସର ଶକ୍ତିଶାଳୀ ହରିକେନ । ୧୮୫୧ରୁ ୨୦୨୫, ପ୍ରାୟ ଗତ ୧୭୪ ବର୍ଷ ଭିନ୍ନଭିନ୍ନ ବର୍ଷମାନଙ୍କରେ ସ୍ଥଳଭାଗ ଛୁଇଁଥିବା ହରିକେନ ମଧ୍ୟରେ ମେଲିସା ହେଉଛି ସବୁଠୁ ଅଧିକ ଶକ୍ତିଶାଳୀ । ଯାହାର ଘଣ୍ଟା ପ୍ରତି ବେଗ ୩ଶହ କିଲୋମିଟର ରହିଥିଲା । ମେଲିସା ପ୍ରଭାବରେ ଜମାଇକାରେ ପ୍ରଳୟଙ୍କାରୀ ବନ୍ୟା, ସମୁଦ୍ର ପାଣି ମାଡି ଆସିବା ସହ ପ୍ରବଳ ବର୍ଷା ଦେଖିବାକୁ ମିଳିଛି । ଶକ୍ତିଶାଳୀ ହରିକେନ ପାଇଁ କାରିବିଆନ୍ ଦେଶଗୁଡ଼ିକ ଭୟଙ୍କର ବନ୍ୟା ଏବଂ ଭୂସ୍ଖଳନ ସହିତ ସଂଘର୍ଷ କରୁଛନ୍ତି । କେଉଁଠି ବିଶାଳକାୟ ଗଛ ଉପୁଡିଯାଇଛି ତ ପୁଣି କେଉଁଠି ଘରର ଛାତ ଉଡିଯାଇଛି । ଜମାଇକାଠୁ ନେଇ କ୍ୟୁବା ପର୍ଯ୍ୟନ୍ତ ସହର ଗୁଡିକ ଜଳମଗ୍ନ ହେବା ପରେ ସବୁଠୁ ଖରାପ ସ୍ଥିତି ଦେଇ ଗତିକରୁଛି । ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଅନୁଯାୟୀ, ହାଇତି, ଡୋମିନିକାନ୍ ଗଣରାଜ୍ୟ, କ୍ୟୁବା ଏବଂ ବାହାମାସ ସବୁଠୁ ଅଧିକ କ୍ଷତି ସହିଛନ୍ତି । ଜମାଇକାରେ ଲ୍ୟାଣ୍ଡଫଲ୍ ସମୟରେ ଘଣ୍ଟା ପ୍ରତି ୩୦୦ କିଲୋମିଟର ବେଗରେ ପବନ ବୋହିବା ସହ ସମୁଦ୍ରରୁ ପ୍ରାୟ ୧୦ଫୁଟ ଉଚ୍ଚ ପର୍ଯ୍ୟନ୍ତ ଜୁଆର ଉଠିଥିଲା। ଅନେକ ଅଞ୍ଚଳରେ ଭୟଙ୍କର ବନ୍ୟା ବି ହୋଇଛି । କୁହାଯାଉଛି ଆଣ୍ଟଲାଟିକ ଇତିହାସରେ ୧୮୫୧ରୁ ଏଭଳି ଶକ୍ତିଶାଳୀ ହରିକେନ କେବେ ସୃଷ୍ଟି ହୋଇନଥିଲା । ଏହାକୁ କ୍ୟାଟେଗୋରୀ-୫ର ପ୍ରାକୃତିକ ବିପର୍ଯ୍ୟୟ ବୋଲି କୁହାଯାଉଛି । ୧୯୯୯ରେ ଓଡ଼ିଶାରେ ହୋଇଥିବା ମହାବାତ୍ୟାଠାରୁ ବହୁଗୁଣରେ ଶକ୍ତିଶାଳୀ ମେଲିସା।

# ରିଓ ଡୋ ଜେନେରିଓରେ ପୋଲିସର ବଡ଼ ଅଭିଯାନ, ୬୪ ମୃତ



ବ୍ରାଜିଲ : ବ୍ରାଜିଲ ରାଜଧାନୀ ରିଓ ଡୋ ଜେନେରିଓରେ ପୋଲିସର ବଡ଼ ଅଭିଯାନ । ଏଠାରେଅପରାଧୀ ଏବଂ ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ବଡ଼ ଅଭିଯାନରେ ଚାରି ଜଣ ପୋଲିସ ଅଧିକାରୀ ଓ ପ୍ରାୟ ୬୪ ଜଣ ଲୋକ ପ୍ରାଣ ହରାଇଛନ୍ତି । ବ୍ରାଜିଲର ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଅଭିଯାନ ଆରମ୍ଭ କରିଛି ।

ରାଜ୍ୟପାଳ କ୍ଲାଉଡିଓ କାଷ୍ଟ୍ରୋ ଏକ ଭିଡିଓ ବିବୃତ୍ତି ଜାରି କରି କହିଛନ୍ତି ଯେ, ଏକ ବଡ଼ ଧରଣର ପୋଲିସ ଅଭିଯାନରେ ୬୦ ଜଣ ଅଭିଯୁକ୍ତ ଅପରାଧୀଙ୍କୁ ନିପାତ କରାଯାଇଛି । ପୋଲିସ ୨୫୦ରୁ ଅଧିକ ଜଣଙ୍କୁ ଗିରଫ କରିଛି । ଅନ୍ୟ ଅଭିଯୁକ୍ତଙ୍କ ସନ୍ଧାନରେ ୱାରେଣ୍ଟ ଜାରି ହୋଇଛି । ୮୧ ଜଣଙ୍କୁ ଅଟକ ରଖାଯାଇଛି । ସେମାନଙ୍କ ନିକଟରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ସୂଚନାଯୋଗ୍ୟ, ଆସନ୍ତା ସପ୍ତାହରେ ରିଓ ଏକ ପ୍ରମୁଖ ଜଳବାୟୁ ସମ୍ମିଳନୀ ଓ୪୦ ବିଶ୍ୱ ମେୟର୍ସ ସମ୍ମିଳନୀ ଆୟୋଜନ କରିବ ।

# ପରିସ୍ଥିତି ସୁଧୁରିଲେ ହିଁ ଫେରିବି: ହସିନା




ନୂଆଦିଲ୍ଲୀ: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଗତ ବର୍ଷ ବିଦ୍ରୋହର ସମ୍ମୁଖୀନ ହେବାପରେ ଅଗଷ୍ଟରେ ତାଙ୍କ ପଦରୁ ଇସ୍ତଫା ଦେଇ ଭାରତର ଆଶ୍ରୟରେ ଅଛନ୍ତି। ନିକଟରେ ହସିନା ଦିଲ୍ଲୀର ଲୋଧି ଗାର୍ଡେନରେ ଦୁଇ ଜଣ ସୁରକ୍ଷାକର୍ମୀଙ୍କ ସହ ବୁଲୁଥିବା ନଜର ଆସିଥିଲେ। ଶେଖ ହସିନା ନିକଟରେ ବାଂଲାଦେଶରେ ହେବାକୁ ଥିବା ସାଧାରଣ ନିର୍ବାଚନ, ଆୱାମୀ ଲିଗ୍ ପାର୍ଟି, ତାଙ୍କ ବିରୋଧରେ ଆପରାଧିକ ମାମଲା ଏବଂ ତାଙ୍କ ଭବିଷ୍ୟତ ଯୋଜନା ବିଷୟରେ ଖୋଲା ମତ ରଖିଛନ୍ତି। ୭୮ ବର୍ଷୀୟା ହସିନା କ୍ଷମତାରୁ ବହିଷ୍କୃତ ହେବା ପରେ ପ୍ରଥମ ଥର ପାଇଁ ଗଣମାଧ୍ୟମ ସହ କଥା ହୋଇଛନ୍ତି। ସେ କହିଛନ୍ତି ଯେ ଗତ ବର୍ଷ ଅଗଷ୍ଟରେ ଢାକାରେ ହିଂସା ଆରମ୍ଭ ହେବା ପରେ ସେ ହେଲିକପ୍ଟର ଯୋଗେ ଭାରତରେ ପହଞ୍ଚିଥିଲେ ଏବଂ ସେବେଠାରୁ ସେ ନୂଆଦିଲ୍ଲୀରେ ସୁରକ୍ଷିତ ଓ ମୁକ୍ତ ଭାବେ ରହୁଛନ୍ତି।

ସେ କହିଛନ୍ତି ଯେ ସେ ଦିଲ୍ଲୀରେ ସ୍ୱାଧୀନ ଜୀବନଯାପନ କରୁଛନ୍ତି, କିନ୍ତୁ ପରିବାରର ସୁରକ୍ଷାକୁ ଦୃଷ୍ଟିରେ ରଖି ମଧ୍ୟ ସତର୍କ ଅଛନ୍ତି। ହସିନା କହିଥିଲେ ଯେ ୧୯୭୫ ସାମରିକ ବିଦ୍ରୋହରେ ତାଙ୍କ ପିତା ଏବଂ ତିନି ଭାଇ ନିହତ ହୋଇଥିଲେ। ସେ ଏବଂ ତାଙ୍କ ଭଉଣୀ ସେହି ସମୟରେ ବିଦେଶରେ ଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ କହିଛ, ଆୱାମୀ ଲିଗ୍ ଦଳ କ୍ଷମତାରେ କିମ୍ବା ବିରୋଧୀ ଦଳରେ ରହିବା ପରେ ହିଁ ସେ ବାଂଲାଦେଶ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିବେ। 'ଆମ ଦଳକୁ ଏବେ ନିଷିଦ୍ଧ କରାଯାଇଛି, ନିର୍ବାଚନରେ ଭାଗ ନେବା ସୁଯୋଗ ଦିଆନଗଲେ ଆମେ ନିର୍ବାଚନ ବହିଷ୍କାର କରି'ବୁ ବୋଲି ସେ କହିଛନ୍ତି। ଦେଶରେ ସମ୍ବିଧାନ ଅନୁଯାୟୀ ଶାସନ ଏବଂ ରାଜନୈତିକ ସ୍ଥିରତା ରହିଲେ ହିଁ ତାଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବ ହେବ। କୌଣସି ଜଣେ ବ୍ୟକ୍ତି କିମ୍ବା ପରିବାର ଦେଶର ଭବିଷ୍ୟତ ସ୍ଥିର କରିପାରିବେ ନାହିଁ ବୋଲି ହସିନା କହିଛନ୍ତି।

# ଆର୍କାଟିକ ମହାସାଗରରେ ପରମାଣୁ ଡ୍ରୋନ ପରୀକ୍ଷଣ କଲା ରୁଷ

ନୂଆଦିଲ୍ଲୀ: ରୁଷ ପୁଣି ଏକ ପରମାଣୁ ଶକ୍ତି ସଂପନ୍ନ ଡ୍ରୋନର ପରୀକ୍ଷଣ କରିଛି । ସାତ ଦିନ ଭିତରେ ଏହା ରୁଷିଆର ଦ୍ୱିତୀୟ ପରମାଣୁ ଶକ୍ତିସଂପନ୍ନ ମିଶାଇଲର ପରୀକ୍ଷଣ । ଅକ୍ଟୋବର ୨୮ ତାରିଖରେ ଆର୍କାଟିକ ମହାସାଗରରେ ଅଣ୍ଡର ୱାଟର ଡ୍ରୋନ ପୋସାଇଡନର ପରୀକ୍ଷଣ କରାଯାଇଛି । ଏହାର ସୂଚନା ଖୋଦ ରାଷ୍ଟ୍ରପତି ଭ୍ଲାଦମିର ପୁଟିନ ଦେଇଛନ୍ତି । କହିଛନ୍ତି ରୁଷିଆ ସଫଳତାର ସହ ବିଶ୍ୱର ସବୁଠୁ ଶକ୍ତିଶାଳୀ ପରମାଣୁ ଶକ୍ତିସଂପନ୍ନ ଅଣ୍ଡର ୱାଟର ଡ୍ରୋନ ପୋସାଇଡନର ସଫଳତାପୂର୍ବକ ପରୀକ୍ଷଣ କରିଛି । ଏହି ଟାରପିଡୋ ଡ୍ରୋନକୁ ବିଶ୍ୱର କୌଣସି ଅସ୍ତ୍ର ମାତ ଦେଇପାରିବ ନାହିଁ । ଏହା ପାରମ୍ପରିକ ଯୁଦ୍ଧଜାହାଜଠାରୁ ଦ୍ରୁତଗତିରେ ଯାତ୍ରା କରିପାରେ। ବିଶ୍ୱର ଯେକୌଣସି ମହାଦ୍ୱୀପ ଯାଏଁ ପୋସାଇଡନ ସହଜରେ ପହଞ୍ଚି ପାରିବ। ଏଥିସହ ପୁଟିନ କହିଛନ୍ତି, କୌଣସି ରାଷ୍ଟ୍ରର ଟାରପିଡୋ ଡ୍ରୋନ ପୋସାଇଡନର ଗତି ଓ ମାରକ କ୍ଷମତା ସହ ସମକକ୍ଷ ହୋଇପାରିବେ ନାହିଁ । ନିକଟ ଭବିଷ୍ୟତରେ ମଧ୍ୟ ପୋସାଇଡନ ଭଳି ଡ୍ରୋନ ବିକାଶ ହେବାର ସମ୍ଭାବନା କମ ବୋଲି କହିଛନ୍ତି ରୁଷ ରାଷ୍ଟ୍ରପତି । ଗତ ରବିବାର ରୁଷ ପରମାଣୁ ଶକ୍ତି ସଂପନ୍ନ କ୍ରୁଜ ମିଜାଇଲ 'ବୁରେବେସ୍ତନିକ ନାଇନ ଏମ ୭୩୯'ର ସଫଳ ପରୀକ୍ଷଣ କରିଥିଲା । ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମାଲୋଚନା କରି ପୁଟିନଙ୍କୁ ପରାମର୍ଶ ଦେଇ କହିଥିଲେ, ରୁଷ ମିଶାଇଲ ପରୀକ୍ଷଣରେ ମାତିବା ବଦଳରେ ୟୁକ୍ରେନ ସହ ଯୁଦ୍ଧ ସମାପ୍ତ ଉପରେ କାମ କରିବା ଉଚିତ । ହେଲେ ଟ୍ରମ୍ପଙ୍କ ପରାମର୍ଶକୁ ଅଣଦେଖା କରି ମାତ୍ର ୨ ଦିନ ପରେ ପୁଣି ରୁଷ ଅଣ୍ଡର ୱାଟର ଡ୍ରୋନର ପରୀକ୍ଷଣ କରିଛି । ତେଣୁ ୟୁକ୍ରେନ ଯୁଦ୍ଧକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ରର ଚାପରେ ରୁଷ ନଇଁବ ନାହିଁ ବୋଲି ସାରା ବିଶ୍ୱକୁ ବାର୍ତ୍ତା ଦେଇଥିବା ଚର୍ଚ୍ଚା ହେଉଛି ।

# ବର୍ଷା ଯୋଗୁଁ ଧୋଇଗଲା ପ୍ରଥମ ଟି-୨୦

କାନବେରା, ୨୯।୧୦(ଏଜେନ୍ସି): କାନବେରାରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟି-୨୦ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି। ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ଷା ଯୋଗୁଁ ମ୍ୟାଚ୍ ଦୁଇଥର ବାଧାପ୍ରାପ୍ତ ହୋଇଥିଲା, ଓଭର ଗଣନା ୧୮କୁ ହ୍ରାସ କରାଯାଇଥିଲା କିନ୍ତୁ, ୧୦ମ ଓଭର ସମୟରେ ପୁଣି ଥରେ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା, ଯାହା ଫଳରେ ମ୍ୟାଚ୍ ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବାତିଲ ହେବା ସମୟରେ ଭାରତ ବ୍ୟାଟିଂ କରୁଥିଲା। ସୂର୍ଯ୍ୟକୁମାର ଯାଦବ ଏବଂ ଶୁଭମନ ଗିଲ୍ କ୍ରିଜରେ ଥିଲେ ।ଭାରତର ସ୍କୋର ୯୭/୧ (୯.୪/୧୮ ଓଭର) ଥିଲା। ଅଭିଷେକ ଶର୍ମାଙ୍କ ରୂପରେ ଭାରତର ଏକମାତ୍ର ୱିକେଟ ହରାଇଥିଲା। ଭାରତର ନମ୍ବର ୱାନ୍ ଟି-୨୦ ବ୍ୟାଟର ଅଭିଷେକ ଶର୍ମା, ଉପ-ଅଧିନାୟକ ଶୁଭମନ ଗିଲଙ୍କ ସହ ଇନିଂସ ଓପନ କରିଥିଲେ। ଉଭୟେ ପ୍ରଥମ ତିନି ଓଭରରେ ୨୬ ରନ ଦେଇ ଏକ ଦୃଢ଼ ଆରମ୍ଭ କରିଥିଲେ। ନିଜର ପ୍ରଥମ ଓଭର ବୋଲିଂ କରିବାକୁ ଆସିଥିବା ନାଥନ୍ ଏଲିସ୍ ପଞ୍ଚମ ବଲ୍‌ରେ ଅଭିଷେକ (୧୯ ରନ୍)ଙ୍କୁ ଟିମ୍ ଡେଭିଡ୍ ଦ୍ୱାରା କ୍ୟାଚ୍ କରାଇଥିଲେ। ବର୍ଷା



ମ୍ୟାଚ୍ ବାଧାପ୍ରାପ୍ତ କରିଥିଲା ଏବଂ ଓଭର ସଂଖ୍ୟା ୧୮ କୁ ହ୍ରାସ ପାଇଥିଲା।

ବର୍ଷା ଯୋଗୁ ମ୍ୟାଚ୍ ଉପରେ ପ୍ରଭାବ:

- ପ୍ରତି ଦଳ ପାଇଁ ଓଭର ୧୮ କୁ ହ୍ରାସ କରାଯାଇଛି, ପାୱାରପ୍ଲେ ୫.୨ ଓଭର ପର୍ଯ୍ୟନ୍ତ ରହିବ।
- ତିନି ଜଣ ବୋଲର ସର୍ବାଧିକ ଚାରି ଓଭର ବୋଲିଂ କରିପାରିବେ
- ଦୁଇଜଣ ବୋଲର ସର୍ବାଧିକ ତିନି ଓଭର ବୋଲିଂ କରିପାରିବେ

ସୂର୍ଯ୍ୟକୁମାରଙ୍କର ୧୫୦ ପାର ଛକା:

ସୂର୍ଯ୍ୟକୁମାର ଯାଦବଙ୍କ ପୂର୍ବରୁ, କେବଳ ମହମ୍ମଦ ୱାସିମ (ୟୁଏଇ) କମ୍ ଇନିଂସରେ ୧୫୦ତମ ଛକା ଛୁଇଁଥିଲେ। ସୂର୍ଯ୍ୟ ୮୬ ଇନିଂସ ଏବଂ ୧୬୪୯ ବଲ୍‌ରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ। ୱାସିମ ୬୬ ଇନିଂସ ଏବଂ ୧୫୪୩ ବଲ୍‌ରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ।

୨୦୫ ରୋହିତ ଶର୍ମା
୧୮୭ ମହମ୍ମଦ ୱାସିମ।
୧୭୩ ମାର୍ଟିନ୍ ଗୁପ୍ଟିଲ୍
୧୭୨ ଜୋସ୍ ବଟଲର୍।
୧୫୦ ସୂର୍ଯ୍ୟକୁମାର ଯାଦବ।

ଭାରତ ବନାମ ଅଷ୍ଟ୍ରେଲିଆ। ଟି-୨୦ ହେଡ୍ ଟୁ ହେଡ୍:

ମୁକାବିଲା ଦୃଷ୍ଟିରୁ, ଟିମ୍ ଇଣ୍ଡିଆ। ଅଷ୍ଟ୍ରେଲିଆ। ଉପରେ ଅଗ୍ରଣୀ ରହିଛି ଏପର୍ଯ୍ୟନ୍ତ ଖେଳାଯାଇଥିବା ୩୨ ଟି ମ୍ୟାଚ୍ ମଧ୍ୟରୁ, ଭାରତ ୨୦ ଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ।କୁ ପରାସ୍ତ କରିଛି ଅନ୍ୟପକ୍ଷରେ, କଙ୍ଗାରୁ ଦଳ କେବଳ ୧୧ ଟି ଜିତିଛି, ଗୋଟିଏ ମ୍ୟାଚ୍ ଡ୍ରରେ ଶେଷ ହୋଇଛି । ୨୦୧୨ ପରଠାରୁ ଅଷ୍ଟ୍ରେଲିଆ। ନିଜ ଦେଶରେ କୌଣସି ଟି୨୦ ସିରିଜରେ ଭାରତକୁ ପରାସ୍ତ କରିନାହିଁ ତେଣୁ, ମହେନ୍ଦ୍ର ସିଂହ ଧୋନି ଏବଂ ବିରାଟ କୋହଲିଙ୍କ ପରେ, ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଗତ ପାଞ୍ଚଟି ଟି୨୦ ସିରିଜରେ, ଭାରତୀୟ ଦଳ ଅଷ୍ଟ୍ରେଲିଆ। ମାଟିରେ କେବଳ ଥରେ ୨୦୦୮ରେ ଅଷ୍ଟ୍ରେଲିଆ। ଠାରୁ ହାରିଛି।

# ପ୍ରଥମଥର ଫାଇନାଲରେ ଦ. ଆଫ୍ରିକା

## ●ୱୋଲଭାର୍ଡ ୧୬୯, କାପ୍‌ଙ୍କୁ ୫ ୱିକେଟ

## ●ସେମିରେ ଇଂଲଣ୍ଡ ୧୨୫ ରନରେ ହାରିଲା





ଗୌହାଟୀ, ୨୯।୧୦: ଦିନିକିଆ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ଫାଇନାଲରେ ପହଞ୍ଚିଛି। ୨୦୨୫ ମହିଳା ବିଶ୍ୱକପର ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଇଂଲଣ୍ଡକୁ ୧୨୫ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୩୧୯ ରନ କରିଥିଲା। ଦଳ ପକ୍ଷର ଅଧିନାୟକ ଲୌରା ୱୋଲଭାର୍ଡ (୧୬୯) ସର୍ବାଧିକ ରନ କରିଥିଲେ। ଜବାବରେ ଇଂଲଣ୍ଡ ୧୯୪ ରନରେ ଅଲଆଉଟ୍ ହୋଇଥିଲା। ମାରିଜାନେ କାପ ଘାତକ ବୋଲିଂ କରି ୭ ଓଭରରେ ମାତ୍ର ୨୦ ରନ ଦେଇ ୫ ୱିକେଟ ନେଇଥିଲେ। ୱୋଲଭାର୍ଡଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

ମହିଳା ବିଶ୍ୱକପ ସେମିଫାଇନାଲରେ ଇଂଲଣ୍ଡ ସମ୍ମୁଖରେ ବିଜୟ ପାଇଁ ୩୨୦ ରନର ଲକ୍ଷ୍ୟ ଥିଲା। ଦଳ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା ମାରିଜାନେ କାପ ପ୍ରଥମ ଓଭରର ଦ୍ୱିତୀୟ ବଲରେ ଇଂଲଣ୍ଡର ୱିକେଟକିପର-ବ୍ୟାଟସମ୍ୟାନ୍ ଏମି ଜୋନ୍ସଙ୍କୁ ବୋଲ୍ଡ କରିଥିଲେ। ମାରିଜାନ୍ ପ୍ରଥମ ଓଭରର ପଞ୍ଚମ ବଲରେ ହିଥର ନାଇଟଙ୍କୁ ମଧ୍ୟ ଆଉଟ୍ କରିଥିଲେ ପରବର୍ତ୍ତୀ ଓଭରର ପ୍ରଥମ ବଲରେ ଆୟାବାଙ୍ଗା ଖାକା ଇଂଲଣ୍ଡର ତୃତୀୟ ୱିକେଟ ପାଇଁ ଟାମି ବିଉମୋଣ୍ଟଙ୍କୁ ଆଉଟ୍ କରିଥିଲେ। ଇଂଲଣ୍ଡ ୧ ରନରେ ତିନୋଟି ୱିକେଟ ହରାଇଥିଲା। ଶୀର୍ଷ ତିନି ବ୍ୟାଟର ଖାତା ମଧ୍ୟ ଖୋଲିପାରି ନଥିଲେ।

ଏହା ପରେ ଅଧିନାୟିକା ନାଟାଲି ସ୍କିଭର ଏବଂ ଆଲିସ୍ କ୍ୟାପସିଙ୍କ ମଧ୍ୟରେ ଏକ ଶତକୀୟ ଭାଗୀଦାରି ଇଂଲଣ୍ଡର ଫାଇନାଲରେ ପହଞ୍ଚିବାର ଆଶାକୁ ଉଜ୍ଜୀବିତ ରଖିଥିଲା। ଉଭୟ ଚତୁର୍ଥ ୱିକେଟ ପାଇଁ ୧୦୭ ରନ୍ ଯୋଡିଥିଲେ। ଏହି ଭାଗୀଦାରିକୁ ସୁନେ ଲୁସ୍ ଭାଙ୍ଗି ଥିଲେ କ୍ୟାପସି ୭୧ ବଲ୍‌ରୁ ୫୦ ରନ୍ କରି ଆଉଟ୍ ହୋଇଥିଲେ। ପରେ ଅଧିନାୟିକା ନାଟାଲି ୭୬ ବଲରୁ ୧ ଛକା ଏବଂ ୬ ଚୌକା ସହାୟତାରେ ୬୪ ରନ କରି ପ୍ୟାଭିଲିୟନ୍ ଫେରିଥିଲେ। ସେ ମାରିଜାନ କାପଙ୍କ ଶିକାର ହୋଇଥିଲେ ।୩୧ତମ ଓଭରରେ, ମାରିଜାନ୍ କାପ୍ ମ୍ୟାଚର ପଞ୍ଚମ ୱିକେଟ ନେଇଥିଲେ। ସେ ତାଙ୍କ ସାତ ଓଭର ସ୍ପେଲରେ ମାତ୍ର ୨୦ ରନ୍ ଦେଇ ପାଞ୍ଚୱିକେଟ ନେଇଥିଲେ। ଶେଷରେ ଲିନସେ ସ୍ମିଥ୍ କିଛି ଭଲ ସଟ୍ ଖେଳି ୨୭ ରନ କରି ଆଉଟ ହୋଇଥିଲେ। ଏହା ଇଂଲଣ୍ଡର ଇନିଂସର ୧୦ମ ୱିକେଟ୍ ଥିଲା ଏବଂ ଦଳ ୧୯୪ ରନରେ ଅଲଆଉଟ୍ ହୋଇଥିଲା। ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ୧୨୫ ରନର ବିଶାଳ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି ।

ଦକ୍ଷିଣ ଆଫ୍ରିକା ପାଇଁ ଅଧିନାୟିକା ଲୌରା ଲଭାର୍ଡ ଏବଂ ତାଜମିନ ବ୍ରିଟ୍ସ ପ୍ରଥମ ୱିକେଟ ପାଇଁ ଶତକୀୟ ଭାଗୀଦାରି (୧୧୬) ଯୋଡ଼ିଥିଲେ। ସୋଫି ଏକ୍ଲେଷ୍ଟୋନ୍ ୨୩ତମ ଓଭରରେ ବ୍ରିଟ୍ସ (୪୫)ଙ୍କୁ ଆଉଟ୍ କରି ଏହି ଭାଗୀଦାରି ଭାଙ୍ଗିଥିଲେ ସେହି ଓଭରରେ, ସୋଫି ଆନ୍ ବୋଶଙ୍କୁ ମଧ୍ୟ ବୋଲ୍ଡ କରିଥିଲେ ୧୧୯ ସ୍କୋରରେ ସୁନ୍ ଲୁସଙ୍କ ରୂପରେ ଦଳର ତୃତୀୟ ୱିକେଟ୍ ପତନ ହୋଇଥିଲା ।

ଏହା ପରେ ଅଧିନାୟିକା ଲୌରା ମାରିଜାନେ କାପ୍ ସହିତ ଚତୁର୍ଥ ୱିକେଟ ପାଇଁ ୭୨ ରନର ଭାଗୀଦାରି କରିଥିଲେ ଆଉଟ୍ ହେବା ପୂର୍ବରୁ ଲୌରା ଲଭାର୍ଡ ୧୬୯ ରନର ଐତିହାସିକ ଇନିଂସ ଖେଳିଥିଲେ ଏହା ତାଙ୍କର ୧୦ମ ଏକଦିବସୀୟ ଶତକ ଏବଂ ବିଶ୍ୱକପରେ ତାଙ୍କର ପ୍ରଥମ ଇନିଂସ ଥିଲା ଫଳରେ ଦକ୍ଷିଣ ଆଫ୍ରିକା ୭ ୱିକେଟ୍ ହରାଇ ୩୧୯ ରନର ବିଶାଳ ସ୍କୋର କରିଥିଲା।

# ଆଜି ଭାରତ-ଅଷ୍ଟ୍ରେଲିଆ ସେମି ଲଢ଼େଇ





ମୁମ୍ବାଇ, ୨୯।୧୦: ମହିଳା ଦିନିକିଆ। ବିଶ୍ୱକପର ଅନ୍ୟତମ ବଡ଼ ପରୀକ୍ଷାର ସାମ୍ନା କରିବାକୁ ଯାଉଛି ଭାରତ। ଆସନ୍ତାକାଲି ନଭି ମୁମ୍ବାଇରେ ଭାରତ ସେମି ଫାଇନାଲରେ ଅପରାଜୟ ଅଷ୍ଟ୍ରେଲିଆ।କୁ ଭେଟିବ। ଗ୍ରୁପ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ। ଗୋଟିଏ ଥର ଭାରତକୁ ହରାଇ ସାରିଛି।

ଆସନ୍ତାକାଲି ଭାରତ ପାଖରେ ଏହାର ମଧୁର ପ୍ରତିଶୋଧ ନେବାର ସୁଯୋଗ ରହିବ ହେଲେ। ଏଲିସ ହେଲୀଙ୍କ ଅଷ୍ଟ୍ରେଲିଆ।କୁ ହରାଇବା ସହଜ ହେବନି ।ମ୍ୟାଚ୍ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଥିବା ବେଳେ ସମସ୍ତେ କାଲି ଦିନ ୩ଟାକୁ ଅପେକ୍ଷା କରିଛନ୍ତି। ତେବେ ଅଷ୍ଟ୍ରେଲିଆ ଏ ଯାବତ କୌଣସି ମ୍ୟାଚ ହାରିନନାହିଁ। ଦଳର ସବୁ ଖେଳାଳି ଫର୍ମରେରହିଛନ୍ତି।

ସ୍ମୃତି ମନ୍ଧାନା ଅଷ୍ଟ୍ରେଲିଆ। ବିପକ୍ଷରେ ଶେଷ ପାଞ୍ଚଟି ଦିନିକିଆରେ ୧୦୫, ୫୮, ୧୧୭, ୧୨୫ ଏବଂ ୮୦ ରନ୍ କରିଛନ୍ତି। କିନ୍ତୁ ସେ ପୁଣି ୦ ରୁ ଆରମ୍ଭ କରିବେ, ଏବଂ ଏଥର ତାଙ୍କୁ ଏକ ପରିବର୍ତ୍ତନ କରିବାକୁ ପଡିବ, ତାଙ୍କ ସାଧାରଣ ଓପନିଂ ସାଥୀ ପ୍ରତୀକା ରାୱଲ, ଯାହାଙ୍କ ସହ ସେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ରେକର୍ଡ ୨୧୨ ରନ୍ ଯୋଡ଼ିଥିଲେ, ସେ ବିଶ୍ୱକପ୍ ରୁ ବାଦ ପଡ଼ିଛନ୍ତି ।ମନ୍ଧାନା ଶାଫାଲି ବର୍ମାଙ୍କ ସହିତ ଓପନିଂ କରିବାକୁ ପ୍ରସ୍ତୁତ, ଏବଂ ନୂତନ ଯୋଡ଼ି ତାଙ୍କ ବ୍ୟାଟିଂ ଉପରେ ପ୍ରଭାବ ପକାଇପାରେ। ଶାଫାଲିଙ୍କୁ ନେଇ ଏକାଦଶରେ, ମନ୍ଧାନା ହାରାହାରି ୫୧.୮୩ ଏବଂ ୮୫.୫୫ ଷ୍ଟ୍ରାଇକ୍ କରନ୍ତି ଯେତେବେଳେ ଏହି ଦୁଇଜଣ ଏକାଠି ଓପନିଂ କରୁଥିଲେ, ସେତେବେଳେ ଶଫାଲି ସାଧାରଣତଃ ପ୍ରାରମ୍ଭିକ ଆକ୍ରମଣକାରୀ ଥିଲେ। କିନ୍ତୁ, ରାୱଲଙ୍କୁ ନେଇ ମ୍ୟାଚ୍‌ରେ ତାଙ୍କ ସଂଖ୍ୟା ସୂଚାଇ ଦିଏ ଯେ ଶଫାଲି ଦଳରୁ ବାହାର ହୋଇଗଲେ। ମନ୍ଧାନା ସେହି ଭୂମିକା ଗ୍ରହଣ କରିଥିଲେ: ହାରାହାରି ୬୨.୬୫, ଷ୍ଟ୍ରାଇକ୍ ରେଟ୍ ୧୦୮.୭୫ ଗୁରୁବାର ନୂତନ (ପୁରୁଣା) ଓପନିଂ ସଂଯୋଜନ କିପରି ବ୍ୟାଟିଂ କରିବେ? ଅଷ୍ଟ୍ରେଲିଆ। ପାଇଁ, ହିଲିଙ୍କ ଉପଲବ୍ଧତା ବିଷୟରେ ଏକ ପ୍ଲାନ ରହିଛି। ଇଂଲଣ୍ଡ ବିପକ୍ଷ ଖେଳ ପୂର୍ବରୁ ଏକ ଛୋଟ ଆଘାତ ତାଙ୍କୁ ବାଦ ଦେଇଥିଲା, ଏବଂ ପରେ ସେ ଦୁଇଟି ମ୍ୟାଚ୍ ହରାଇଥିଲେ ଅଷ୍ଟ୍ରେଲିଆ। ଗତ ବର୍ଷର ୨୦ ବିଶ୍ୱକପ୍ ସେମିଫାଇନାଲକୁ ମନେ ପକାଇବାକୁ ଚାହିଁବ ନାହିଁ; ହିଲି ଏହି ମୁକାବିଲାକୁ ହରାଇଥିଲେ ଏବଂ ଦକ୍ଷିଣ ଆଫ୍ରିକା ୮ ୱିକେଟରେ ବିଜୟୀ ହୋଇଥିଲା। ଏସବୁ ଭିତରେ ଭାରତୀୟ ମହିଳା କ୍ରିକେଟ ଟିମର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନାଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି ।ସେ ଆଇସିସି ଦିନିକିଆ। ମହିଳା ବ୍ୟାଟିଂର ଶୀର୍ଷ ସ୍ଥାନରେ ନଜକୁ ଆହୁରି ମଜବୁତ କରି ନେଇଛନ୍ତି। ଘରୋଇ ମାଟିରେ ମହିଳା ଦିନିକିଆ। ବିଶ୍ୱକପରେ ମଧ୍ୟ ମନ୍ଧାନା ଦମଦାର ପ୍ରଦର୍ଶନ କରି ଚାଲିଛନ୍ତି। ସେ ଏବେ ଚଳିତ ବିଶ୍ୱକପରେ ସର୍ବାଧିକ ରନ ହାସଲକାରୀ ମଧ୍ୟ ହୋଇ ରହିଛନ୍ତି ।ବାମହାତୀ ବ୍ୟାଟର ସ୍ମୃତି ମନ୍ଧାନା ବିଶ୍ୱକପର ଶେଷ ଦୁଇ ମ୍ୟାଚ୍‌ରେ ଯଥାକ୍ରମେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୧୦୯ ଓ ବାଂଲାଦେଶ ବିପକ୍ଷରେ ଅପରାଜିତ ୩୪ ରନର ଇନିଂସ ଖେଳିଥିଲେ।

## ବର୍ଷା ସାଜିପାରେ ବାଧକ

ଗୁରୁବାର ମଧ୍ୟ ନଭି ମୁମ୍ବାଇରେ ବର୍ଷା ହେବାର ପ୍ରବଳ ସମ୍ଭାବନା ଅଛି ।ପାଣିପାଗ ବିଭାଗ ଅନୁଯାୟୀ, ଏହି ଦିନ ନଭି ମୁମ୍ବାଇରେ ବର୍ଷା ହେବାର ପୂର୍ବାନୁମାନ ୬୫ ପ୍ରତିଶତ ରହିଛି । ସେମିଫାଇନାଲ ଭାରତୀୟ ସମୟ ଅନୁସାରେ ଅପରାହ୍ନ ୩ଟାରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ତଥାପି, ଅପରାହ୍ନ ସମୟରେ ବର୍ଷା ହେବାର ପ୍ରବଳ ସମ୍ଭାବନା ଅଛି । ଯଦି ଗୁରୁବାରର ମ୍ୟାଚ୍ ବର୍ଷା ଦ୍ୱାରା ଧୋଇଯାଏ, ତଥାପି ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ଏହି ମ୍ୟାଚ୍ ପାଇଁ ଆଇସିସି ଏକ ରିଜର୍ଭ ଡେ' ମଧ୍ୟ ସ୍ଥିର କରିଛି। ଯଦି ବର୍ଷା କିମ୍ବା ଅନ୍ୟାନ୍ୟ କାରଣରୁ ଅକ୍ଟୋବର ୩୦ ତାରିଖରେ ସର୍ବନିମ୍ନ ୨୦-ଓଭର ଫର୍ମାଟ୍ ସମ୍ଭବ ନହୁଏ, ତେବେ ମ୍ୟାଚ୍ ରିଜର୍ଭ ଡେ' ଅର୍ଥାତ ଅକ୍ଟୋବର ୩୧କୁ ସ୍ଥାନାନ୍ତରିତ ହେବ। ରିଜର୍ଭ ଡେ'ରେ ମ୍ୟାଚ୍ ଯେଉଁଠାରେ ରହିଥିବ ସେହିଠାରୁ ପୁଣି ଆରମ୍ଭ ହେବ। ଟସ୍ ହେବା ପରେ, ମ୍ୟାଚ୍ ଲାଇଭ୍ ଭାବରେ ବିବେଚନା କରାଯିବ। ତଥାପି, ସମସ୍ୟା ହେଉଛି ଯେ ଶୁକ୍ରବାର ଅକ୍ଟୋବର ୩୧ରେ ନଭି ମୁମ୍ବାଇରେ ମଧ୍ୟ ବର୍ଷା ହେବାର ସମ୍ଭାବନା ଅଛି। ଅକ୍ଟୋବର ୩୧ ତାରିଖରେ ବର୍ଷା ହେବାର ପୂର୍ବାନୁମାନ ୯୦ ପ୍ରତିଶତ, ଅର୍ଥା ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏବେ ପ୍ରଶ୍ନ ହେଉଛି, ଯଦି ରିଜର୍ଭ ଡେ'ରେ ମ୍ୟାଚ୍ ଫଳାଫଳ ନହୁଏ, ତେବେ କେଉଁ ଦଳ ଫାଇନାଲକୁ ଯିବ? ଏହି ପରିସ୍ଥିତିରେ, ଅଷ୍ଟ୍ରେଲିଆ। ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ କାରଣ ସେମାନେ ପଏଣ୍ଟ ଟେବୁଲରେ ଭାରତଠାରୁ ଅଧିକ ସ୍ଥାନରେ ଅଛନ୍ତି ଲିଗ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ। ସାତଟି ମ୍ୟାଚ୍ ମଧ୍ୟରୁ ଛଅଟି ଜିତିଥିଲା, ବର୍ଷା ଯୋଗୁଁ ଗୋଟିଏ ମ୍ୟାଚ୍ ବାତିଲ ହୋଇଥିଲା।

ଭାରତ ଲିଗ୍ ପର୍ଯ୍ୟାୟରେ ୩ଟି ମ୍ୟାଚ ଜିତିଥିଲା, ୩ଟି ହାରିଥିଲା ଆଉ ଗୋଟିଏ ମ୍ୟାଚର ଫଳାଫଳ ସାମ୍ନାକୁ ଆସିନଥିଲା ଭାରତୀୟ ଟିମ୍ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ଥିଲା ଏହାର ଅର୍ଥ ହେଉଛି ଯଦି ବର୍ଷା ଯୋଗୁଁ ସେମିଫାଇନାଲ ମ୍ୟାଚ୍ ବାତିଲ ହୁଏ, ତେବେ ଅଷ୍ଟ୍ରେଲିଆ। ଦଳ ସେମାନଙ୍କର ଶ୍ରେଷ୍ଠ ଲିଗ୍ ରାଙ୍କିଂ ଆଧାରରେ ଫାଇନାଲକୁ ଉଠିବ ।

# ଭାଙ୍ଗିଲା ନାକାମୁରାଙ୍କ ଗର୍ବ, ଜବାବ ଦେଲେ ଗୁକେଶ



ନୂଆଦିଲ୍ଲୀ, ୨୯।୧୦: ବିଶ୍ୱ ଚେସ୍ ଚାମ୍ପିଅନ୍ ଡି ଗୁକେଶ ପୁଣିଥରେ ପ୍ରମାଣ କରିଛନ୍ତି ଯେ ସେ ଶବ୍ଦରେ ନୁହେଁ, ବରଂ ନିଜ ଖେଳରେ ଉତ୍ତର ଦିଅନ୍ତି। ଆମେରିକାର ସେଣ୍ଟ ଲୁଇସରେ ଖେଳାଯାଉଥିବା କ୍ଲଚ୍ ଚେସ୍: ଚାମ୍ପିଅନ୍ସ ସୋଡାଉନ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଗୁକେଶ ଚମତ୍କାର ପ୍ରଦର୍ଶନ କରିଛନ୍ତି।

ବିଶ୍ୱର ଚାରି ପ୍ରମୁଖ ଖେଳାଳି - ଗୁକେଶ, ମାଗନସ୍ କାର୍ଲସେନ୍, ହିକାରୁ ନାକାମୁରା ଏବଂ ଫାବିଆନୋ କାରୁଆନା - ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଗୁକେଶ ପ୍ରଥମ ରାଉଣ୍ଡରେ କାର୍ଲସେନଙ୍କଠାରୁ ୧.୫-୦.୫ ରେ ପରାସ୍ତ ହୋଇଥିଲେ, କିନ୍ତୁ ସେ ଦମଦାର ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ରାଉଣ୍ଡରେ ନାକାମୁରାଙ୍କୁ ୧.୫-୦.୫ ଏବଂ ତା'ପରେ ତୃତୀୟ ରାଉଣ୍ଡରେ କାରୁଆନାଙ୍କୁ ୨-୦ ରେ ପରାସ୍ତ କରିଛନ୍ତି ।ପ୍ରଥମ ଦିନ ଶେଷରେ ୬ ପଏଣ୍ଟରୁ ୪ ପଏଣ୍ଟ ସହିତ ଶୀର୍ଷରେ ରହିଛନ୍ତି।

କିଛି ସମୟ ପୂର୍ବରୁ, ଏକ ପ୍ରଦର୍ଶନୀ ମ୍ୟାଚରେ, ହିକାରୁ ନାକାମୁରା ଜିତିବା ପରେ ଗୁକେଶଙ୍କ ରାଜା ଚେସକୁ ଦର୍ଶକଙ୍କ ଉପରକୁ ଫିଙ୍ଗିଥିଲେ। ଏହି ଭିଡିଓଟି ସୋସିଆଲ ମିଡିଆରେ ଦୃଷ୍ଟି ଆକର୍ଷଣ କରିଥିଲା। ଅନେକ ଏହା ଉପରେ ଅସନ୍ତୋଷ ପ୍ରକାଶ କରି ଏହାକୁ ଅଣଖେଳୁଅଶାଡ ବୋଲି କହିଥିଲେ। ଏହା ପରେ ନାକାମୁରା ସଫେଇ ଦେଇ କହିଥିଲେ ଏହା ଏକ ମଜା ଥିଲା ଏବଂ ସେ କାହାକୁ ଆଘାତ କରିବାକୁ ଉଦ୍ଦେଶ୍ୟ ରଖି ନଥିଲେ।

ଗୁକେଶ ଏହି ଘଟଣାରେ ପ୍ରତିକ୍ରିୟା ଦେଇ ନଥିଲେ, କିନ୍ତୁ ବର୍ତ୍ତମାନ ସେ ବୋର୍ଡରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଉଚିତ ଜବାବ ଦେଇଛନ୍ତି। ପ୍ରଶଂସକମାନେ ନାକାମୁରାଙ୍କ ବିପକ୍ଷରେ ଗୁକେଶଙ୍କ ବିଜୟକୁ ଶବ୍ଦ ବିନା ପ୍ରତିଶୋଧ ଭାବରେ ପ୍ରଶଂସା କରୁଛନ୍ତି ।ମ୍ୟାଚର ଏକ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯାହା ସ୍ପଷ୍ଟ ଭାବରେ ଗୁକେଶଙ୍କ ଶାନ୍ତ ଏବଂ ଆତ୍ମବିଶ୍ୱାସକୁ ଦେଖାଇଛି।

# ବିଶ୍ୱର ନମ୍ବର-୧ ବ୍ୟାଟର ହେଲେ ରୋହିତ



ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଅଭିଜ୍ଞ ଖେଳାଳି ରୋହିତ ଶର୍ମା ଏବେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ୩୮ ବର୍ଷ ବୟସରେ, ରୋହିତ ପ୍ରଥମ ଥର ପାଇଁ ରାଙ୍କିଂରେ ବିଶ୍ୱର ନମ୍ବର ୧ ବ୍ୟାଟସମ୍ୟାନ୍ ହୋଇଛନ୍ତି ଏହି ସ୍ଥାନରେ ପହଞ୍ଚିବାରେ ସେ ସବୁଠାରୁ ବୟସ୍କ ଖେଳାଳି ହୋଇଛନ୍ତି। ଏହି ଐତିହାସିକ ମାଇଲଖୁଣ୍ଟ ହାସଲ କରିବା ପାଇଁ ରାଙ୍କିଂରେ ଭାରତୀୟ ଅଧିନାୟକ ଶୁଭମନ ଗିଲଙ୍କୁ ପଛରେ ପକାଇ ଦେଇଛନ୍ତି। ରୋହିତ ଅଷ୍ଟ୍ରେଲିଆ। ବିପକ୍ଷରେ ତାଙ୍କର ଚମତ୍କାର ଇନିଂସ ପାଇଁ ରୋହିତ ନମ୍ବର ୧ ରାଙ୍କିଂ ହାସଲ କରିଥିବା ଜଣାଯାଇଛି।

ରୋହିତ ଶର୍ମା। କିମ୍ବଦନ୍ତୀ ବ୍ୟାଟସମ୍ୟାନ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଏହି ବିଶ୍ୱ ରେକର୍ଡ ହାସଲ କରିଛନ୍ତି ରୋହିତ ୩୮ ବର୍ଷ ୧୮୨ ଦିନ ବୟସରେ ରାଙ୍କିଂରେ ନମ୍ବର-୧ ସ୍ଥାନ ହାସଲ କରିଥିବା ବେଳେ ସଚିନ ୨୦୧୧ ମସିହାରେ ୩୮ ବର୍ଷ ୭୩ ଦିନ ବୟସରେ ଟେଷ୍ଟ କ୍ରିକେଟରେ ଏହି ସଫଳତା ହାସଲ କରିଥିଲେ। ରାଙ୍କିଂରେ ନମ୍ବର-୧ ସ୍ଥାନ ପାଇବାରେ ତୃତୀୟ ସବୁଠାରୁ ବୟସ୍କ ଖେଳାଳି ହେଉଛନ୍ତି ଭିଭ ରିଚାର୍ଡସ, ଯିଏ ୩୭ବର୍ଷ ୨୩୦ ଦିନ ବୟସରେ ଏହି ସଫଳତା ହାସଲ କରିଥିଲେ।

ଅଷ୍ଟ୍ରେଲିଆ ଗସ୍ତ ସମୟରେ ରୋହିତ ଶର୍ମାଙ୍କ ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ସେ ଅଷ୍ଟ୍ରେଲିଆ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୭୩ ରନର ଦୁଇଟି ଚମତ୍କାର ଇନିଂସ ଏବଂ ଅପରାଜିତ ୧୨୩ ରନ କରିଥିଲେ। ଏହି ପ୍ରଦର୍ଶନ ପରେ, ସେ ଦିନିକିଆ ରାଙ୍କିଂରେ ନମ୍ବର ୧କୁ ଆସି ୩୮ବର୍ଷ ବୟସରେ ଏହି ସଫଳତା ହାସଲ କରିଥିବା ପ୍ରଥମ ଖେଳାଳି ହୋଇଥିଲେ ଏହା ତାଙ୍କ ଦୀର୍ଘ କ୍ୟାରିଅର ଏବଂ କଠିନ ପରିଶ୍ରମର ଫଳାଫଳ ଯେ ସେ ତାଙ୍କ କ୍ୟାରିଅରର ଏହି ପର୍ଯ୍ୟାୟରେ ମଧ୍ୟ ଶୀର୍ଷରେ ପହଞ୍ଚିପାରିଛନ୍ତି।

# ଆଣ୍ଡରସନଙ୍କୁ ସାର୍ ଉପାଧି

ଲଣ୍ଡନ, ୨୯।୧୦- ଇଂଲଣ୍ଡର ଅବସରପ୍ରାପ୍ତ ପେସର ଜେମ୍ସ ଆଣ୍ଡରସନଙ୍କୁ ମଙ୍ଗଳବାର ନାଇଟ୍‌ହୁଡ୍ ସମ୍ମାନରେ ସମ୍ମାନିତ କରାଯାଇଛି ୱିଣ୍ଡସର କାସେଲଠାରେ ଆୟୋଜିତ ସମାରୋହରେ ପ୍ରିନ୍ସେସ୍ ରୟାଲ ଆନୁଷ୍ଠାନିକ ଭାବେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି କ୍ରିକେଟ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ଉପାଧି ଦିଆଯାଇଛି ସାର ଜେମ୍ସ



୨୦୦୨ରେ ଲଙ୍କାଶାୟାର ପାଇଁ ଫାଷ୍ଟ କ୍ଲାସ୍ କ୍ରିକେଟ୍ ଓ ଇଂଲଣ୍ଡ ଲାଗି ଇଣ୍ଟରନ୍ୟାଶନାଲ ପଦାର୍ପଣ କରିଥିଲେ ଏହାର ପରବର୍ଷ ସେ ୨୦୦୩ ମେରେ ପ୍ରଥମ ଟେଷ୍ଟ ଖେଳିଥିଲେ ତାଙ୍କ ନାମରେ ଇଂଲଣ୍ଡ ପାଇଁ ଟେଷ୍ଟ କ୍ରିକେଟରେ ସର୍ବାଧିକ ଓ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପେସର ଭାବେ ସର୍ବାଧିକ ସଂଖ୍ୟକ ଉଇକେଟ ନେବାର ରେକର୍ଡ ରହିଛି। ୪୩ ବର୍ଷୀୟ ପେସର ତାଙ୍କର ୨୨ ବର୍ଷର ଲମ୍ବା ଇଣ୍ଟରନ୍ୟାଶନାଲ କ୍ୟାରିୟରରେ ୧୮୮ ଟେଷ୍ଟରେ ୭୦୪ ଉଇକେଟ ନେଇଥିଲେ ଟେଷ୍ଟ କ୍ରିକେଟ୍‌ରେ ତାଙ୍କଠାରୁ କେବଳ ଶ୍ରୀଲଙ୍କାର ସ୍ପିନର ମୁଥିଆ। ମୁରଲିଧରନ(୮୦୦) ଓ ଅଷ୍ଟ୍ରେଲିଆର ସ୍ୱର୍ଗତ ଶେନ୍ ୱର୍ନ (୭୦୮) ଅଧିକ ଉଇକେଟ ନେଇଛନ୍ତି। ୨୦୨୪ରେ ଇଣ୍ଟରନ୍ୟାଶନାଲ କ୍ରିକେଟ୍‌ରୁ ଅବସର ନେବା ପରେ ମଧ୍ୟ ଆଣ୍ଡରସନ ତାଙ୍କ ପିଲାଦିନର କ୍ଲବ ଲଙ୍କାଶାୟାର ପାଇଁ ଖେଳିବା ଜାରି ରଖିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ